visit us at
www.paryabekhyak.com

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK | ପର୍ଯ୍ୟବେକ୍ଷକ

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.59 Bhubaneswar Sunday, April 11, 2021 | ୨୪ତମ ବର୍ଷ ସଂଖ୍ୟା–୫୯ ଭୁବନେଶ୍ୱର, ରବିବାର, ଅପ୍ରେଲ ୧୧, ୨୦୨୧ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS





କୁବେର ଘରର ଗୁମର କଥା : ଖଣି ଖାଦନାରେ ଭରପୁର ଓଡ଼ିଶାର କୋଇଡ଼ା ଏବଂ ବଡ଼ବିଲ ଅଞ୍ଚଳର ହୃଦୟ ବିଦାରକ ବାସ୍ତବିକ ଚିତ୍ର...

## ଗୋଟିଏ ଦିନରେ ୧୩୭୪ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୧୦।୪(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୧୩୭୪ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୪୮୧୮୨କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୩୩୯୨୦୦ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ମାମଲା ୭୦୦୩ ରହିଛି । ଆଜି ଚିହ୍ନଟ ହୋଇଥିବା ୧୩୭୪ ଜଣଙ୍କ ମଧ୍ୟରୁ ୮୧୨ ଜଣ ସଂଗରୋଧରୁ ହୋଇଥିବା ବେଳେ ୫୬୨ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୯ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ସୁନ୍ଦରଗଡ ଜିଲ୍ଲାରେ ସବୁଠାରୁ ଅଧିକ ୩୫୫ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୩୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୧୭ ଜଣ, ବରଗଡ଼ରୁ ୫୯ ଜଣ, ଭଦ୍ରକରୁ ୩୦ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୧୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୨, କଟକରୁ ୫୧ ଜଣ, ଦେବଗଡ ଜିଲ୍ଲାରୁ ୮ ଜଣ, ଢେଙ୍କାନାଳ ଜିଲ୍ଲାରୁ ୫ ଜଣ, ଗଜପତି ଜିଲ୍ଲାରୁ ୮, ଗଞ୍ଜାମରୁ ୨୦ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୯ ଜଣ, ଯାଜପୁରରୁ ୨୫ ଜଣ, ଝାରସୁଗୁଡ଼ାରୁ ୫୨ ଜଣ, କଳାହାଣ୍ଡିରୁ ୪୫ ଜଣ, କନ୍ଧମାଳ ଜିଲ୍ଲାରୁ ୩ ଜଣ. କେନ୍ଦ୍ରାପଡ଼ାରୁ ୪ ଜଣ, କେନ୍ଦୁଝରରୁ ୨୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୧୯୩ ଜଣ, କୋରାପୁଟରୁ ୮ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ମୟୂରଭଞ୍ଜରୁ ୨୬ ଜଣ, ନବରଙ୍ଗପୁରରୁ ୨୦ ଜଣ, ନୟାଗଡ଼ରୁ ୧୩ ଜଣ, ନୂଆପଡ଼ାରୁ ୧୩୫ ଜଣ, ପୁରୀରୁ ୪୪ ଜଣ, ରାୟଗଡ଼ାରୁ ୪୭ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୭୭ ଜଣ, ସୋନପୁରରୁ ୪ ଜଣ, ସୁନ୍ଦରଗଡ଼ରୁ ୩୫୫ ଜଣ ଓ ଷ୍ଟେଟ୍ ପୁଲରୁ ୪୫ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

## ଆସନ୍ତାକାଲି ପିପିଲିରେ ପ୍ରଚାର କରିବେ ସାଂସଦ ଜୁଏଲ ଓରାମ

ପିପିଲି-ଡେଲାଙ୍ଗ/ଭୁବନେଶ୍ୱର, ୧୦।୪(ପି.ଏନ): ପିପିଲି ଉପନିର୍ବାଚନରେ ବିଜେପି ବିଶାଳ ପ୍ରଚାର ଅଭିଯାନ ଆରମ୍ଭ କରିଛି । ଏହି ପରିପ୍ରେକ୍ଷୀରେ ଆସନ୍ତାକାଲି (ରବିବାର) ସୁନ୍ଦରଗଡ ସାଂସଦ ତଥା ସଂସଦୀୟ ପ୍ରତିରକ୍ଷା କମିଟି ଅଧକ୍ଷ ଜୁଏଲ ଓରାମ ପ୍ରଚାରର ମଙ୍ଗ ଧରିବେ। ଶ୍ରୀ ଓରାମଙ୍କ ସହ ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର ସାମିଲ ହୋଇ ନିର୍ବାଚନୀ ପ୍ରଚାରକୁ ଆହୁରି ବ୍ୟାପକ କରିବେ । ଶ୍ରୀ ଓରାମ ପିପିଲି ବ୍ଲକ ଅନ୍ତର୍ଗତ ମଙ୍ଗଳପୁର, ଦୁର୍ଗାଦାସପୁର, କୁଳଶ୍ରୀପାଟଣା ଓ ଦାଣ୍ଡମୁକୁନ୍ଦପୁର ପଂଚାୟତରେ ଆୟୋଜିତ ନିର୍ବାଚନୀ ସଭାରେ ସାମିଲ ହୋଇ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବେ।

## ରାଜଧାନୀରେ ବଢୁଛି ସଂକ୍ରମଣ , ୨୪ ଘଂଟାରେ ୧୭୧ ପଜିଟିଭ୍

ଭୁବନେଶ୍ୱର, ୧୦।୪(ପି.ଏନ): ରାଜଧାନୀ ଭୁବନେଶ୍ୱରରେ କରୋନା ସଂକ୍ରମଣ ଦିନକୁ ଦିନ ବଢିବାରେ ଲାଗିଛି । ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଂଚଳରୁ ଗତକାଲି ୧୫୦ ଜଣ ଆକ୍ରାନ୍ତ ଚିହ୍ନଟ ହାଇଥିବା ବେଳେ ଆଜି (ଶନିବାର)୧୭୧ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେଥିରୁ ୪୫ ଜଣ କ୍ୱାରେଂଟାଇନ୍ ରେ ଥିବା ବେଳେ ୧୨୬ ଜଣ ଲୋକାଲ୍ କେସ୍ ରହିଛି। ଏନେଇ ବିଏମସି ଟ୍ୱିଟ୍ କରି ସୂଚନା ଦେଇଛି ।ଆଜି ଚିହ୍ନଟ ହୋଇଥିବା ୧୨୬ କରୋନା ଆକ୍ରାନ୍ତଙ୍କ ଭିତରୁ ଖଣ୍ଡଗିରିରୁ ୧୬ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେହିପରି ଡେଲ୍‌ଟା ଛକରୁ ୧୧, ଓଲ୍‌ଡ ଟାଉନ୍ ରୁ ୬,ଟଙ୍କପାଣି ରୋଡ୍ ରୁ ୬, ପଟିଆରୁ ୬, ନୟାପଲ୍ଲୀରୁ ୫, ପାତ୍ରପଡ଼ାରୁ ୫, ଚନ୍ଦ୍ରଶେଖରପୁରରୁ ୫ , ଜାଗମରାରୁ ୪, ଆଇଆରସି ଭିଲେଜରୁ ୪, ନୀଳାଦ୍ରି ବିହାରୁ ୪, ରସୁଲଗଡ଼ରୁ ୩, ୟୁନିଟ୍ -୩ରୁ ୩ ଜଣ ଲେଖାଏଁ ଆକ୍ରାନ୍ତ ରହିଛନ୍ତ। ଏହାବ୍ୟତୀତ ବଡ଼ଗଡ଼ , ଲକ୍ଷ୍ମୀସାଗର, ସତ୍ୟନଗର , ଶୈଳଶ୍ରୀ ବିହାର, ସହିଦ୍ ନଗର , ରେଂଟାଲ୍ କଲୋନୀ , ସତ୍ୟ ବିହାରୁ , ମୈତ୍ରୀ ବିହାରରୁ , ଜୟଦୁର୍ଗା ନଗରରୁ , ବିଜେବି ନଗରରୁ , ବୁଦ୍ଧେଶ୍ୱର କଲୋନୀରୁ , କଳିଙ୍ଗ ନଗରରୁ ୨ଜଣ ଲେଖାଏଁ ଏବଂ ଆଚାର୍ଯ୍ୟ ବିହାର, ବାଲିପାଟଣା, ଝାରପଡ଼ା, ବାପୁଜୀ ନଗର, ଡମଣା, ଡୁମ୍‌ଡୁମା, ହଂସପାଳ, ଗାଡ଼କଣ, କୋଳଥିଆ, ଖଣ୍ଡଗିରି, ପାଇକ ନଗର, କଳିଙ୍ଗ ବିହାର, ମଧୁସୂଦନ ନଗର, ମଂଚେଶ୍ୱର, ମାଷ୍ଟର କ୍ୟାଂଟିନ, ନନ୍ଦନ ବିହାର, ପଳାଶପଲୀ, ଝାରପଡ଼ା, ଜୟଦେବ ବିହାର, ଶାନ୍ତି ନଗର, ପୋଖରୀପୁଟ ଓ ସାମନ୍ତରାପୁରରୁ ଜଣେ ଲେଖାଏଁ ଲୋକାଲ୍ କେସ୍ ଚିହ୍ନଟ ହୋଇଛନ୍ତି ।ଅପରପକ୍ଷରେ କ୍ୱାରେଂଟାଇନ୍ ମାମଲାମଧ୍ୟରୁ ବିଜେବି ନଗରରୁ ସର୍ବାଧିକ ୮ ଜଣ , ଓଲ୍ଡ ଟାଉନ୍ ରୁ ୭ ଜଣ, ପଟିଆରୁ ୫ ଜଣ , ପଟିଆ ଇଂଜିନିୟରିଂ କଲେଜରୁ ୫ ଜଣ ଓ ଚନ୍ଦ୍ରଶେଖରପୁରରୁ ୪ ଜଣ ଆକ୍ରାନ୍ତ ରହିଛନ୍ତି।

### ଅଢ଼େଇ ଲକ୍ଷ କୋଭିସିଲ୍ଡ ଭୁବନେଶ୍ୱର ବିମାନବନ୍ଦରରେ ପହଂଚିଲା

ଭୁବନେଶ୍ୱର, ୧୦।୪(ପି.ଏନ): ଭୁବନେଶ୍ୱର ବିମାନବନ୍ଦରରେ ଅଢ଼େଇ ଲକ୍ଷ କୋଭିସିଲ୍ଡ ଟିକା ଆସି ପହଂଚିଛି । ସମସ୍ତ ଜ ଜିଲ୍ଲାକୁ ଏହି ଟିକା ପଠା ଯିବ। ଟିକା ନେବା ପାଇଁ ବିଭିନ୍ନ ଜିଲ୍ଲାରୁ ଗାଡ଼ି ଭୁବନେଶ୍ୱରରେ ପହଂଚିଛି । ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ ଆସନ୍ତାକାଲି ରାଜ୍ୟର ସମସ୍ତ ଟିକାକରଣ କେନ୍ଦ୍ରରେ ଟିକା ଦିଆଯିବ ବୋଲି ସୂଚନା ଦେଇଛନ୍ତି। ଆସନ୍ତାକାଲି ଠାରୁ ଏପ୍ରିଲ ୧୪ ଯାଏ ପାଳିତ ହେବ ଟିକା ଉତ୍ସବ ।

### କାଭାକ୍ସିନ୍ ର ଦ୍ୱିତୀୟ ଡୋଜ୍ ନେଲେ ଅପରାଜିତା

ଭୁବନେଶ୍ୱର, ୧୦।୪(ପି.ଏନ): ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ଶନିବାର ଦିନ କୋଭିଡ୍ ଟୀକାର ଦ୍ୱିତୀୟ ଡୋଜ୍ ନେଇଛନ୍ତି।

## ଏସସିବିରୁ କୁଖ୍ୟାତ ଗ୍ୟାଙ୍ଗଷ୍ଟାର ହାଇଦର ଫେରାର୍ : ଧରିବାକୁ ଆରମ୍ଭ ହେଲା ସ୍ୱତନ୍ତ୍ର ଅପରେସନ୍

କଟକ/ଭୁବନେଶ୍ୱର, ୧୦।୪ (ପି.ଏନ): କୁଖ୍ୟାତ ଗ୍ୟାଙ୍ଗଷ୍ଟାର ସୁଲେମାନ୍ ହାଇଦର କଟକ ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲରୁ ଫେରାର ହୋଇଯାଇଛି। ଏସସିବିର ସର୍ଜରୀ ୱାର୍ଡର ୫ ନଂ କ୍ୟାବିନ୍ ରେ ୧୨ ଦିନ ଧରି ଚିକିତ୍ସାଧୀନ ଥିବା ବେଳେ ଶନିବାର ଅପରାହ୍ନରେ ଫେରାର୍ ହୋଇଯାଇଥିବା ଜଣାପଡିଛି। କ୍ୟାବିନ୍ ନିକଟରୁ ନିୟୋଜିତ ଥିବା ଜଣେ ସୁରକ୍ଷାକର୍ମଚାରୀଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରାଯାଇଛି। ତେଣୁ ହାଇଦର ସୁରକ୍ଷା କର୍ମଚାରୀଙ୍କୁ ନିଶା ଦେଇ ଫେରାର ହୋଇଯାଇଥିବା ଅନୁମାନ କରାଯାଉଛି। କଟକ ଡିସିପି ପ୍ରତୀକ ସିଂହଙ୍କ କହିବା ଅନୁଯାୟୀ ହାଇଦରକୁ ଧରିବା ପାଇଁ ଅପରେସନ୍ କୁ ଜୋରଦାର କରାଯାଇଛି। ସୀମା ସିଲ୍ କରାଯାଇଛି। ପଡୋଶୀ ଜିଲ୍ଲା କେନ୍ଦ୍ରାପଡା ଓ ଯାଜପୁର ଏସପି ମାନଙ୍କୁ ଜଣାଇ ଦିଆଯାଇଛି ଏବଂ ସର୍ଚ୍ଚ ଅପରେସନ୍ କରିବାକୁ କୁହାଯାଇଛି। ସୂଚନାଯୋଗ୍ୟ ଯେ କେନ୍ଦୁଝରର ଖଣି ବ୍ୟବସାୟୀ ରଶ୍ମୀ ମହାପାତ୍ର ଓ ସେକ୍ ଚୁନା ହତ୍ୟାକାଣ୍ଡ ମାମଲାରେ ହାଇଦର ସଜା ଭୋଗୁଥିଲା। ବୁର୍ଲା ସର୍କଲ ଜେଲରେ ହାଇଦରକୁ ରଖାଯାଇଥିବା ବେଳେ ଅସୁସ୍ଥତା ଯୋଗୁଁ ତାକୁ ବୁର୍ଲା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ତେବେ ୧୨ ଦିନ ତଳେ ତାକୁ କଟକ ଏସସିବି ଅଣାଯାଇଥିଲା।

## କାଳବୈଶାଖୀ ସମ୍ଭାବନା, ୧୬ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ

ଭୁବନେଶ୍ୱର, ୧୦।୪(ପି.ଏନ): ରାଜ୍ୟରେ କାଳବୈଶାଖୀର ପ୍ରଭାବ ଯୋଗୁଁ ଅଧିକାଂଶ ସ୍ଥାନରେ ତାପମାତ୍ରା କମ୍ ରହିଛି। ଆକାଶ ମେଘାଚ୍ଛନ୍ନ ରହିବା ସହ ସ୍ଥାନେ ସ୍ଥାନେ ବର୍ଷା ହେବାର ସୂଚନାରହିଛି। ଆସନ୍ତା ୨-୩ ଦିନ ପର୍ଯ୍ୟନ୍ତ ଏହିଭଳି ପାଗ ଲାଗି ରହିବ ବୋଲି ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ପାଣିପାଗ ବିଭାଗର ସୂଚନା ମୁତାବକ ଆଜି ଠାରୁ ଆସନ୍ତାକାଲି(ରବିବାର) ସୁନ୍ଦରଗଡ, ଦେବଗଡ, କେନ୍ଦୁଝର,ମୟୁରଭଂଜ, ବାଲେଶ୍ୱର, ଭଦ୍ରକ, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି, ରାୟଗଡା, ଗଜପତି, କନ୍ଧମାଳ. ଖୋର୍ଦ୍ଧା , ନୟାଗଡ ଓ ଗଂଜାମ ଜିଲ୍ଲାର କିଛି ସ୍ଥାନରେ ଝଡ-ବର୍ଷା ସହ ବଜ୍ରପାତ ହୋଇପାରେ। ଏହି ସମୟରେ ଘଂଟାପ୍ରତି ୩୦ରୁ ୪୦ କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି। ତେଣୁ ଏହି ୧୬ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

## ନକଲି ପାଣିର ବହୁଳ ବ୍ୟବହାର : କମ୍ପାନୀ ମାଲେମାଲ୍, ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଶୂନ

ଧର୍ମଶାଳା,୧୦।୪(ପି.ଏନ): ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ବାରମ୍ବାର ପାଣି ପାଉଚର ବ୍ୟବହାରକୁ ନିସିଦ୍ଧ କରାଯାଉଥିଲେ ସୁଦ୍ଧା ଯାଜପୁର ଜିଲା ଧର୍ମଶାଳା ଓ ରସୁଲପୁର ବ୍ଲକରେ ଏହାର ବହୁଳ ଭାବେ ବିକ୍ରୀ ଚାଲିଛି । ଏବଂ ଛତୁ ଫୁଟିଲା ପରି ଯିଏ ଯେଉଁଠି ପାରିଲା ସିଏ ସେଇଠି କମ୍ପାନୀ ପକାଇ ନିମ୍ନମାନର ପାଣି ବ୍ୟବସାୟ କରି ଚାଲୁଛନ୍ତି । ପ୍ରତିଦିନ ବିଭିନ୍ନ ଭୋଜି,ଛୋଟ ମୋଟ କାର୍ଯ୍ୟକ୍ରମ,ସରକାରୀ କାର୍ଯ୍ୟକ୍ରମ ଏବଂ ଭୋଜିମାନଙ୍କରେ ମଧ୍ୟ ବହୁଳ ବ୍ୟବହାର ଦେଖିବାକୁ ମିଳିଛି। ବହୁଦିନ ପୂର୍ବରୁ କିଛି ଆଖି ଦୃଶିଆ ଭାବେ କାଁ ଭାଁ ସ୍ଥାନରେ ଛୋଟଛୋଟ ଦୋକାନମାନଙ୍କରେ ଚଢ଼ଉ ହୋଇଥିଲା । କିନ୍ତୁ ପରବର୍ତ୍ତି ପର୍ଯ୍ୟାୟରେ ତାହା ଯେତେ ମାଠୁଛୁ ମାଠ ନୀତିରେ ଏହି ବ୍ୟବସାୟ କ୍ରମଶଃ ଅହେତୁକ ଭାବେ ବୃଦ୍ଧି ପାଇବାରେ ଲାଗିଛି। ଏବେ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାରୁ ଏବେ ଏହାର ବ୍ୟବହାର ଆଶାଠୁ ଅଧିକ ଖୁଲମ ଖୁଲା ବିକ୍ରୀ ବୃଦ୍ଧି ପାଇଛି । ଫଳରେ ଏହି କାର୍ଯ୍ୟାନୁଷ୍ଠାନ ପାଣିରଗାର ସଦୃଶ ହୋଇଛି । ଜିଲା ତଥା ଜିଲା ବାହାରୁ କିଛି ବେଆଇନ ଏବଂ ବିନା ଲାଇସେନସ୍‌ରେ ପାଣି ପାଉଚ କାରଖାନା ଖୋଲୁଛି । ପାଉଚ ପାଣି ପ୍ୟାକେଟରେ କୌଣସି ଅବଧି ନ ଥିବା ବେଳେ ଆଇଏସ୍‌ଆଇ ମାର୍କ ମଧ୍ୟ ରହୁନାହିଁ। କିନ୍ତୁ ଏହାର ମାନ୍ୟତା ଯାଞ୍ଚ କରାଯାଉ ନାହିଁ। ଏଣେ ଲୋକମାନେ ମଧ୍ୟ ବାରମ୍ବାର ସଚେତନ କରାଗଲେ ମଧ୍ୟ ସଚେତନ ଅଭାବରୁ ଦିନକୁ ଦିନ ପାଣି କାରଖାନା ବୃଦ୍ଧି ପାଉଛି । ଧର୍ମଶାଳା ବ୍ଲକ ବହୁ ପଂଚାୟତରେ ଏହି ପାଣି କମ୍ପାନୀ ଗଢି ଉଠିଥିବା ଦେଖିବାକୁ ମିଳିଛି । କମ୍ପାନୀମାନେ ଏହି ପାଣିକୁ ବିଭିନ୍ନ ଏହି ବ୍ଲକରକାଲମା, କୋତପୁର, ମିର୍ଜାପୁର, ପଟୁଣିଆ, ରମାପୁର, ଭଗବାନପୁର, ନାଳକୂଳ, ଅରାବଳ ଓ ରସୁଲପୁର ବ୍ଲକ କୁଆଖିଆ, ହରିପୁର, ବରୁଆଁ, ବ୍ରହ୍ମବରଦା ଆଦି ଗୁରୁତ୍ୱପୂର୍ଣ୍ଣ ଅଂଚଳରେ ବଡବଡ ଦୋକାନୀମାନଙ୍କୁ ବେଧଡକଭାବେ ଯୋଗାଇ ଦେଇଥାଆନ୍ତି। କିଛି ମାସ ତଳେ ପାଉଚ ପାଣିରେ ଇବୋଲା ଭାଇରସକୁ ନେଇ ଆତଙ୍କ ସୃଷ୍ଟି ହୋଇଥିଲା । କିଛିଦିନ ସଚେତନ ଲୋକେ ଏହାର ବ୍ୟବହାର କରିନଥିଲେ କିନ୍ତୁ ପରବର୍ତ୍ତି ପର୍ଯ୍ୟାୟରେ ପାଉଚର ବ୍ୟବହାର ଦିନକୁ ଦିନ ବଢୁଛି । କିଛି ଅସାଧୁ ଅଧିକାରୀଙ୍କୁ ବ୍ୟସାୟୀମାନେ ହାତ ବାରିସି କରି ବ୍ୟବସାୟ ବଢାଇବାରେ ଲାଗିଛନ୍ତି । ପ୍ରଶାସନ ତରଫରୁ ବେଆଇନ କାରଖାନା ପ୍ରତି କୌଣସି ପଦକ୍ଷେପ ନେବା ତ ଦୂର କଥା ପାଣିର ମାନ୍ୟତାକୁ ମଧ ଯାଂଚ୍ କରାଯାଉନାହିଁ । ଏହି ବ୍ୟବସାୟୀମାନେ ଖୋଲାପାଣିକୁ ପ୍ୟାକେଟ କରି ବିଭିନ୍ନ କମ୍ପାନୀର ନାମ ଦେଇ ବଜାରରେ ଅବାଧରେ ବିକ୍ରୀ ଚାଲାଇଥିବାର ସାଧାରଣରେ ଅଭିଯୋଗ ହୋଇଛି । ବଜାରରେ ଦୋକାନୀମାନଙ୍କୁ କମ୍ ଦରରେ ଏହି ପାଣିକୁ ବିକି ଚାଲି ଯାଇଥାଆନ୍ତି । ଲାଭଖୋର ଦୋକାନୀମାନେ ଅଧିକ ଲୋଭ ଆଶାରେ ସାଧାରଣ ଜନମାନସକୁ ଠକିବାରେ ଦିନ ରାତି ଲାଗି ପଡିଛନ୍ତି । ପ୍ରଶାସନ ଏଥିପ୍ରତି ସଚେତନ ନ ଥିବା ବେଳେ ଜନସାଧାରଣ କିଭଳି ସଚେତନ ହେବେ ? ସେହିଭଳି ସ୍ୱଚ୍ଛ ଭାରତ ଅଭିଯାନରେ ଭାରତକୁ ସ୍ୱଚ୍ଛ ଏବଂ ସୁନ୍ଦର କରିବା ପାଇଁ ପ୍ରୟାସ କରାଯାଉଥିବା ବେଳେ ବିଭିନ୍ନ ସ୍ଥାନରେ ପାଣିପାଉଚ କୁଢକୁଢ ଜମା ହୋଇଥିବା ଦେଖିବାକୁ ମିଳୁଛି । ଏପରିକି ଏହି ନିମ୍ନମାନର ପାଣି ପାଉଚ ବ୍ୟବହାର ବିଭିନ୍ନ ରୋଗ ବ୍ୟାପିବାକୁ ଏଡାଇ ଦିଆଯାଇନପାରେ ବୋଲି ବୁଦ୍ଧିଜୀବି ମହଲରେ ମତ ପ୍ରକାଶ କରିଛନ୍ତି ।

## ସ୍ୱାମିଙ୍କ ପରକ୍ରିୟା ପ୍ରୀତି ଓ ଷଡ଼ଯନ୍ତ୍ରର ଶିକାର ପତ୍ନୀ ପୋଲିସ ଶରଣରେ

ଭଦ୍ରକ, ୧୦।୪(ପି.ଏନ): ମହାରାଷ୍ଟ୍ରର ନାଗପୁରର ଏକ କାଚ କାରଖାନାରେ କାର୍ଯ୍ୟରତ ଭଦ୍ରକ ଜିଲ୍ଲାର ଦୋବଳ ଗ୍ରାମର ସୁରେନ୍ଦ୍ର କୁମାର ଦାସଙ୍କ ନାମରେ ପତ୍ନୀ ଶ୍ରୀମତୀ ରାଜଲକ୍ଷ୍ମୀ ଦାସ ଧାମନଗର ପୋଲିସ ନିକଟରେ କରିଥିବା ଅଭିଯୋଗ ଅନୁଯାୟୀ ଦୁଇ ଝିଅ ଏବଂ ତାଙ୍କୁ ଗତ ବର୍ଷ କୋଭିଡ଼ ଲଗଡ଼ାଉନ ସମୟରେ ନାଗପୁରରେ ଏକା ଛାଡ଼ି ନିଜ ଗ୍ରାମକୁ ଆସି ଦୀର୍ଘ ଏକବର୍ଷ ପର୍ଯ୍ୟନ୍ତ ନ ଫେରିବାରୁ ସେ ବାଧ ହୋଇ ଗତ ୭.୪. ୨୦୨୧ରିଖରେ ପୋଲିସ ନିକଟରେ ମାନସିକ ଶାରିରିକ ପ୍ରତାରଣା, ପିଲାମାନଙ୍କର କୌଣସି ଦାୟିତ୍ୱ ବହନ ନକରିବା, ଧମକ ଚମକ ଦେବା, ଗୁପ୍ତ ଭାବରେ ଉଠାଇଥିବା ତାଙ୍କର ଅନ୍ତରଙ୍ଗ ମୁହୂର୍ତ୍ତର ଅଶ୍ଳିଳ ଚିତ୍ର ସର୍ବସମ୍ମୁଖରେ ପ୍ରଘଟ କରାଇବା ଏପରିକି ଜୀବନରେ ମାରିଦେବା ଭଳି ସଙ୍ଗୀନ ଅଭିଯୋଗ କରିଛନ୍ତି। ରାଜଲକ୍ଷ୍ମୀଙ୍କ ବାପା ଦେଇଥିବା କାର୍, ମୂଲ୍ୟବାନ ସାମଗ୍ରୀ ଏବଂ ମୋବାଇଲ ଫୋନ ଇତ୍ୟାଦି ସୁରେନ୍ଦ୍ର ନିଜ ସହ ନେଇ ଆସିଥିଲେ। ସୁରେନ୍ଦ୍ରଙ୍କର ନିଜର ବଡ଼ ଭାଉଜଙ୍କ ସହ ଅନୈତିକ ସମ୍ପର୍କ ଥିବାରୁ ସେ ରାଜଲକ୍ଷ୍ମୀ ଏବଂ ତାଙ୍କର ଝିଅମାନଙ୍କ ପାଖକୁ ଫେରିବାକୁ ଚାହୁଁନାହାନ୍ତି ବୋଲି ସେ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି। ବିବାହର ୧୭ ବର୍ଷ ଧରି ସୁରେନ୍ଦ୍ର ନିଜ ପତ୍ନିଙ୍କୁ ଅବହେଳା କରିବା ସହ ବିଭିନ୍ନ ପ୍ରକାରର ନିର୍ଯାତନା ଦେଇ ଆସୁଥିଲେ। ଏପରିକି ନାଗପୁରର ଓଡ଼ିଆ ସମାଜର ବରିଷ୍ଠ କାର୍ଯ୍ୟକର୍ତ୍ତାମାନେ ଅସହାୟ ପରିବାରକୁ ଯଥା ସାଧ ସାହାଯ୍ୟ ସହଯୋଗ କରିବା ସହ ସମାଧାନର ଚେଷ୍ଟା କରି ବିଫଳ ହୋଇଛନ୍ତି। ସୁରେନ୍ଦ୍ରଙ୍କର ଏତାଦୃଶ୍ୟ ଅମାନବିକ ଏବଂ ଅନୈତିକ କାର୍ଯ୍ୟକୁ ସବୁ ସ୍ତରରେ ନାପସନ୍ଦ କରାଯିବା ସହ ତାଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଭଦ୍ରକ ଜିଲ୍ଲା ପୋଲିସ ଅଧୀକ୍ଷକ, ପୋଲିସ ଡି.ଜି., ମୁଖ୍ୟ ସଚିବ ତଥା ମାନ୍ୟବର ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କ ନିକଟରେ ଦାବି କରାଯାଇଅଛି ଏବଂ ଅସହାୟ ମା’ ଓ ନାବାଳିକା ଝିଅମାନଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ ପାଇଁ ସର୍ବସାଧାରଣରେ ଦାବି ହେଉଅଛି।




2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on Facebook.com/Mps, Baripada









# ଟି ଟାଇମ୍

## ଟ୍ୟାକ୍ସି ଡ୍ରାଇଭରଙ୍କ ଖାତାକୁ ଆସିଲା ୧୦ହଜାର କୋଟି




ବରନାଲା ବ୍ୟାଙ୍କ ଅଧିକାରୀଙ୍କ ଦାୟିତ୍ୱହୀନତା କାରଣରୁ ଜଣେ ଟ୍ୟାକ୍ସି ଡ୍ରାଇଭରଙ୍କ ଆକାଉଣ୍ଟରେ ପ୍ରଥମେ ୯୮୦୫କୋଟି ଏବଂ ପରେ ୯୯୯କୋଟି (ମୋଟଉ ୧୦୮୦୪କୋଟି)ଟଙ୍କା ଜମା ହୋଇଗଲା। ଦୈନିକ ୫୦୦ଟଙ୍କା ରୋଜଗାର କରୁଥିବା ପାବର ବରନାଲାର ଏହି ଟ୍ୟାକ୍ସି ଡ୍ରାଇଭର ବଲବିନ୍ଦର ସିଂ ହଠାତଉ ଆଶ୍ଚର୍ଯ୍ୟ ହୋଇପଡିଥିଲେ। ମୋବାଇଲରେ ବ୍ୟାଙ୍କ ବାଲାନ୍ସ ମେସେଜଉ ପଢି ତୁରନ୍ତ ଦୌଡିଥିଲେ ଆୟକର କାର୍ଯ୍ୟାଳୟକୁ। ସିଧାସଳଖ ଆୟକର ଅଧିକାରୀଙ୍କ ଗୋଡତଳେ ପଡି ସେ କହିଥିଲେ ଯେ ମୋ ଆକାଉଣ୍ଟକୁ କିପରି ଏତେ ଟଙ୍କା ଆସିଲା ତାହା ମୁଁ ଜାଣିନାହିଁ। ଦୟାକରି ମୋତେ ଜେଲ ପଠାନ୍ତୁ ନାହିଁ। ବଲବିନ୍ଦରଙ୍କ ଷ୍ଟେଟ ବ୍ୟାଙ୍କ ଅଫଉ ପାଟିଆଲାରେ ଏକ ବ୍ୟାଙ୍କ ଆକାଉଣ୍ଟ ରହିଛି। ଏହି ବ୍ୟାଙ୍କର ଅଧିକାରୀମାନଙ୍କ ଦାୟିତ୍ୱ ହୀନତା ଯୋଗୁ ତାଙ୍କ ଆକାଉଣ୍ଟକୁ ଏହି ଟଙ୍କା ଆସିଥିଲା। ଘଟଣା ସମ୍ପର୍କରେ ଜଣାପଡିବା ପରେ ବ୍ୟାଙ୍କ ପ୍ରବନ୍ଧକ ରବିନ୍ଦର କୁମାର ସଫେଇ ଦେଇ କହିଥିଲେ ଯେ ଏହା ଏକ ବୈଷୟିକ ତ୍ରୁଟି ଥିଲା। ତୁରନ୍ତ ଏହି ଖାତାକୁ ଆମେ ବ୍ଲକଉ କରିଛୁ। ଯେଉଁ ଅଧିକାରୀଙ୍କ ଭୁଲ ଯୋଗୁ ଏହା ଘଟିଛି ତାଙ୍କ ବିରୁଦ୍ଧରେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପଟେ ଖବର ପାଇବା ପରେ ଆୟକର ବିଭାଗର ଅଧିକାରୀମାନେ ଏହି ବ୍ୟାଙ୍କ ଉପରେ ରେଡଉ କରିଥିଲେ।

## ପୁରାଣ କାହାଣୀ

# ଅଂହକାରରୂପୀ ସାପ




ମହାରାଷ୍ଟ୍ରର ସନ୍ଥ ଜ୍ଞାନେଶ୍ୱର, ନାମଦେବ ଓ ମୁକ୍ତାବାଈଙ୍କ ସହ ତର୍ଥୀ କରି ପ୍ରସିଦ୍ଧ ସନ୍ଥ ଗୋରାଙ୍କ ନିକଟରେ ପହଂଚିଲେ । ସନ୍ଥ ସମାଗମ ହେଲା, ଚର୍ଚ୍ଚ ଚାଲିଲା । ତବସ୍ୱନୀ ମୁକ୍ତାବାଈ ପାଖରେ ପଡିଥିବା ଏକ ବାଡ଼ିକୁ ଲକ୍ଷ୍ୟ କରି ଗୋରା କୁମ୍ଭାରଙ୍କୁ ପଚାରିଲେ ଇଏ କାଣ ? ଗୋରା ଉତ୍ତର ଦେଲେ ମାଠିଆ ପାକଳ ହୋଇଛି କି କଂଚା ଅଛି, ଜାଣିବା ପାଇଁ ଏହି ବାଡିରେ ଯାଂଚ କରେ । ମୁକ୍ତାବାଈ ହସିଦେଇ କହିଲେ ଆମେ ବି ତ ମାଟିର ପାତ୍ର । ଏଥିରେ ଆମକୁ ଯାଂଚ କରିପାରିବ ? ହଁ କାହିଁକି ନୁହେଁ, କହି ଗୋରା ଉଠିଲା ଏବଂ ସେଠାରେ ଉପସ୍ଥିତ ପ୍ରତ୍ୟେକ ମହାତ୍ମାଙ୍କ ମୁଣ୍ଡକୁ ବାଡ଼େଇଲେ । ସେମାନଙ୍କୁ ମଧ୍ୟରୁ କିଛି ଏଥିରେ ଖୁସି ହେଲେ , ଆଉ କିଛି ସାଧୁଙ୍କୁ ଏହା ରହସ୍ୟ ମନେହେଲା । କିନ୍ତୁ ନାମଦେବଙ୍କୁ ଖରାପ ଲାଗିଲା । ଜଣେ କୁମ୍ଭାର ତାଙ୍କ ଭଳି ସନ୍ଥଙ୍କୁ ବାଡ଼ିରେ ପରୀକ୍ଷା କରୁଛି, ଏହା ତାଙ୍କର ପସନ୍ଦ ହେଲା ନାହିଁ । ତାଙ୍କ ଚେହେରାରେ କ୍ରୋଧ ସ୍ପଷ୍ଟ ବାରି ହେଉଥିଲା। ନାମଦେବଙ୍କ ପାଳି ପଡ଼ିଲା । ଗୋରା ତାଙ୍କ ମୁଣ୍ଡରେ ରଖି କହିଲା ଏ ପାତ୍ର କଂଚା ଅଛି । ତା ପରେ ନାମଦେବଙ୍କୁ ଧୀର ସ୍ୱରରେ କହିଲେ ତପସ୍ୱୀ ଶ୍ରେଷ୍ଠ, ଆପଣ ନିଶ୍ଚୟ ସନ୍ଥ କିନ୍ତୁ ଆପଣଙ୍କର ହୃଦୟରେ ଅହଂକାର ରୂପୀ ସାପ ଏବେ ବି ମରିନାହିଁ । ସେଥିପାଇଁ ମାନ ଆପମାନ ଆନକୁ ଆପଣଙ୍କ ଧ୍ୟାନ ତୁରନ୍ତ ଚାଲିଯାଉଛି । ଯେତେବେଳେ ଜଣେ ସଦ୍‌ଗୁରୁ ଆପଣଙ୍କ ମାର୍ଗଦର୍ଶନ କରିବେ, ଏସାପ ସେତେବେଳ ମରିବ । ସନ୍ଥ ନାମଦେବ ବୁଝିପାରିଲେ । ନିଜ ଭିତରେ ଅହଂକାର ମରିଗଲା । ନାମଦେବଙ୍କୁ ଆଜି ସମସ୍ତେ ଜାଣନ୍ତି, କିନ୍ତୁ ମୂଳଦୁଆ ତଳ ପଥର ଭଳି ଲୋକଙ୍କ ଆଖିରୁ ଦୁରେଇ ଯାଇଛନ୍ତି ଗୋରା । ନାମଦେବଙ୍କୁ ଅଂହକାରମୁକ୍ତ କରିବାରେ ତାଙ୍କର ସବୁଠୁ ବନ ଯୋଗଦାନ ଥିଲା । ପ୍ରକୃତରେ କହିବାକୁ ଗଲେ ନାମଦେବଙ୍କ ଅସଲ ଗୁରୁ ଗୋରା । ତାଙ୍କ କଥାରେ ନାମଦେବ ବିଠୋବା ଖେଚରଙ୍କଠୁ ଦୀକ୍ଷା ନେଲେ ।

# ୨୮ ବର୍ଷ ପରେ ସନ୍ତାନ



ଇଟାଲିର ଛୋଟ ସହର ଓସଟାନାରେ ୧୯୮୭ ପରେ ପ୍ରତମ ତର ଶିଶୁର କାନ୍ଦ ସ୍ୱର ଶୁଣିବାକୁ ମିଳିଛି । ପାବ୍‌ଲୋ ନାମକ ଏହି ଶିଶୁ ତୁରିନ୍ ହସ୍ପିଟାଲ୍‌ରେ ଜନ୍ମ ହୋଇଛି । ତାର ଜନ୍ମ ପରେ ସମଗ୍ର ଅଂଚଳରେ ଖୁସିର ଲହରୀ ଖେଳିଯାଇଛି, ବେଶ ଧୂମଧାମ୍‌ରେ ଉତ୍ସବ ପାଳିତ ହୋଇଛି । ଓସଟାନାର ଲୋକସଂଖ୍ୟା ୮୪ । ଏବେ ଏହି ସଂଖ୍ୟା ୮୫ ହୋଇଛି । ପିଡ଼୍‌ମଂଟ ଅଂଚଳରେ ପାହାନ ମଝିରେ ସ୍ଥିତ ଓସଟାନାର ମେୟର୍ ଗିୟାକୋମା ଲୋମ୍‌ବାରଡୋ ଏ ନେଇ ବହୁତ ଖୁସି । ଦୀର୍ଘ ଦିନର ସ୍ୱପ୍ନ ସତ ହୋଇଛି ବୋଲି ସେ କହିଛନ୍ତି । ଉନବିଂଶ ଶତାବ୍ଦୀ ଆରମ୍ଭରେ ୧ ହଜାର ଲୋକ ଏଁଠାରେ ବାସ କରୁଥିଲେ । ଧୀରେ ଦୀରେ ଜନସଂଖ୍ୟା କମିଲା । ୧୯୭୫ରେ ଜନ୍ମହାର ବହୁତ କମିଲା । ୧୯୭୬ ଓ ୧୯୮୭ ମଧ୍ୟରେ ୧୭ ପିଲା ଜନ୍ମ ହୋଇଥିଲେ । ଏହି ସମସ୍ୟାରୁ ମୁକୁଳିବା ପାଇଁ ଓସଟାନା ନୂଆ ଚାକିରି ସୃଷ୍ଟି କରିବାକୁ ଯୋଜନା କରୁଛି । ସହରର ପରମ୍ପରା ରକ୍ଷା କରିବା ପାଇଁ ଏହାର ପ୍ରବେଶ ଦ୍ୱାରରେ ଏକ ବଗ ମଡେଲ ନିର୍ମିତ ହୋଇଛି । ତା ଥଂଟରେ ନୀଳ ରଙ୍ଗର ଗୋଟିଏ ଛୋଟ ବିଡ଼ା ଅଛି ।

# ଭୋଡକା ନେଲା ଜୀବନ



ଜୋସରେ ଆସି ହୋସ ଉଡାଇବା ଅନୁଚିତ । ବ୍ରାଜିଲର ବାଉର ମସକିଟୋ ୟୁନଭରସିଟିର ଛାତ୍ର ସାଙ୍ଗମାନଙ୍କ ସହ ମିଶି ଭୋଡକା ପିଇବାର ବାଜି ଲଗାଇଥିଲେ । ୨୩ ବର୍ଷୀୟ ହମବ୍ରୋଟ ମୁର ଫୋନସକା ୧ ମିନିଟରେ ୨୫ ଭୋଡକା ସୋଟସ ପିଇଥିଲେ । ହମବ୍ରୋଟଙ୍କଠାରୁ ଅନ୍ୟ କେହି ଶୀଘ୍ର ପିଇ ପାରିନଥିଲେ । ୨୫ଟି ଭୋଡକା ପିଇବା ପରେ ଜ୍ୱର ହେବା ପରି ଅନୁଭବ କରିଥିଲେ । ନିଶା ଅଧିକ ହୋଇ ଯାଇଥିବାରୁ ସେ ଅଚେତ ହୋଇପଡିଥିଲେ । ହମବ୍ରୋଟଙ୍କ ଅନ୍ୟ ସାଙ୍ଗମାନେ ବାନ୍ତି କରିବାରେ ଲାଗିଲେ । ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ଆମ୍ବୁଲାନ୍ସ ଡାକିବାକୁ ପଡିଥିଲା । ଭୋଟକା ପିଇଥିବା ସମସ୍ତ ଛାତ୍ରଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ହମବ୍ରୋଟଙ୍କ ହସ୍ପିଟାଲ ଯିବା ରାସ୍ତାରେ ମୃତ୍ୟୁ ହୋଇଥିଲା ।

## ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ଥି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# ଲାଭଦାୟକ ୱେବ୍‌ସାଇଟ୍



ଅନ୍‌ଲାଇନ୍ ସପିଂର ମଜା ଯିଏ କରିଛି ସିଏ ଜାଣିଛି । ଗୋଟିଏ କ୍ଲିକ୍‌ରେ ଜିନିଷ ପାଖରେ ଆସି ହାଜର ହୋଇଯାଏ । ନା ମୁଲେଇ କରିବାକୁ ପଡ଼ିଥାଏ ନା ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥାଏ । କଥାରେ କହନ୍ତି ବାପାମା'ଙ୍କୁ ଛାଡ଼ିଦେଇ ସବୁକିଛି ଇଣ୍ଟରନେଟ୍‌ରେ ଉପଲବ୍ଧ । କିନ୍ତୁ ଆଜି ଆପଣଙ୍କୁ ଆମେ ଏପରି ଏକ ୱେବ୍‌ସାଇଟ୍ ବିଷୟରେ ଜଣାଇବୁ ଯେଉଁଥିରୁ ଆପଣ ଯାହା ଚହିଁବେ ତାହା କିଣିପାରିବେ । ଜାପାନର ଏକ ୱେବ୍‌ସାଇଟ୍ ନ୍ତରେଣ୍ଟଏବାଇଫଅଟୋବା ଡଟ୍ କମ୍'ରେ ଆପଣଙ୍କୁ ଅନ୍ତଃବସ୍ତ୍ରଠାରୁ ଆରମ୍ଭ କରି ମା-ବାପା, ପତି-ପତ୍ନୀ ଏବଂ ପିଲା ମଧ ଭଡ଼ାରେ ମିଳିଥାନ୍ତି । ବର୍ତ୍ତମାନ ଜାପାନରେ ଏହି ୱେବ୍‌ସାଇଟ୍ ଅନେକ ଲୋକପ୍ରିୟ ହୋଇଗଲାଣି । ଏହି ୱେବ୍‌ସାଇଟ୍‌ଟି ଗ୍ରାହକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇବା ପାଇଁ ଗ୍ରାହକମାନଙ୍କଠାରୁ ମୋଟା ପରିମାଣର ଅର୍ଥ ନେଇଥାଏ । ଜାଣିରଖନ୍ତୁ ଏହି ୱେବ୍ ସାଇଟ୍‌ରେ କ'ଣ ସବୁ ମିଳୁଛି ? ଯଦି ଆପଣ ଏକଲା ଅଛନ୍ତି ତେବେ ଏହି ୱେବ୍‌ସାଇଟ୍‌ଟି ଆପଣଙ୍କ ଏକୁଟିଆପଣ ଦୂର କରିବା ପାଇଁ ଗ୍ରାହକଙ୍କ ଇଚ୍ଛା ମୁତାବକ ପୁରୁଷ କିମ୍ବା ସ୍ତ୍ରୀ ବନ୍ଧୁ ମଧ ଉପଲବ୍ଧ କରେଇଥାଏ ।

## ମୋଗଲ ଯୁଗର ଘଣ୍ଟେୱାଲା ଦୋକାନ

ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଣ୍ଟେୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତ୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଣ୍ଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

## କର୍କଟ ରୋଗୀଙ୍କୁ କେଶ ଦାନ

ମୁମ୍ବାଇର ପ୍ରାୟ ୫୨ ଯୁବତୀ ସେମାନଙ୍କର କେଶ କର୍କଟ ଗୋଗୀଙ୍କର କେଶ କର୍କଟ ଗୋଗୀଙ୍କୁ ଦାନ କରିଛନ୍ତି । କର୍କଟ ରୋଗୀଙ୍କ ମନୋବଳ ବଢାଇବା ପାଇଁ ସ୍ଥାନୀୟ ପେଦାର୍ ରୋଡ଼ ସ୍ଥିତ ଯଶଲୋକ ଡାକ୍ତରଖାନା ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । କର୍କଟ ପୀଡ଼ିତମାନେ ହଠାତ୍ ନିଜର ଶାରୀରିକ ପରିବର୍ତ୍ତନକୁ ଗ୍ରହଣ କରିପାରନ୍ତି ନାହିଁ । ଫଳରେମାନସିକ ଦୁଶ୍ଚିନ୍ତା ଓ ଅବସାଦର ଶିକାର ହୁଅନ୍ତି । ଡାକ୍ତରକାନା ସହ ହେୟାର୍ ଷ୍ଟାଇଲିଶ ସପ୍ନା ଭବାନାନୀ ସାମିଲ ହୋଇଛନ୍ତି । କେଶ ଦାତାଙ୍କୁ ସେ ନୂଆ ଲୁକ୍ ଦେଇଛନ୍ତି । ଦାନ କରାଯାଇଥିବା କେଶକୁ କର୍କଟ ରୋଗୀଙ୍କ କଲ୍ୟାଣ ପାଇଁ କାର୍ଯ୍ୟରତ ଏକ ଏନ୍‌ଜିଓରେ ପ୍ରଦାନ କରାଯାଇଛି । ଏହା କେଶରେ ୱିଗ୍ ତିଆରି କରି କର୍କଟ



ରୋଗୀଙ୍କୁ ଦିଆଯିବ । କେଶ ଦାନ କରିଥିବା ୨୧ ବର୍ଷୀୟ ସ୍ନେହ ଶେଟ୍ଟୀ କହନ୍ତି ମୋ କେଶ ପାଇଥିବା ମହିଳା ଏବେ ଖୁସି ହୋଇପାରିବେ ଏବଂ ପୂର୍ବ ଭଳି ପୁଣି ଥରେ ସୌନ୍ଦର୍ଯ୍ୟ ଫେରିପାଇଥିବେ ।

## ୬ବର୍ଷ ବୟସରୁ ଦିଆଯାଏ ଶାରିରୀକ ସମ୍ପର୍କ ରଖିବାର ଶିକ୍ଷା



ପାପୁଆ ନ୍ୟୁ ଗିନି ସାଧାରଣତଃ ୬/୭ବର୍ଷ ବୟସର ଶିଶୁମାନେ ନିଜକୁ ପାଠ ପଢା ଓ ଖେଳ କୁଦରେ ମସଗୁଲ ରଖିଥାନ୍ତି। ହେଲେ ଏପରି ଏକ ଜନଜାତି ଆଜି ବି ପୃଥିବୀ ପୃଷ୍ଠରେ ବାସ କରୁଛନ୍ତି ଯେଉଁମାନେ ସେମାନଙ୍କର ପିଲାମାନଙ୍କୁ ୬ବର୍ଷ ବୟସରୁ ଶାରିରୀକ ସମ୍ପର୍କ ରକ୍ଷା କରିବାର ଶିକ୍ଷା ପ୍ରଦାନ କରିଥାନ୍ତି। ଏହି ଜନଜାତି ହେଉଛନ୍ତି ପାପୁଆ ନ୍ୟୁ ଗିନିରେ ରହୁଥିବା ଟ୍ରୋବ୍ରିଆଣ୍ଡ। ୬ବର୍ଷ ବୟସରୁ ସେମାନଙ୍କୁ ଏହି ଶିକ୍ଷା ଦେବାପରେ ୧୦ବର୍ଷ ବୟସରୁ ସେମାନଙ୍କୁ ବିବାହ ବନ୍ଧନରେ ବାନ୍ଧିଥାନ୍ତି। ଏହି ଜନଜାତିର ଅଭିଭାବକମାନେ ସେମାନଙ୍କର ଶିଶୁମାନଙ୍କୁ କିପରି ଶାରିରୀକ ସମ୍ପର୍କ ରକ୍ଷା କରାଯିବ ତା'ର ପ୍ରଶିକ୍ଷଣ ଦିଅନ୍ତି। ପୁଅ ଓ ଝିଅ ମନୋନୀତ କରିବା ଏହା ଉଭୟ ପରିବାରର ସହମତିରେ ହିଁ ହୋଇଥାଏ। ସାଧାରଣତଃ ଯେଉଁ ପୁଅ ଝିଅଙ୍କ ମଧ୍ୟରେ ଶାରିରୀକ ସମ୍ପର୍କ ପାଇଁ ଅଭିଭାବକମାନେ ସହଯୋଗ ଯୋଗାଇଥାନ୍ତି ସେମାନଙ୍କ ମଧ୍ୟରେ ହିଁ ହୁଏ ବିବାହ। ଅନେକ ବର୍ଷ କାଳରୁ ଏହି ପରମ୍ପରା ଚାଲିଆସୁଛି। ସେହିପରି ଜନଜାତିର ଅନେକ ଅଜବ ନିୟମ ଆଜି ବି ରହିଛି। ଯେଉଁ କାରଣରୁ ଏହି ଆଇଲାଣ୍ଡରେ ରହୁଥିବା ଜନଜାତିଙ୍କୁ ନ୍ତଫ୍ରି ଲଭ କମ୍ୟୁନିଟଉ' କୁହାଯାଏ। ବର୍ତ୍ତମାନ ଏହି ଜନଜାତିଙ୍କ ସଂଖ୍ୟା ୧୨ହଜାର ଥିଲା ବେଳେ ବାହାର ଦୁନିଆ ସହ ସେମାନଙ୍କ ଯୋଗାଯୋଗ ଆଦୌ ନାହିଁ କହିଲେ ଚଳେ।




# ସ୍ୱାସ୍ଥ୍ୟସେବାର ନବକଳେବର



କରୋନା ମହାମାରୀ ସମଗ୍ର ବିଶ୍ୱବାସୀଙ୍କୁ ଏକ ପ୍ରକାର ଯେଉଁପରି ଦୁଃଖ ପହଞ୍ଚାଇଥିଲା ପରବର୍ତ୍ତୀ ସମୟରେ ସରକାର ଓ ସ୍ୱାସ୍ଥ୍ୟ ବିଭାଗ ବ୍ୟାପକ ଉଦ୍ୟମ କରି କରୋନା ବିରୁଦ୍ଧରେ ଏକ ପ୍ରକାର ବିଜୟ ଲାଭ କରିଛନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ। କରୋନା ପାଇଁ ବ୍ୟାପକ ଟୀକାକରଣ କାର୍ଯ୍ୟକ୍ରମ ମଧ୍ୟ ହାତକୁ ନିଆଯାଇଛି। ଏ କ୍ଷେତ୍ରରେ କରୋନା ବିରୁଦ୍ଧରେ ସଂଗ୍ରାମ କରୁଥିବା ଆଗୁଆ ଯୋଦ୍ଧା ମାନଙ୍କୁ ପ୍ରାଥମିକ ଭାବେ ଜରୁରୀକାଳୀନ ବ୍ୟବସ୍ଥା ଅନୁଯାୟୀ ଟିକା ପ୍ରଦାନ କରାଯାଉଛି। ଏସବୁ ସତ୍ତ୍ୱେ ଓଡ଼ିଶାର ସ୍ୱାସ୍ଥ୍ୟସେବାର ଏକ ନବକଳେବର ହେବାକୁ ଯାଉଛି କହିଲେ ଅତ୍ୟୁକ୍ତି ହେବନାହିଁ। ଓଡ଼ିଶାର ସର୍ବବୃହତ୍ତ ଚିକିତ୍ସା ପ୍ରତିଷ୍ଠାନ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜକୁ ସରକାର ବିଶ୍ୱସ୍ତରୀୟ ମାନ୍ୟତା ପ୍ରଦାନ ନିମିତ୍ତ ଅନେକ ଯୋଜନା ହାତକୁ ନେଇଛନ୍ତି। ଜାନୁଆରୀ ୧, ୨୦୨୪ରେ ପରିବର୍ତ୍ତିତ ଓ ପରିବର୍ଦ୍ଧିତ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକର ଲୋକାର୍ପଣ ହେବ। ରାଜ୍ୟର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆଉ ଏକ ମାଇଲ ଷ୍ଟୋନ ପ୍ରତିଷ୍ଠା ହେବ। ତେବେ କେବଳ ଏସସିବି ମେଡ଼ିକାଲ କଲେଜ ଓ ହସ୍ପିଟାଲର ନବକଳେବର ନୁହେଁ, ପୁରା ରାଜ୍ୟର ସ୍ୱାସ୍ଥ୍ୟସେବା ନବକଳେବରର ଧାରାରେ ସାମିଲ ହୋଇସାରିଛି। କରୋନା ମହାମାରୀ ସମଗ୍ର ବିଶ୍ୱକୁ କବଳିତ କରି ରଖିଥିବା ବେଳେ ଓଡ଼ିଶା ଆଜି ଅନ୍ୟମାନଙ୍କ ପାଇଁ ରୋଲ ମଡ଼େଲ ହୋଇପାରିଛି। ଓଡ଼ିଶା ସରକାରଙ୍କ ସଫଳ କୋଭିଡ଼ ପରିଚାଳନାକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଡବ୍ଲ୍ୟୁଏଚ୍‌ଓ ଠାରୁ ଆରମ୍ଭ କରି କେନ୍ଦ୍ର ସରକାର ସ୍ୱୀକୃତି ପ୍ରଦାନ କରିଛନ୍ତି। ୨୦୧୭ ପରଠାରୁ ମେଡ଼ିକାଲ ଶିକ୍ଷା ଓ ଚିକିତ୍ସାରେ ଅଭୂତପୂର୍ବ ପରିବର୍ତ୍ତନ ଦେଖାଯାଇଛି। ବାଲେଶ୍ୱର, ବାରିପଦା, ବଲାଙ୍ଗିର, କୋରାପୁଟରେ ନିର୍ମିତ ମେଡ଼ିକାଲ କଲେଜରେ ନାମ ଲେଖା ଆରମ୍ଭ ହୋଇଥିବାବେଳେ ପୁରୀରେ ଚଳିତ ବର୍ଷ ନାମଲେଖା ହେବ। ଏହା ବ୍ୟତୀତ କେନ୍ଦୁଝରେ ଓ କଳାହାଣ୍ଡିରେ ରାଜ୍ୟ ସରକାର ନିଜ ପାଣ୍ଠିରୁ ଗୋଟିଏ ଲେଖାଏଁ ମେଡ଼ିକାଲ କଲେଜ ନିର୍ମାଣ କରୁଛନ୍ତି। ସୁନ୍ଦରଗଡ଼ ଓ ତାଳଚେରରେ ମଧ୍ୟ ମେଡ଼ିକାଲ କଲେଜ ପାଇଁ କାମ ଚାଲିଛି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସବୁଠାରୁ ବଡ଼ ଉପଲବ୍ଧି ହେଉଛି କିଡ୍‌ନୀ ପ୍ରତିରୋପଣ ଓ କର୍କଟ ରୋଗର ଚିକିତ୍ସା ବ୍ୟବସ୍ଥା। କିଡ୍‌ନୀ କିମ୍ବା କର୍କଟ ରୋଗର ବ୍ୟୟବହୁଳ ଚିକିତ୍ସା ସମ୍ପୂର୍ଣ୍ଣ ମାଗଣାରେ ଓଡ଼ିଶାରେ ଉପଲବ୍ଧ ହୋଇପାରିଛି। ଜନସାଧାରଣଙ୍କ ପାଇଁ ନିଃଶୁଳ୍କ କିଡ୍‌ନୀ ପ୍ରତିରୋପଣ ବ୍ୟବସ୍ଥା ଆରମ୍ଭ ହୋଇଛି। ଗତ ୫ବର୍ଷ ଭିତରେ ରାଜ୍ୟରେ ଡାକ୍ତରଙ୍କ ସଂଖ୍ୟା ୫ହଜାରରୁ ୧୦ ହଜାରକୁ ବୃଦ୍ଧି ପାଇଛି। ଗତବର୍ଷ ମାର୍ଚ୍ଚ ମାସରେ ଏକ ସଙ୍ଗରେ ୧୦୩୮ ନୂତନ ଡାକ୍ତରଙ୍କୁ ନିଯୁକ୍ତି ମିଳିଥିଲା। ଚଳିତ ବର୍ଷ ଓପିଏସସି ୨୪୫୨ ଡାକ୍ତରଙ୍କ ସମେତ ୮୨ଜଣ ଦନ୍ତ ଚିକିତ୍ସକ, ୯୪ଜଣ ସହକାରୀ ପ୍ରଫେସର, ୧୫୬ ଜଣ ଆର୍ଯ୍ୟୁବେଦିକ ମେଡ଼ିକାଲ ଅଫିସର, ୪୦ ଆର୍ଯ୍ୟୁବେଦିକ ଲେକ୍‌ଚର, ୧୮୪ ହୋମିଓପାଥିକ ମେଡ଼ିକାଲ ଅଫିସର ଓ ୫୦ଜଣ ହୋମିଓପାଥିକ ଲେକ୍‌ଚର ନିଯୁକ୍ତ କରିବା ନେଇ ନିଷ୍ପତ୍ତି ହୋଇଛି। ସେହିପରି ୬୪୩୨ ନର୍ସିଂ ଅଫିସର, ୬୦୦ ଫାର୍ମାସିଷ୍ଟ, ୨୦୦ ରେଡ଼ିଓଗ୍ରାଫର, ୮୭୮ ଆୟୁଷ ସହାୟକ ନିଯୁକ୍ତ ହେବେ। ନକ୍ସଲ ପ୍ରଭାବିତ, ଆଦିବାସୀ କିମ୍ବା ପଛୁଆ ଅଞ୍ଚଳରେ ଥିବା ଡାକ୍ତରଖାନାକୁ ଭି-୪ ବର୍ଗରେ ରଖାଯାଇଛି। ଅର୍ଥାତ୍ ଏହି ବର୍ଗର ଡାକ୍ତରଖାନାକୁ ଅଧିକ ଗୁରୁତ୍ୱ ଦିଆଯିବ। ଭି-୦ ବର୍ଗରେ ଥିବା ଡାକ୍ତରଙ୍କ ତୁଳନାରେ ଭି-୪ ବର୍ଗର ଡାକ୍ତରଖାନାରେ କାମ କରୁଥିବା ଡାକ୍ତରଙ୍କୁ ଦୁଇଗୁଣା ଦରମା ମିଳୁଛି। ଭି-୩ ବର୍ଗର ଡାକ୍ତରଙ୍କୁ ୭୫ ପ୍ରତିଶତ, ଭି-୨ ବର୍ଗର ଡାକ୍ତରଙ୍କୁ ୫୦ ପ୍ରତିଶତ ଅଧିକ ଦରମା ଦିଆଯାଉଛି। ସେହିପରି କେବିକେ ଓ ଆଦିବାସୀ ଅଞ୍ଚଳରେ ଡାକ୍ତର ତିନିବର୍ଷ କାମ କରିବା ପରେ ସ୍ୱୟଂକୃତ ଭାବେ ଅନ୍ୟତ୍ର ବଦଳି ନିୟମ ୨୦୧୫ରୁ ପ୍ରଚଳନ କରାଯାଇଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସକେୱାଇ) ଅଧୀନରେ ଦରିଦ୍ର ଲୋକଙ୍କୁ ମାଗଣା ହୃଦ୍‌ରୋଗ ଚିକିତ୍ସା ଦିଆଯାଉଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ରାଜ୍ୟବାସୀଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇବା ସହ ସାଧାରଣ ଲୋକଙ୍କୁ ମାଗଣାରେ ସର୍ବୋତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟ। ନିଦାନ ମାଧ୍ୟମରେ ଡାଇଗ୍ନୋଷ୍ଟିକ୍ ବ୍ୟବସ୍ଥା କରାଯାଇଛି। ଆବଶ୍ୟକସ୍ଥଳେ ଘରୋଇ ଡାକ୍ତରଖାନାରେ ଲୋକଙ୍କ ମାଗଣା ଚିକିତ୍ସା କରାଯାଉଛି। ମେଡ଼ିକାଲ କଲେଜ ଓ ଡାକ୍ତରଙ୍କ ଅଭାବ ଦୂର ପାଇଁ ବିହିତ ପଦକ୍ଷେପ ଗ୍ରହଣ କରାଯାଉଛି। ତେଣୁ ଆସନ୍ତା ଦୁଇବର୍ଷ ଭିତରେ ଓଡ଼ିଶାରେ ଡାକ୍ତର ଓ ଡାକ୍ତରଖାନାର ଅଭାବ ଦୂର ହେବ ନିଶ୍ଚୟ। ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଗ୍ରାମାଞ୍ଚଳ ଠାରୁ ଉପାନ୍ତ, ଜନଜାତି ବହୁଳ ଅଞ୍ଚଳ ସବୁଠି ସ୍ୱାସ୍ଥ୍ୟସେବାକୁ ଯୁଦ୍ଧକାଳୀନ ଭିତ୍ତିରେ ତ୍ୱରାନ୍ୱିତ କରୁଛନ୍ତି। ଆବଶ୍ୟକୀୟ ଭିତ୍ତିଭୂମି ସୁଦୃଢ଼ ସହ ସମସ୍ତ ଚିକିତ୍ସା ସେବା ଲୋକମାନଙ୍କ ପାଖରେ ପହଞ୍ଚାଇବାର ରାଜ୍ୟ ସରକାରଙ୍କ ଯୋଜନା ଆଜି ଓଡ଼ିଶାକୁ ଏକ ଅଗ୍ରଣୀ ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ରାଜ୍ୟ ଭାବେ ଅନ୍ୟ ରାଜ୍ୟ ପାଇଁ ଆଦର୍ଶର କେନ୍ଦ୍ରବିନ୍ଦୁ ପାଲଟିଛି। ଏ କ୍ଷେତ୍ରରେ ରାଜ୍ୟବାସୀଙ୍କ ସହଯୋଗ ମଧ୍ୟ ଦରକାର।

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**, ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭

# ସରକାରୀ ସ୍କୁଲରେ ସଂରକ୍ଷଣ ଅଫର ସଫଳ ହେବ କି ?

ଡାକ୍ତରୀ ଓ ଇଞ୍ଜିନିୟରିଂ ଶିକ୍ଷାରେ ନାମ ଲେଖାଇବା ପାଇଁ ସରକାରୀ ହାଇସ୍କୁଲ ପିଲାଙ୍କୁ ୧୫ପ୍ରତିଶତ ସ୍ଥାନ ସଂରକ୍ଷଣ ମିଳିବ। ନିକଟରେ ରାଜ୍ୟ କ୍ୟାବିନେଟରେ ଏହି ପ୍ରସ୍ତାବ ଅନୁମୋଦନ ହେବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏ ସମ୍ପର୍କିତ ଏକ ସଂକଳ୍ପ ବିଧାନସଭାରେ ଆଗତ କରିଥିଲେ। ସର୍ବସମ୍ମତିକ୍ରମେ ସଂକଳ୍ପ ପାରିତ ହୋଇଛି। ଏଠାରେ ସୂଚନାଯୋଗ୍ୟ ଯେ, ସରକାରୀ ସ୍କୁଲ ପିଲାଙ୍କୁ ଡାକ୍ତରୀ ଓ ଇଞ୍ଜିନିୟରିଂ କ୍ଷେତ୍ରରେ ସ୍ଥାନ ସଂରକ୍ଷଣ ଦେବାକୁ ପୂର୍ବରୁ ସରକାର ଘୋଷଣା କରିଥିଲେ। ସରକାରୀ ସ୍କୁଲର ମେଧାବୀ ପିଲାମାନଙ୍କ ପାଇଁ ମେଡିକାଲ ଓ ଇଞ୍ଜିନିୟରିଂରେ ନାମ ଲେଖାପାଇଁ ସ୍ଥାନ ସଂରକ୍ଷଣ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟ୍ ବୈଠକରେ ତା୨୮.୧୨.୨୦୨୦ରିଖରେ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ନିଆଯାଇଥିଲା। ଏଥିପାଇଁ ସରକାର ଅବସରପ୍ରାପ୍ତ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚ କ୍ଷମତାସମ୍ପନ୍ନ କମିଟି ଗଠନ କରିଥିଲେ। ଅର୍ଥ ଓ କୋଚିଙ୍ଗ୍ ଅଭାବରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ କିଭଳି ବୈଷମ୍ୟ ସୃଷ୍ଟି ହୋଇଛି କମିଟି ତାହା ଦର୍ଶାଇବା ସହିତ ଏହି ବୈଷମ୍ୟ ଦୂର କରିବା ପାଇଁ ସରକାରୀ ସ୍କୁଲ ପିଲାଙ୍କ ପାଇଁ ୧୫ ପ୍ରତିଶତ ସ୍ଥାନ ସଂରକ୍ଷଣ ସକାଶେ ସୁପାରିଶ କରିଥିଲେ। ବିଧାନସଭାରେ ଏହି ସମ୍ପର୍କିତ ସଂରକ୍ଷଣ ସଂକଳ୍ପ ଆଗତ କରି ମୁଖ୍ୟମନ୍ତ୍ରୀ କହିଥିଲେ, 'ନିଟ୍' ଓ 'ଜେଇଇ'ପରି ସର୍ବଭାରତୀୟ ପ୍ରବେଶିକା ପରୀକ୍ଷାରେ କୋଚିଙ୍ଗ୍ ଅଭାବରୁ ପଛୁଆ ରହୁଥିବା ଗରିବ ପିଲାମାନଙ୍କୁ ସରକାରଙ୍କ ଏହି ସଂରକ୍ଷଣ ବ୍ୟବସ୍ଥା ମେଡିକାଲ ଓ ଇଞ୍ଜିନିୟରିଂ ନାମଲେଖାରେ ବେଶ୍ ସହାୟକ ହେବ। ଏହାଦ୍ୱାରା ଛାତ୍ର ଜୀବନର ସ୍ୱପ୍ନ ସାକାର ହେବ। ଆସନ୍ତା ଶିକ୍ଷାବର୍ଷରୁ ଏହା ରାଜ୍ୟରେ ଲାଗୁ କରାଯିବ ବୋଲି ସୂଚନା ମିଳିଛି।

ଶିକ୍ଷା ବ୍ୟବସ୍ଥାରେ ସମାନତା ଆଣିବା ପାଇଁ ଅତୀତରେ ବହୁ ମହାନ ବ୍ୟକ୍ତି ଉଦ୍ୟମ କରିଥିଲେ। ମହାନ ସଂସ୍କାରକ ଜ୍ୟୋତିରାଓ ଫୁଲେ ହଣ୍ଟର କମିଶନଙ୍କ ରିପୋର୍ଟରେ କହିଥିଲେ ଯେ, ଶିକ୍ଷା ପ୍ରଦାନ କ୍ଷେତ୍ରରେ କେବଳ ଉଚ୍ଚବର୍ଗଙ୍କୁ ସାହାଯ୍ୟ କରୁଛନ୍ତି, ଯଦିଓ ସରକାର ଅଧିକ ଆୟ ନିମ୍ନବର୍ଗଙ୍କ ପରିଶ୍ରମରୁ ପାଉଛନ୍ତି। ୧୯୧୧ ମସିହାରେ ଗୋଖେଲ ମଧ୍ୟ ଇମ୍ପେରିୟାଲ ଆସେମ୍ବ୍ଲିରେ ମାଗଣା ଓ ବାଧ୍ୟତାମୂଳକ ସ୍କୁଲ ଶିକ୍ଷା ବିଲ୍ ଉପସ୍ଥାପନା କରିଥିଲେ ତେବେ ଏହି ବିଲ୍‌କୁ ବିରୋଧ କରାଯାଇଥିଲା। ପରେ ଗାନ୍ଧିଜୀ ଓ ଆମ୍ବେଦକର ସମାନ ଆଉ ଅନିର୍ବାଯ୍ୟ ଶିକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ। ୧୯୬୬ ମସିହାରେ କୋଠାରୀ କମିଶନଙ୍କ ନେବର ସ୍କୁଲ ପ୍ରସଙ୍ଗକୁ ଏଠାରେ ଉଲ୍ଲେଖ କରାଯାଇପାରେ।



ସେ ସୁପାରିଶ କରିଥିଲେ ଯେ, ନିଜ ଇଲାକାରେ ଏକ ସ୍କୁଲ ହେବ ଯେଉଁ ସ୍କୁଲରେ ସେହି ଇଲାକାର ପ୍ରତ୍ୟେକ ବ୍ୟକ୍ତି ସେମାନଙ୍କ ପିଲାଙ୍କୁ ପାଠ ପଢାଇବାକୁ ପଠାଇ ପାରିବେ। ଏହି ସ୍କୁଲରେ ଧନୀ-ଗରିବ, ଜାତି-ଧର୍ମ, ଉଚ୍ଚ-ନୀଚ, ମାଲିକ-ଶ୍ରମିକ, ଜମିଦାର-କୃଷକ ଆଦି ଭେଦଭାବ ରହିବନାହିଁ। ଏଥିସହିତ କୋଠାରୀ କମିଶନ ମଧ୍ୟ କେନ୍ଦ୍ର ବଜେଟ୍‌ର ୧୦ ଭାଗ ଓ ରାଜ୍ୟ ବଜେଟ୍‌ର ୩୦ ଭାଗ ଶିକ୍ଷାକ୍ଷେତ୍ରରେ ବ୍ୟୟ କରିବାକୁ ସରକାରଙ୍କୁ ସୁପାରିଶ କରିଥିଲେ। କିନ୍ତୁ ଏଯାବତ୍ କୌଣସି ଯୋଜନାରେ ଶିକ୍ଷା ପାଇଁ କେନ୍ଦ୍ର ବଜେଟ୍‌ର ୪ ଭାଗ ଓ ରାଜ୍ୟ ବଜେଟ୍‌ର ୨୪ ଭାଗ ଅତିକ୍ରମ କରିପାରିଲା ନାହିଁ। ଲୋକନାୟକ ଜୟପ୍ରକାଶ ନାରାୟଣ ମଧ୍ୟ କୋଠାରୀ କମିଶନଙ୍କ ସୁପାରିଶ ସପକ୍ଷରେ ମତ ଦେଇଥିଲେ। ଏସବୁ ସତ୍ତ୍ୱେ ଶିକ୍ଷାକ୍ଷେତ୍ରରେ ଆଖିଦୃଶିଆ ପରିବର୍ତ୍ତନ ହୋଇନାହିଁ। ଏବେ ଏପରି ପରିସ୍ଥିତି ହୋଇଛି ଯେ, ପିଲାଙ୍କ ଶିକ୍ଷା କଥା ଉଠିଲେ ପ୍ରଥମେ ମନକୁ ଆସିଥାଏ ସରକାରୀ ସ୍କୁଲ ନା ବେସରକାରୀ ସ୍କୁଲ। ଏଥିସହିତ ସରକାରୀ ଓ ବେସରକାରୀ ସ୍କୁଲ ମଧ୍ୟରେ ତୁଳନା ଆରମ୍ଭ ହୋଇଯାଏ। ସ୍ଥିତି ଓ ସାମର୍ଥ୍ୟ ଅନୁସାରେ ଅଭିଭାବକମାନଙ୍କର ପ୍ରଥମ ପସନ୍ଦ ହୋଇଥାଏ ବେସରକାରୀ ସ୍କୁଲ। ଏହାର ଅନେକ କାରଣ ରହିଛି। ସରକାରୀ ସ୍କୁଲରେ ଭିତ୍ତି ଭୂମିର ଅଭାବ, ଶିକ୍ଷକ ଅଭାବ ଏବଂ ଅନ୍ୟାନ୍ୟ ସବୁଧାସୁଯୋଗର ଅଭାବ ଅଭିଭାବକମାନଙ୍କୁ ବେସରକାରୀ ସ୍କୁଲକୁ ଟାଣି ନେଇଥାଏ।

ପ୍ରାଥମିକ ଶିକ୍ଷା ବ୍ୟବସ୍ଥାର ମୂଳଦୁଆ। ଏହା ଉପରେ ଦେଶର ଉଚ୍ଚ ପ୍ରାଥମିକ, ଉଚ୍ଚ ବିଦ୍ୟାଳୟ ଓ ସର୍ବୋପରି ମହାବିଦ୍ୟାଳୟର ଭବିଷ୍ୟତ ନିର୍ଭର କରେ। ମାତ୍ର ରାଜ୍ୟରେ ପ୍ରାଥମିକ ଶିକ୍ଷା ବିଗିଡିବାର ପ୍ରମୁଖ କାରଣ ହେଉଛି ଆବଶ୍ୟକ ଶିକ୍ଷକ ଓ ଭିତ୍ତିଭୂମିର ଅଭାବ। ଶିକ୍ଷା ଅଧିକାର ଆଇନ ଅନୁସାରେ ରାଜ୍ୟରେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍ତରରେ ୨ ଲକ୍ଷ ୨୪ ହଜାର ୩୩୦ ଜଣ ଶିକ୍ଷକଙ୍କ ଆବଶ୍ୟକତା ରହିଛି। ଅଛନ୍ତି ୧ ଲକ୍ଷ ୧୫ ହଜାର ୮୩୩ ଜଣ ନିୟମିତ ଶିକ୍ଷକ। ବଳକା ୧ ଲକ୍ଷ ୮ ହଜାର ୪୯୭ ଜଣ ନିୟମିତ ଶିକ୍ଷକ ପଦବୀ ସ୍ଥାନରେ ୭୩ ହଜାର ୭୩୬ ଜଣ ନିୟମିତ ଶିକ୍ଷା ସହାୟକ ଓ ଗଣଶିକ୍ଷକଙ୍କୁ ନେଇ ଶିକ୍ଷା ବ୍ୟବସ୍ଥା ଚଳାଇଛନ୍ତି। ଖାଲିଥିବା ଶିକ୍ଷକ ପଦବୀ ପୂରଣ ହେବା ତ ଦୂରର କଥା, କେଉଁଠି ୫ଟି ଶ୍ରେଣୀକୁ ଜଣେ ଶିକ୍ଷକ ତ ଆଉ କେଉଁଠି ୭ଟି ଶ୍ରେଣୀକୁ ଦୁଇ ବା ତିନିଜଣ ଶିକ୍ଷକରେ ସ୍କୁଲ ଚାଲିଛି। ସେହିପରି ଭିତ୍ତିଭୂମିର ଅଭାବ ଶିକ୍ଷାର ବିକାଶରେ ଏକ ପ୍ରମୁଖ ସମସ୍ୟା ରୂପେ ଉଭା ହୋଇଛି। ଏପର୍ଯ୍ୟନ୍ତ ରାଜ୍ୟରେ ଥିବା ସମସ୍ତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପାନୀୟଜଳ, ପରିମଳ ବ୍ୟବସ୍ଥା, ବିଜୁଳି ଆଲୋକ, ସୁସ୍ଥ ଶିକ୍ଷଣୀୟ ପରିବେଶ ଭଳି ଆବଶ୍ୟକତାକୁ ପୂରଣ କରାଯାଇପାରିନାହିଁ। 'ଓପେପା' ତରଫରୁ ମିଳିଥିବା ସୂଚନା ମୁତାବକ ରାଜ୍ୟରେ ଥିବା ମୋଟ ୫୧ ହଜାର ୦୯୪ଟି ସ୍କୁଲ ମଧ୍ୟରୁ ୧୨ ହଜାର ୩୬୪ଟି ସ୍କୁଲରେ ଶୌଚାଳୟ ନାହିଁ। ୫୦ ପ୍ରତିଶତରୁ ଅଧିକ ସ୍କୁଲରେ ବାଳକ ଓ ବାଳିକାଙ୍କ ପାଇଁ ଅଲଗା ଅଲଗା ଶୌଚାଳୟ ନାହିଁ। ସେହିପରି ୪୧ ହଜାର ୩୮୨ଟି ସ୍କୁଲରେ ଖେଳପଡିଆ ନଥିଲା ବେଳେ ୪୩ ହଜାର ସ୍କୁଲକୁ ବିଦ୍ୟୁତ୍ ସଂଯୋଗ ନାହିଁ। ୧୨ ହଜାର ୨୦୦ ସ୍କୁଲରେ ମଧ୍ୟାହ୍ନ ଭୋଜନ ରାନ୍ଧିବା ପାଇଁ ରୋଷେଇଘର ନଥିଲା ବେଳେ ୧୮ ହଜାର ୫୦୦ ସ୍କୁଲରେ ପାଚେରୀ ନାହିଁ। ସବୁଠାରୁ ପରିତାପର ବିଷୟ ଯେ ୩୫୦ ସ୍କୁଲର ନିଜସ୍ୱ ଘର ନାହିଁ। ଗୋଟିଏ ପଟେ ଶିକ୍ଷକମାନଙ୍କର ଅଭାବ ଓ ଅନ୍ୟପଟେ ଭିତ୍ତିଭୂମିର ଅଭାବ ଯୋଗୁଁ ଛାତ୍ରଛାତ୍ରୀମାନଙ୍କର ଶୈକ୍ଷିକ ଦକ୍ଷତା ହ୍ରାସ ପାଇବାରେ ଲାଗିଛି।

କେନ୍ଦ୍ର ଓ ରାଜ୍ୟ ସରକାର ଶିକ୍ଷାକୁ ସାର୍ବଜନୀନ କରିବା ପାଇଁ ସର୍ବଶିକ୍ଷା ଅଭିଯାନ କାର୍ଯ୍ୟକାରୀ କରିଛନ୍ତି। ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ପ୍ରତି ଆକୃଷ୍ଟ କରିବା ନିମନ୍ତେ ସରକାର ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ, ପୁଷ୍ଟିକର ଅଣ୍ଡା, ମାଗଣାରେ ପାଠ୍ୟ ପୁସ୍ତକ, ପୋଷାକ ଯୋଗାଇ ଦେଉଛନ୍ତି। ବିଦ୍ୟାଳୟକୁ ସର୍ବାଙ୍ଗସୁନ୍ଦର କରିବା ନିମନ୍ତେ ଲକ୍ଷ ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦେଉଛନ୍ତି। ସର୍ବଶିକ୍ଷା ଅଭିଯାନ ଦିଗହରା ହୋଇଛି। ସରକାରୀ ସ୍କୁଲର ଏଭଳି ଦୟନୀୟ ସ୍ଥିତି ଯୋଗୁଁ ଅଭିଭାବକମାନେ ଘରୋଇ ସ୍କୁଲ ଉପରେ ଅତି ମାତ୍ରାରେ ନିର୍ଭର କରୁଛନ୍ତି। ଏହି ପରିସ୍ଥିତିକୁ ଲକ୍ଷ୍ୟ କରି ୨୦୧୫ ମସିହାରେ ଆହ୍ଲାବାଦ ହାଇକୋର୍ଟ ଏକ ଐତିହାସିକ ରାୟରେ କହିଥିଲେ ଯେ, ମନ୍ତ୍ରୀ, ଅଫିସର ଓ ସରକାରୀ କର୍ମଚାରୀ ଯେଉଁମାନେ ସରକାରଙ୍କ ରାଜକୋଷରୁ ଦରମା ନେଉଛନ୍ତି ସେମାନଙ୍କ ପିଲାମାନେ ସରକାରୀ ସ୍କୁଲରେ ପଢିବା ବାଧ୍ୟତାମୂଳକ ହେଉ। ଏପରି ହେଲେ ସରକାରୀ ସ୍କୁଲଗୁଡିକରେ ଶିକ୍ଷା ବ୍ୟବସ୍ଥା ସୁଧୁରିଯିବ। ମାତ୍ର ଏହା ହେଲାନାହିଁ।

ରାଜ୍ୟ ସରକାରଙ୍କ ଏହି ଐତିହାସିକ ସଂରକ୍ଷଣ ନିଷ୍ପତ୍ତି ଦ୍ୱାରା ଆର୍ଥିକ ସ୍ତରରେ ଅନୁନ୍ନତ ଓ ଗରିବ ମେଧାବୀ ବିଦ୍ୟାର୍ଥୀ ବୃତ୍ତିଗତ ଶିକ୍ଷା ପାଇବା ସମ୍ଭବ ହୋଇପାରିବ। ମାତ୍ର କେତେକ ମହଲରେ ଏହାକୁ ସ୍ୱାଗତ କରାଯାଇଥିବା ବେଳେ ଆଉ କେତେକ ଏହାର ସଫଳତା ନେଇ ପ୍ରଶ୍ନ ଉଠାଇଛନ୍ତି। କେତେକଙ୍କ ମତରେ ୧୫ ପ୍ରତିଶତ ସଂରକ୍ଷଣ ଲୋଭରେ କ'ଣ ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ସରକାରୀ ସ୍କୁଲରେ ପଢାଇବାକୁ ଆଗ୍ରହୀ ହେବେ! ସେହିପରି ସବୁ ପିଲା କ'ଣ କେବଳ ଡାକ୍ତର ବା ଇଞ୍ଜିନିୟରିଂ ପଢିବାକୁ ଚାହାଁନ୍ତି କି? ଅଭିଭାବକ ତଥା ବିଭିନ୍ନ ପିଲାଙ୍କର ଭିନ୍ନ ଭିନ୍ନ ରୁଚି ରହିଛି। ବିଶେଷକରି ଯେଉଁଠି ଗୁଣାତ୍ମକ ମାନର ଶିକ୍ଷା ମିଳିବ, ବାପା-ମାଆ ନିଶ୍ଚେ ସେହି ସ୍କୁଲରେ ପିଲାଙ୍କୁ ପଢାଇବାକୁ ଚାହିଁବେ। ତେଣୁ ଆମ ସରକାରୀ ସ୍କୁଲଗୁଡିକରେ ଭିତ୍ତିଭୂମି ଓ ପାଠପଢାର ମାନ ବୃଦ୍ଧି ଦିଗରେ ସରକାର ଯଦି ଚେଷ୍ଟା କରନ୍ତେ, ତାହାହେଲେ ସ୍ୱତଃ ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ସରକାରୀ ସ୍କୁଲରେ ପଢାଇବାକୁ ଅଧିକ ପସନ୍ଦ କରନ୍ତେ। ତା' ନହେଲେ କେବଳ ୧୫ ପ୍ରତିଶତ ସଂରକ୍ଷଣ ପିଲାଙ୍କୁ ସରକାରୀ ସ୍କୁଲକୁ ଟାଣିଆଣିପାରିବ ନାହିଁ!

**ହିମାଂଶୁଶେଖର ଆଚାର୍ଯ୍ୟ**
*ଅବସରପ୍ରାପ୍ତ ଅଧ୍ୟାପକ, ତିର୍ତ୍ତୋଲ, ଜଗତସିଂହପୁର, ମୋ- ୯୯୩୭୧୫୧୦୫୨*

# ଡ଼. ହରେକୃଷ୍ଣ ମହତାବଙ୍କ ଦ୍ୱାରା ରଚିତ 'ଓଡିଶା ଇତିହାସ' ହିନ୍ଦୀ ଅନୁବାଦ ପୁସ୍ତକ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଉନ୍ମୋଚିତ



ବ୍ରହ୍ମପୁର (ପିଏନ୍): ଓଡ଼ିଶାର ଭାଷା, ସାହିତ୍ୟ, ସଂସ୍କୃତି ବିଶ୍ୱରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିପାରିଛି ବୋଲି ଡ଼. ହରେକୃଷ୍ଣ ମହତାବ ଫାଉଣ୍ଡେସନ ଆନୁକୂଲ୍ୟରେ ଡ଼. ହରେକୃଷ୍ଣ ମହତାବଙ୍କ ଦ୍ୱାରା ରଚିତ 'ଓଡ଼ିଶା ଇତିହାସ' (ଓଡ଼ିଆରୁ ହିନ୍ଦୀ ଅନୁବାଦିତ) ପୁସ୍ତକକୁ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ମଧ୍ୟାହ୍ନରେ ନୂଆଦିଲ୍ଲୀ ସ୍ଥିତ ଡ଼.ଆମ୍ବେଦକର ଇଣ୍ଟରନେସନାଲ ସେଣ୍ଟର ଠାରେ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରି ଓଡିଶା ଇତିହାସ ସମ୍ପର୍କରେ ସମଗ୍ର ଦେଶ ଅବଗତ ହୋଇପାରିବ ବୋଲି କହିଥିଲେ। ସେ କହିଥିଲେ ଯେ ଡ଼. ହରେକୃଷ୍ଣ ମହତାବ ଜଣେ ବିଚକ୍ଷଣ ରାଜନୈତିକ ନେତା ସହିତ ସ୍ୱାଧିନତା ସଂଗ୍ରାମ, ଲବଣ ସତ୍ୟାଗ୍ରହ, ଭାରତ ଛାଡ଼ ଆନ୍ଦୋଳନ ଏବଂ ଓଡ଼ିଶା ପ୍ରଦେଶ ଗଠନ କରିବାରେ ତାଙ୍କର ଭୂମିକା ଅତୁଳନୀୟ। ଭାରତର ବିକାଶ କ୍ଷେତ୍ରରେ ପଶ୍ଚିମାଞ୍ଚଳ ରାଜ୍ୟଗୁଡିକ ଆଗୁଆ ଥିବାବେଳେ ପୂର୍ବାଞ୍ଚଳ ରାଜ୍ୟ ଗୁଡିକରେ ଯଥେଷ୍ଟ ପରିମାଣର ପ୍ରାକୃତିକ ସମ୍ପଦ ଭରପୁର ରହିଥିଲେ ମଧ୍ୟ ସେଗୁଡିକର ବିନିଯୋଗ ସଠିକ ଭାବେ ନ ହୋଇପାରୁଥିବା ହେତୁ ବିକାଶର ଶୀଥିଳତା ଦେଖାଦେଇଛି।

ଓଡିଶା ପ୍ରତି ମୋର ସ୍ୱତନ୍ତ୍ର ଦୃଷ୍ଟି ରହିଛି। ବ୍ରହ୍ମପୁରରେ ଆଇଜର, ନାଇଜର, ସମ୍ବଲପୁରରେ ଆଇଆଇଏମ ଭଳି କେନ୍ଦ୍ରୀୟ ଶିକ୍ଷା, ସ୍ୱାସ୍ଥ୍ୟର ବିକାଶ ପାଇଁ ଯଥେଷ୍ଟ କେନ୍ଦ୍ରୀୟ ପଦକ୍ଷେପ ନିଆଯାଇଛି। ଡ଼. ହରେକୃଷ୍ଣ ମହତାବ ଏହିଭଳି ଜଣେ ବ୍ୟକ୍ତିତ୍ୱ ଯିଏକି ସ୍ୱାଧୀନତା ସଂଗ୍ରାମରେ ବହୁବର୍ଷ କାରାବରଣ କରିଥିବା ବେଳେ ପୁଣି ସ୍ୱାଧୀନତା ପ୍ରାପ୍ତି ପରେ ଜରୁରୀ କାଳୀନ ପରିସ୍ଥିତିରେ ଗଣତନ୍ତ୍ରର ସୁରକ୍ଷା ପାଇଁ ଲଢେଇ କରି ଦୀର୍ଘ ସମୟ କାରାବରଣ କରିଥିଲେ।

ମହତାବଙ୍କ ସହିତ ନବକୃଷ୍ଣ ଚୌଧରୀ, ମାଳତୀ ଚୌଧୁରୀ, ଚକରା ବିଷୋୟୀ, ଦୋହରା ବିଷୋୟୀ ଏବଂ କୋରାପୁଟର ଲକ୍ଷ୍ମଣ ନାୟକ, ବାଜି ରାଉତଙ୍କ ଭଳି ବହୁ ବିଶିଷ୍ଟ ବ୍ୟକ୍ତି ସ୍ୱାଧୀନତା ପାଇଁ ପ୍ରାଣବଳୀ ଦେଇଥିଲେ। ଓଡ଼ିଶାର ଇତିହାସ ବାଣିଜ୍ୟ କ୍ଷେତ୍ରରେ ପୃଥିବୀର କୋଣ ଅନୁକୋଣରେ ତାହାର ପ୍ରତିଭା ବିକଶିତ କରିଥିବା ପ୍ରମାଣ ଅଦ୍ୟାବଧି ମହଜୁଦ ଦେଖିବାକୁ ମିଳେ ଅନେକ ଦେଶରେ।

ତେଣୁ ଭାରତର ଇତିହାସ ବିଷୟ ଆଲୋଚନାକୁ ନିଆଯିବା ବେଳେ ଓଡିଶା ଇତିହାସର ଗୋଟିଏ ସ୍ୱତନ୍ତ୍ର ସ୍ଥାନ ରହିଥିବା ସ୍ୱୀକାର୍ଯ୍ୟ। ବର୍ଷୀୟାନ ସ୍ୱାଧୀନତା ସଂଗ୍ରାମୀ ଡ଼. ହରେକୃଷ୍ଣ ମହତାବଙ୍କ ଦ୍ୱାରା ରଚିତ ଓଡିଶା ଇତିହାସର ହିନ୍ଦୀ ଅନୁବାଦ ପୁସ୍ତକକୁ ଉନ୍ମୋଚନ କରି ନିଜକୁ ଧନ୍ୟ ମନେ କରିଥିବା ବିଷୟ ପ୍ରଧାନମନ୍ତ୍ରୀ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ପ୍ରାକୃତିକ ଗ୍ୟାସ ଏବଂ ଇସ୍ପାତ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ଉତ୍କଳ କେଶରୀ ଡ଼. ମହତାବଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରି ଓଡିଶା ଇତିହାସର ହିନ୍ଦୀ ଅନୁବାଦ ପୁସ୍ତକକୁ ପ୍ରଧାନମନ୍ତ୍ରୀ ଉନ୍ମୋଚନ କରିଥିବାରୁ ତାଙ୍କପ୍ରତି କୃତଜ୍ଞତା ଜଣାଇଥିଲେ। ହରେକୃଷ୍ଣ ମହତାବ ଫାଉଣ୍ଡେସନର ଅଧ୍ୟକ୍ଷ ତଥା କଟକ ସାଂସଦ ଭର୍ତ୍ତୃହରି ମହତାବ ଓଡିଶା ଇତିହାସ ସମ୍ପର୍କରେ ସୂଚନା ଦେବା ସହ ଶଙ୍କର ଲାଲ ପୁରୋହିତଙ୍କ ଦ୍ୱାରା ଏହି ହିନ୍ଦୀ ଅନୁବାଦ ପୁସ୍ତକକୁ ଲୋକାଦୃତ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଉନ୍ମୋଚନ ହୋଇଥିବାରୁ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ସାଧୁବାଦ ଜଣାଇଥିଲେ।

ଏ ସମ୍ପର୍କରେ ସ୍ଥାନୀୟ ହୋଟେଲ ମୋତିଠାରେ ନୂଆଦିଲ୍ଲୀରୁ ସିଧା ପ୍ରସାରଣ କାର୍ଯ୍ୟକ୍ରମ ପୂର୍ବରୁ ଏକ ସଭା ବରିଷ୍ଠ ଭେଷଜବିତ୍ ତଥା ସମାଜସେବୀ ପ୍ରଫେସର ଡ଼ା. ପିସି ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ କାର୍ଯ୍ୟକ୍ରମର ସଂଯୋଜକ ତଥା ବରିଷ୍ଠ ସାମ୍ବାଦିକ ରବି ରଥ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ ଡ଼. ମହତାବଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ଦକ୍ଷିଣ ଓଡ଼ିଶା ଇତିହାସ କଂଗ୍ରେସର ସଭାପତି ପ୍ରଫେସର ମଦନ ମୋହନ ମହାପାତ୍ର, ଐତିହାସିକ ତଥା ନାଟ୍ୟକାର ମେଜର ରମାରମଣ ପାଢ଼ୀ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅର୍ଥନୀତି ବିଭାଗର ଅବସରପ୍ରାପ୍ତ ପ୍ରଫେସର ରଘୁନାଥ ପାଢ଼ୀଶର୍ମା ପ୍ରମୁଖ ଡ଼. ମହତାବଙ୍କ ବିଭିନ୍ନ ଗୁଣାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ। ସହରର ବିଭିନ୍ନ ସ୍ଥାନରୁ ଶତାଧିକ ବିଶିଷ୍ଟ ବ୍ୟକ୍ତିବିଶେଷ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ଆମ ଗାଁ ସାହିତ୍ୟ ପରିଷଦର ଭ୍ରାମ୍ୟମାଣ ସାହିତ୍ୟ ସଭା ଓ କବିତା ପାଠୋତ୍ସବ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କପାଳେଶ୍ୱର ଗ୍ରାମର ଶିବ ମନ୍ଦିର ପରିସରରେ ଆମ ଗାଁ ସାହିତ୍ୟ ପରିଷଦ ପକ୍ଷରୁ ଏକ ଭ୍ରାମ୍ୟମାଣ ସାହିତ୍ୟ ସଭା ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି । ସଭାପତି ନାଟ୍ୟକାର ସଂଜୟ କୁମାର ମଲିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସାହିତ୍ୟସଭାରେ ଅବସରପ୍ରାପ୍ତ ପ୍ରଫେସର ଡ଼ଃ. ସୂର୍ଯ୍ୟମଣୀ ପଣ୍ଡା ମୁଖ୍ୟଅତିଥି, ସତୀର୍ଥର ସଭାପତି ଅମର ପ୍ରସାଦ ରାଉତ ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ମେଜର ଭରତ ଚନ୍ଦ୍ର ଜେନା, ଆଇନଜୀବି ପ୍ରଦୀପ କୁମାର ଦାଶ ଓ ବାସ୍ତୁ ବିଜ୍ଞାନୀ ନାରାୟଣ ପତି ପ୍ରମୁଖ ଯୋଗଦେଇ କବିତାର ସୁନ୍ଦର ଶବ୍ଦ ସଂଯୋଜନା ଓ ସମାଜର ନିଖୁଣ ଚିତ୍ର ପରିପ୍ରକାଶ ହେଲେ ଏହା ଅଧିକ ଶ୍ରୁତିମଧୁର ଓ ଗ୍ରହଣୀୟ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ । ସଂପାଦକ ସ୍ୱପ୍ନାଂଶୁ କୁମାର ଦାସ ସଂପାଦକୀୟ ବିବରଣୀ ପାଠ କରିଥିବା ବେଳେ ଯୋଗଗୁରୁ ସଂଜୟ କୁମାରେ ମଥାନ ବେଦପାଠ କରିଥିଲେ । ଶିକ୍ଷାବୀତ ସୁବାଷ କୁମାର ମାହାଳି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରବଚକ ଶରତ କୁମାର ରାଉତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଡଃ. ଅଭୟ କୁମାର ରାଉତ, ଈଶ୍ୱର ଚନ୍ଦ୍ର ପୃଷ୍ଟି ଓ ନିରୁପମା ଦାସଙ୍କ ମିଳିତ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ମନ୍ମଥନାଥ ବରାଳ, ଅଜୟ କୁମାର ପାତ୍ର, ଭରତ ଚରଣ ସାହୁ, ରଞ୍ଜନ ବାଇ, ରାମକୃଷ୍ଣ ଦାଶ, ଅପର୍ତ୍ତୀ ସେଠୀ, ସୁବାଷ ପାତ୍ର, ରଘୁନାଥ ସାହୁ, ଡଃ. ରତ୍ନାକର ମଲ୍ଲିକ, ଗଗନବିହାରୀ ସିଂ, ସାବିତ୍ରୀ ମହାରଣା, ପରମାନନ୍ଦ ଥାଟୋଇ, ବର୍ଷାରାଣୀ ବରାଳ ପ୍ରମୁଖ ୪୦ରୁ ଉର୍ଦ୍ଧ୍ୱ କବି ଓ କବୟତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ । ଏହି ଅବସରରେ ତୁଳସୀ କଲଚରାଲ ଆସୋସିଏସନ ଭଳି ବିଭିନ୍ନ ଅନୁଷ୍ଠାନର କାର୍ଯ୍ୟକ୍ରମରେ ନିଖୁଣ କଳା ପ୍ରଦର୍ଶନ କରିଥିବାରୁ ଅଶୋକ କୁମାର ସାହୁ ଓ କବୟିତ୍ରୀ ଗିତାଞ୍ଜଳୀ ସାହୁଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଟିଟିକାନ୍ତ ନାୟକ ଓ ଗୀତାଞ୍ଜଳି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ୧୦ଦଫା ଦାବି ପୁରଣ ପାଇଁ ଆଶାକର୍ମୀ ଙ୍କ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା (ପିଏନ୍): ନିଖିଳ ଓଡିଶା ଆଶାକର୍ମୀ ସଙ୍ଘର କେନ୍ଦ୍ରାପଡା ଜିଲ୍ଲା କମିଟିର ଏକ ପ୍ରସ୍ତୁତି ବୈଠକ ଗୋପଛକ ଠାରେ ଉପସଭାପତି ସୁକାନ୍ତୀ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ୨ଶହିଦ ଆଶାକର୍ମୀଙ୍କ ଅମର ଆତ୍ମାର ସଦଗତି ପାଇଁ ୨ମିନଟ ନୀରବ ପ୍ରାର୍ଥନା କରାଯାଇଥିଲା । ଜିଲ୍ଲା ସମ୍ପାଦିକା ସାଥି କାନ୍ତିପ୍ରଭା ନାୟକ ବିଗତ ଦିନର କାର୍ଯ୍ୟକ୍ରମ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ମହାକାଳପଡାର ସଭାପତି ରଞ୍ଜୁଲତା ବେହେରା, ନନ୍ଦିନୀ ସ୍ୱାଇଁ, କବିତା ସାମଲ, ଭଜହରି ପ୍ରଧାନ, ଅକ୍ଷୟ ମଲ୍ଲିକ, ଅଜୟ ସାମ. ମାନିନି ମଲ୍ଲିକ, ସସ୍ମିତା ବାରିକ ପ୍ରଭୃତି ଆଶାକର୍ମୀମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ଏ.ଆଇ.ଟି.ୟୁ.ସି. ନେତା ଆଇନଜିବି ରମଣୀରଞ୍ଜନ ରାଉତରାୟ, ସରସ୍ୱତୀ ସ୍ୱାଇଁ, ବନ୍ଦନା ମଲ୍ଲିକ ପ୍ରମୁଖ ଦାବିକୁ ସମର୍ଥନ କରି ବକ୍ତବ୍ୟ ପ୍ରଦାନ କରିଥିଲେ । ଯଦି ସରକାର କାମ ଅନୁସାରେ ପ୍ରାପ୍ୟ ପ୍ରଦାନ ନକରନ୍ତି, ଆଶାମାନଙ୍କୁ ପଦୋନ୍ନତି ଦେବାରେ ଟାଳଟୁଳ ନୀତି ଅବଲମ୍ବନ କରନ୍ତି, କରୋନା ସହାୟତା ଦୈନିକ ପାରିଶ୍ରମିକ ବାବଦକୁ ଏକ ହଜାର ଟଙ୍କା ନଦିଅନ୍ତି ପ୍ରଭୃତି ଦଶଦଫା ଦାବିକୁ ନେଇ ଆସନ୍ତା ସୋମବାର ସମସ୍ତ ପିଏଚସିରେ ଦାବିପତ୍ର ପ୍ରଦାନ କରାଯିବ । ଆସନ୍ତା ଗୁରୁବାର ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯିବ । ଏହା ପରେ ଦାବି ହାସଲ ନହେଲେ ରାଜ୍ୟ ବ୍ୟାପି କାର୍ଯ୍ୟ ବନ୍ଦ ଆନ୍ଦୋଳନ କରାଯିବ ବୋଲି ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ନିଆଯାଇଛି ।

# ଲୁଥେରାନ ଶିଶୁଯତ୍ନ କେନ୍ଦ୍ରରେ ଦୁଷ୍କର୍ମରୁ ଶିଶୁସନ୍ତାନ ଜନ୍ମ ଘଟଣା: ପୂର୍ବରୁ କିଛି ସଂଗୀନ ଅଭିଯୋଗକୁ ପ୍ରଶାସନ ଚପାଇଦେବାରୁ ଏଭଳି ଘଟଣାର ପୁନରାବୃତ୍ତି

କେନ୍ଦ୍ରାପଡା (ପିଏନ୍): ଲୁଥେରାନ ମହିଳା ସମିତି ଶିଶୁ ଯତ୍ନ କେନ୍ଦ୍ରରେ ଦୁଷ୍କର୍ମରୁ ଶିଶୁ ସନ୍ତାନ ଜନ୍ମ ଘଟଣା ପୂର୍ବରୁ କିଛି ସଂଗୀନ ଅଭିଯୋଗକୁ ପ୍ରଶାସନ ଚପାଇଦେବାରୁ ଏଭଳି ଘଟଣାର ପୁନରାବୃତ୍ତି ହୋଇଛି ବୋଲି ଅଭିଯୋଗ ହୋଇଛି । ଗତ ୨୦୨୦ମସିହା ଫେବୃୟାରୀମାସରେ ସେହିସଂସ୍ଥାର ଜନୈକ ଅନ୍ତେବାସୀ ନାବାଳିକାକୁ ଭୀଷଣ ମାଡମରାଯାଇଥିବା ସମ୍ପର୍କରେ ସଂସ୍ଥାର ସୁପରିନଟେଣ୍ଡେଟ ତତ୍କାଳୀନ କେନ୍ଦ୍ରାପଡା ଶିଶୁ ମଙ୍ଗଳ ସମିତିର ଭାରପ୍ରାପ୍ତ ଅଧ୍ୟକ୍ଷା ସ୍ମିତାଞ୍ଜଳି ମହାପାତ୍ରଙ୍କୁ ଅଭିଯୋଗ କରିଥିଲେ ।ସେହି ଅଭିଯୋଗ ଉପରେ ତଦନ୍ତ କରିବାକୁ ଅଧ୍ୟକ୍ଷା ଶ୍ରୀମତୀ ମହାପାତ୍ର ଶିଶୁ ମଙ୍ଗଳ ସମିତିର ସଭ୍ୟ କିଶୋର କୁମାର ସ୍ୱାଇଁ ଓ ଲଳିତାଞ୍ଜଳି ଦାସଙ୍କ ସମେତ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ପି.ଓ. ଆଇ.ସି. ବାଦଲ ଦାଶ, ପି.ଓ. ଏନ.ଆଇ.ସି. ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ଓ ଏଲ.ପି.ଓ. ବିବେକାନନ୍ଦ ଅଉବୁଦ୍ଧିଙ୍କୁ ନେଇ ଗଠିତ ଏକ ଟିମର ନେତୃତ୍ୱ ନେଇ ଯାଇଥିଲେ । ଲୁଥେରାନ ଶିଶୁ ଯତ୍ନ କେନ୍ଦ୍ରରେ ପହଁଚିବା ପରେ ଅଧ୍ୟକ୍ଷା ଶ୍ରୀମତୀ ମହାପାତ୍ର ପିଡିତା ନାବାଳିକା ସମେତ ଅନ୍ୟ କେତେକ ଅନ୍ତେବାସୀଙ୍କ ଠାରୁ ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ ଏବଂ ଅନ୍ତେବାସୀମାନଙ୍କ ସମସ୍ତ ଷ୍ଟେଟମେଂଟକୁ ଭିଡିଓ ରେକଡିଂ ମଧ୍ୟ କରିଥିଲେ । ଏକ ବିଶେଷ ସୁତ୍ରରୁ ପ୍ରକାଶ ଯେ ସଂପୃକ୍ତ ସଂସ୍ଥାର ଜନୈକ ମହିଳା କର୍ମଚାରୀଙ୍କ ସହିତ ଅନ୍ୟ ଜଣେ କର୍ମକର୍ତ୍ତାଙ୍କ ଅନୈତିକ କାର୍ଯ୍ୟକୁ ଅନ୍ତେବାସୀ ନାବାଳିକା ଜଣଙ୍କ ଦେଖିଦେଇଥିବାରୁ ଘଟଣା ସମ୍ପର୍କରେ କାହାରିକୁ ନକହିବା ଉଦ୍ଦେଶ୍ୟରେ ତାକୁ ଭୀଷଣ ମାଡମରାଯାଇଥିଲା । ତଦନ୍ତ ସଂପୂର୍ଣ୍ଣ କରି ସେଠାରୁ ଫେରିଆସିବା ପରେ ସେହି ଅଭିଯୋଗ ଉପରେ ତାଙ୍କର ତଦନ୍ତ ରିପୋର୍ଟ ସହିତ ଭିଡିଓ ରେକଡିଂର ଏକ ସିଡି ତତ୍କାଳୀନ ଜିଲ୍ଲାପାଳ ସମର୍ଥ ବର୍ମାଙ୍କୁ ପ୍ରଦାନ କରିଥିଲେ । ଜିଲ୍ଲାପାଳ ଶ୍ରୀ ବର୍ମା ତଦନ୍ତ ରିପୋର୍ଟକୁ ଅନୁଧ୍ୟାନ କରି ସେ ସମ୍ପର୍କରେ ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କୁ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ଅଦ୍ୟାବଧି ଜିଲ୍ଲାପାଳ ଶ୍ରୀ ବର୍ମାଙ୍କ ନିର୍ଦ୍ଦେଶ ମତେ ଏ.ଡି.ଏମ. ଶ୍ରୀ ରାଉତଙ୍କୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥରବା ବେଳେ ଏ.ଡି.ଏମ. ଶ୍ରୀ ରାଉତ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଣୀ ଚିନ୍ମୟୀ ରଥଙ୍କୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିବା କହୁଥିବା ବେଳେ ତଦନ୍ତ ହୋଇଛି କି ନାହିଁ ସେ ସମ୍ପର୍କରେ ଭାରପ୍ରାପ୍ତ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସଙ୍କ ପାଖରେ କିଛି ସୂଚନା ନଥିବା କହିଛନ୍ତି । ଅନ୍ୟ ପକ୍ଷରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରାଉତ ତଦନ୍ତ ହୋଇଥିଲା କିନ୍ତୁ କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ସେ ସମ୍ପର୍କରେ ତାଙ୍କର ମନେନଥିବା କହିଛନ୍ତି । କିନ୍ତୁ ପ୍ରକୃତ ପକ୍ଷେ ଜିଲ୍ଲାପାଳ ଶ୍ରୀ ବର୍ମାଙ୍କ ନିର୍ଦ୍ଦେଶରେ ଉପଯୁକ୍ତ ତଦନ୍ତ କରାଯାଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବା ଅଭିଯୋଗ ହୋଇଛି । ଜଣେ ଭାରପ୍ରାପ୍ତ ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷା ଘଟଣାର ଗୁରୁତ୍ୱକୁ ଉପଲବ୍ଧି କରି ତାଙ୍କର ତଦନ୍ତ ରିପୋର୍ଟ ଓ ତଦନ୍ତର ଭିଡିଓ ରେକଡିଂ ଜିଲ୍ଲାପାଳଙ୍କୁ ପ୍ରଦାନ କରିବା ପରେ ଏବଂ ବାରମ୍ବାର ଲୁଥେରାନ ଶିଶୁ ଯତ୍ନ କେନ୍ଦ୍ରରେ ରହୁଥରବା ଅନାଥ ପିଲାଙ୍କ ସୁରକ୍ଷା ଦୃଷ୍ଟିରୁ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ ଓ ଜିଲ୍ଲା ଶିସୁ ସୁରକ୍ଷା ଅଧିକାରୀଙ୍କୁ ସେହି ଘଟଣାରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅବଗତ କରିଥିଲେବି ପ୍ରଶାସନ ପକ୍ଷରୁ କୌଣସି ତ୍ୱରିତ ପଦକ୍ଷେପ ଗ୍ରହଣ କରାନଯାଇ ଘଟଣାକୁ ଚପାଇଦେବାକୁ ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଛି । ଯଦି ପ୍ରସାସନ ସେହି ଘଟଣାରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥାନ୍ତା ତେବେ ସେହି ଭଳି ଅନ୍ୟ ଏକ ଘଟଣା ଆଜି ଘଟିନଥାନ୍ତା ବୋଲି କୁହାଯାଉଛି । ଏତଦବ୍ୟତିତ ସେହି ଘଟଣାକୁ ଚପାଇଦେବା ଉଦେଶ୍ୟରେ ଅଧ୍ୟକ୍ଷାଙ୍କୁ ଘଟଣା ସମ୍ପର୍କରେ କହିଥିବା ଅନ୍ତେବାସୀ ଓ ସଂପୃକ୍ତ ପିଡିତାଙ୍କୁ ଶିସୁ ଯତ୍ନ କେନ୍ଦ୍ରରୁ ବାହାର କରିଦିଆଯାଇଥିବା ଅଭିଯୋଗ ହୋଇଛି । ପ୍ରତିମାସରେ ଏକାଧିକ ଥର ବିଭିନ୍ନ ତଦନ୍ତ ଓ ପରିଦର୍ଶନ ଆଳରେ ସେହି ଶିଶୁ ଯତ୍ନ କେନ୍ଦ୍ରକୁ ଯାଉଥିବା ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ପିଓ ଆଇସି ସମସ୍ତ ଘଟଣା ସମ୍ପର୍କରେ ଜାଣି ମଧ୍ୟ ଘଟଣା ସବୁକୁ ଚପାଇ ଦେବାରେ ସହଯୋଗ କରିଥିବା ଅଭିଯୋଗ ହୋଇଛି । ସଂପୃକ୍ତ ଶିଶୁ ଯତ୍ନ କେନ୍ଦ୍ର ସମେତ ଜିଲ୍ଲାର ଅନ୍ୟ ଶିଶୁ ଯତ୍ନ କେନ୍ଦ୍ର ଗୁଡିକରେ ଅନ୍ତେବାସୀଙ୍କ ସୁରକ୍ଷା ସଂପୂର୍ଣ୍ଣ ଢିଲା ଓ ଅସୁରକ୍ଷିତ ହୋଇପଡିଥିବା ଅଭିଯୋଗ ହୋଇଛି । ଏସମସ୍ତ ଅଭିଯୋଗର ଏକ ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ଦ୍ୱାରା ତଦନ୍ତ କରାଯିବାକୁ ସାଧାରଣରେ ଦାବି ହୋଇଛି । ଏଠାରେ ସୂଚନା ଯୋଗ୍ୟ ଯେ ସଂପୃକ୍ତ ସଂସ୍ଥାର ଜଣେ କର୍ମଚାରୀଙ୍କ ସହ ବାରମ୍ବାର ଦୁଷ୍କର୍ମରୁ ଶିଶୁ ପୁତ୍ର ଜନ୍ମ ହୋଇଥିବା ଘଟଣାର ତଦନ୍ତ ପାଇଁ ସୋମବାର ରାଜ୍ୟ ଶିଶୁ ସୁରକ୍ଷା ଆୟୋଗର ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ କେନ୍ଦ୍ରାପଡାର ଲୁଥେରାନ ମହିଳା ସମିତିକୁ ଆସୁଥିବା ସୂଚନା ମିଳିଛି ।




# ପିପିଲି ଉପନିର୍ବାଚନରେ ପର୍ଯ୍ୟବେକ୍ଷକ ଯାଜପୁର କଂଗ୍ରେସ ନେତାଙ୍କ ପ୍ରଚାର



ଯାଜପୁର : ସାମ୍ପ୍ରତିକ ହାଇଭୋଲଟେଜ୍ ପିପିଲି ବିଧାନସଭା ଉପନିର୍ବାଚନରେ କଂଗ୍ରେସ ଦଳ ତରଫରୁ ଯାଜପୁରର ବରିଷ୍ଠ ନେତା ସନ୍ତୋଷ କୁମାର ନନ୍ଦ ପର୍ଯ୍ୟବେକ୍ଷକଭାବେ ଯୋଗଦେବା ସହିତ ଗାଆଁକୁ ଗାଆଁ ବୁଲି ହାତ ଚିହ୍ନରେ କଂଗ୍ରେସ ଦଳକୁ ଭୋଟ୍ ଦେଇ ଜୟଯୁକ୍ତ କରାଇବା ପାଇଁ ଜୋରଦାର ପ୍ରଚାରରେ ଲାଗିପଡ଼ିଛନ୍ତି । ଏହି ପ୍ରଚାର ଦଳରେ ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ତଥା ରାଜ୍ୟ ମହିଳା କଂଗ୍ରେସ ସମ୍ପାଦିକା ରଞ୍ଜିତା ରାଉତ, ଯାଜପୁର ଜିଲ୍ଲା ଦଳିତ ସେଲ ସଭାପତି ଦୁର୍ଯ୍ୟୋଧନ ବେହେରା, ଜିଲ୍ଲା ଓବିସି ସେଲ ଉପସଭାପତି ପ୍ରଶାନ୍ତ କୁମାର ସାହୁ, ଜିଲ୍ଲା କଂଗ୍ରେସ ସମ୍ପାଦକ ଅନୀଲ ମହାନ୍ତି ପ୍ରମୁଖ ସାମିଲ ଥିଲେ । ପିପିଲି ବ୍ଲକ୍‌ର ୨୪ ନମ୍ବର ଜିଲ୍ଲା ପରିଷଦ ଜୋନର ରୂପଦେଇପୁର ଗ୍ରାମପଞ୍ଚାୟତର ବିଭିନ୍ନ ଗ୍ରାମଗୁଡ଼ିକରେ ମୋଟରସାଇକେଲ ରାଲି ତଥା ପଦଯାତ୍ରା ମାଧ୍ୟମରେ ଘରକୁ ଘର ବୁଲି ବିଜେପି ଦଳର ଶାସନ କାଳରେ ପ୍ରଧାନମନ୍ତ୍ରୀଙ୍କ ପ୍ରତିବର୍ଷ ୨ କୋଟି ଯୁବକ ଯୁବତୀଙ୍କୁ ଚାକିରୀ ଦେବାର ମିଥ୍ୟା ପ୍ରତିଶ୍ରୁତି, ଦେଶର ପ୍ରତ୍ୟେକ ନାଗରିକଙ୍କ ବ୍ୟାଙ୍କ ଖାତାକୁ ୧୫ ଲକ୍ଷ ଟଙ୍କା ଜମାଦେବା, କଳାଟଙ୍କା ବିଦେଶରୁ ଫେରାଇ ଆଣିବା, ଡିଜେଲ, ପେଟ୍ରୋଲ ଓ ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥର ଅହେତୁକ ଦରବୃଦ୍ଧି, ଲାଭଜନକ ସରକାରୀ ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକର ଘରୋଇକରଣ, ବିମୁଦ୍ରୀକରଣରେ ଲୋକମାନଙ୍କ ଅସୁବିଧା, ଏୟାର ଇଣ୍ଡିଆ, ଇଣ୍ଡିଆନ ଏୟାରଲାଇନ୍ସ ଓ ଭାରତୀୟ ରେଳ ବିଭାଗର ଘରୋଇକରଣ ଉଦ୍ୟମ ରାଜ୍ୟର ବିଜେଡ଼ି ସରକାରଙ୍କର ଗରିବ, ଖଟିଖିଆ, ମଜଦୁର ଏବଂ ଆଦିବାସୀ, ହରିଜନ ଓ ପଛୁଆବର୍ଗଙ୍କ ବିକାଶ କ୍ଷେତ୍ରରେ ବିଫଳତା, ମନରେଗା କାର୍ଯ୍ୟରେ ବ୍ୟାପକ ଦୁର୍ନୀତି, ଦଳୀୟ ଭିତ୍ତିରେ ଆବାସ ବଣ୍ଟନ, ବିଭିନ୍ନ ହତ୍ୟା, ଦୁଷ୍କର୍ମ ଓ ଶିଶୁ ନିଖୋଜ ଘଟଣାର ପର୍ଦ୍ଦାଫାସରେ ପୋଲିସର ବିଫଳତା, ପୋଲିସ ଓ ଅପରାଧୀମାନଙ୍କ ମଧ୍ୟରେ ମଧୁଚନ୍ଦ୍ରିକା, ବିଭିନ୍ନ ପୋଲିସ ଥାନାରେ କର୍ମଚାରୀଙ୍କୁ ନିଲମ୍ବନ, ଦୁର୍ନୀତି, ଭ୍ରଷ୍ଟାଚାର ବିରୁଦ୍ଧରେ ଭୋଟରମାନଙ୍କୁ ବୁଝାଇଥିଲେ । ଏହି ପ୍ରଚାର ଦଳରେ ରାଜ୍ୟ କଂଗ୍ରେସ ପ୍ରଭାରୀ ଡି. ରାଜୁ, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ପୂର୍ବତନ ମନ୍ତ୍ରୀ ଗଣେଶ୍ୱରବେହେରା, କଂଗ୍ରେସ ବିଧାୟକ ଦଳ ଉପନେତା ତାରାପ୍ରସାଦ ବାହିନୀପତି ପ୍ରମୁଖ ବହୁ ବରିଷ୍ଠ କଂଗ୍ରେସ ନେତା ପ୍ରଚାର କାର୍ଯ୍ୟ ପରିଚାଳନା କରୁଥିଲେ । ଗତ ୩ ଦିନ ଧରି ଜୋରସୋରରେ ପ୍ରଚାର କାର୍ଯ୍ୟ ଆଗେଇ ଚାଲିଥିବାବେଳେ ଭୋଟରମାନେ ମଧ୍ୟ ଆଗ୍ରହ ସହକାରେ କଂଗ୍ରେସ ନେତାମାନଙ୍କୁ ସ୍ୱାଗତ କରୁଥିବା ଦେଖାଯାଇଥିଲା ।

## ମୟୂରଭଞ୍ଜ : ୮୬ଟି ଠିପି ବନ୍ଦ ବିଦେଶୀ ମଦ ଦୋକାନ ନିମନ୍ତେ ୩୩୦ ଜଣ ; ଆବେଦନକାରୀ ମାନଙ୍କ ପକ୍ଷରୁ ୪୮୪ ଆବେଦନ ପତ୍ର ଦାଖଲ

ବାରିପଦା: ମୟୂରଭଞ୍ଜ ଜିଲ୍ଲାର ୨ଟି ପୌରପରିଷଦ, ୨ଟି ବିଜ୍ଞାପିତ କ୍ଷେତ୍ରପରିଷଦ ଓ ୨୬ଟି ବ୍ଲକଗୁଡ଼ିକରେ ରହିଥିବା ମୋଟ ୮୬ଗୋଟି ଠିପି ବନ୍ଦ ବିଦେଶୀ ମଦ ଦୋକାନର ନିଲାମ ପ୍ରକ୍ରିୟା ଶେଷ ହୋଇଛି । ୧୦ ବର୍ଷ ଧରି ଉକ୍ତ ଠିପି ବନ୍ଦ ବିଦେଶୀ ମଦ ଦୋକାନଗୁଡ଼ିକର ନିଲାମ ନ ହୋଇ କେବଳ ଲାଇସେନ୍ସଧାରୀମାନଙ୍କ ନାମରେ ଦୋକାନ ନବୀକରଣ ହୋଇ ଆସୁଥିଲା ଏବଂ ଏହା ୩ ବର୍ଷିଆ ମିଆଦରେ ଚାଲି ଆସୁଥିଲା । କିନ୍ତୁ ଚଳିତ ବର୍ଷ ଏଥି ନିମନ୍ତେ ଧର୍ମଗୋଳା ମାଧ୍ୟମରେ ୫ ବର୍ଷ ନିମନ୍ତେ ନିଲାମ ଦିଆଯାଇଛି । ଚଳିତ ବର୍ଷ ଉକ୍ତ ୮୬ଟି ଠିପି ବନ୍ଦ ସରକାରୀ ବିଦେଶୀ ମଦ ଦୋକାନର ନିଲାମ ପ୍ରକ୍ରିୟାରେ ୩୩୦ ଜଣ ଆବେଦନକାରୀମାନଙ୍କ ପକ୍ଷରୁ ମୋଟ ୪୮୪ଟି ଆବେଦନ ପତ୍ର ଦାଖଲ ହୋଇଥିଲା । ବିଶେଷ କରି ଚଳିତ ବର୍ଷ ପ୍ରଥମ ଥର ନିମନ୍ତେ ମୟୂରଭଞ୍ଜ ଜିଲ୍ଲାରୁ ମହିଳାମାନେ ନିଲାମରେ ଅଂଶ ଗ୍ରହଣ କରିଥିଲେ ।

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ରୋଗୀଦେଖାକୁ ନେଇ ଡାକ୍ତର ଓକିଲ ମୁହାଁମୁହିଁ




କେନ୍ଦ୍ରାପଡା : କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଆଉଟଡୋରରେ ଆଜି ଅପରାହ୍ନରେ ଏକ ରୋଗୀଦେଖାକୁ ନେଇ ଜନୈକ ଓକିଲ ଓ ଡାକ୍ତରଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଉପୁଜିଥିବା ଜଣାପଡିଛି । ଅଭିଯୋଗ ଅନୁଯାଇ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଚକ୍ରୋଡା ଗ୍ରାମପଞ୍ଚାୟତର ତରାପୁର(କଚେରୀ ଡିହ)ଗ୍ରାମର ଆଇନଜୀବି ମତିଉଲ୍ଲା ବକ୍ସ ଅସୁସ୍ଥ ପତ୍ନୀଙ୍କୁ ଦେଖାଇବା ନିମନ୍ତେ ଟିକେଟ କାଟି 1 ଡ୍ୟୁଟିରେ ଥିବା ଡା. ଏ.କେ.ନାୟକଙ୍କୁ ଧାଡିରେ ଦୀର୍ଘ ସମୟ ଧରି ଅପେକ୍ଷା କରିଥିଲେ । କିନ୍ତୁ ଧାଡିକୁ ଛାଡି ଅନ୍ୟ ବାଟରେ ରୋଗି ଡାକ୍ତରଙ୍କ ପାଖକୁ ଯାଇ ସେହି ଡାକ୍ତରଙ୍କୁ ଦେଖାଇବା ଘଟଣା ଦେଖି ଧାଡିରେ ବହୁ ସମୟ ଧରି ଅପେକ୍ଷା କରିଥିବା ବହୁ ରୋଗୀ ଘଟଣାର ପ୍ରତିବାଦ କରିଥିଲେ । ଏହାଦ୍ୱାରା ସଂପୃକ୍ତ ଡାକ୍ତର ନିଜ ସିଟରୁ ଉଠିଆସି ଆଇନଜୀବି ବକ୍ସଙ୍କ ରୋଗୀଙ୍କୁ ଦେଖିବେ ନାହିଁ ବୋଲି କହିଥିଲେ । ଫଳରେ ଉଭୟ ଓକିଲ ଏବଂ ଡାକ୍ତରଙ୍କର ମୁହାଁମୁହିଁ ପରିସ୍ଥିତି ଉପୁଜିଥିଲା । କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପୂର୍ବରୁ ମଧ୍ୟ ଏଭଳି ଘଟଣା ବାରମ୍ବାର ଘଟୁଥିବା ବେଳେ ସେଥିପ୍ରତି ଡାକ୍ତରଖାନା କର୍ତ୍ତୃପକ୍ଷ କିମ୍ବା ଜିଲ୍ଲା ପ୍ରଶାସନ ଆବଶ୍ୟକ ଧ୍ୟାନ ଦିଆଯାଇନଥିବାରୁ ଏଭଳି ଘଟଣା ବାରମ୍ବାର ଘଟୁଛି ।

## ଅଜଣା ଗାଡି ଧକ୍କାରେ ଯୁବ ଡ୍ରାଇଭରଙ୍କର ମୃତ୍ୟୁ, ଜଣେ ଗୁରୁତର

ଧର୍ମଶାଳା: ଅଜଣା ଗାଡି ଧକ୍କାରେ ଜଣେ ଯୁବ ଡ୍ରାଇଭରଙ୍କର ମୃତ୍ୟୁ ହୋଇଯାଇଥିବା ଜଣେ ଗୁରୁତର ଆହତ ହୋଇ ପ୍ରଥମେ ଯାଜପୁର ମୁଖ୍ୟଚିକିତ୍ସାଳୟ ଓ ପରେ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ ହୋଇଥିବା ଜଣାପଡିଛି । ଏଭଳି ଅଘଟଣ ଘଟିଛି ଯାଜପୁର ସଦର ଥାନା ଅନ୍ତର୍ଗତ ବରୁଆଁ-ବ୍ରହ୍ମବରଦା ମୁଖ୍ୟ ରାସ୍ତା ଝାଲପଡା ଛକ ନିକଟରେ । ମୃତ ଯୁବ ଡ୍ରାଇଭର ଜଣକ ହେଲେ ଏହି ଥାନା ଅନ୍ତର୍ଗତ ବାଗସାହି ଗ୍ରାମର ରବିନ୍ଦ୍ର ବେହେରାଙ୍କ ପୁଅ ସନ୍ତୋଷ(୩୫) ଓ ସନ୍ତୋଷର ସାଂଗ ଏହି ଗ୍ରାମର ତ୍ରିଲୋଚନ ବେହେରାଙ୍କୁ ପୁଅ ପ୍ରମୋଦ(୩୪) ଗୁରୁତର ଆହତ ହୋଇଥିବା ଜଣାପଡିଛି । ପୋଲିସ ଏକ ଅପମୃତ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ କରିବା ସହ ବାଇକକୁ ଜବତ କରିଛି । ମିଳିଥିବା ସୂଚନା ମୁତାବକ ଆଜି ଅପରାହ୍ନ ସାଢେ ୪ଟା ସମୟରେ ଏହି ବାଗସାହି ଗ୍ରାମର ସନ୍ତୋଷ ଓ ତାର ସାଂଗ ପ୍ରମୋଦ ଦୁହେଁ ଏକ ହିରୋ ସିଡି ଡିଲକ୍ସ ବାଇକରେ ବରୁଆଁ ଛକରୁ ଏକ ବ୍ୟାରେଲରେ ତେଲ ଟାଙ୍କିରୁ ତେଲ ନେଇ ଘରକୁ ଫେରୁଥିବା ସମୟରେ ଝାଲପଡାଛକ ନିକଟରେ ବିପରୀତ ଦିଗରୁ ଦ୍ରୁତ ଗତିରେ ଆସୁଥିବା ଏକ ଗାଡି ସେମାନଙ୍କୁ ଧକ୍କା ଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା । ବାଇକରେ ଥିବା ୨ ଯୁବକ ଗାଡିରେ ଗାଡ ହେବା ସହ ରାସ୍ତା କଡରେ ଥିବା ଏକ ଗଛରେ ବାଡେଇ ହୋଇଯାଇଥିଲେ । ସେମାନଙ୍କୁ ସ୍ଥାନୀୟ ଅଂଚଳର ଲୋକେ ସେମାନଙ୍କୁ ଉଦ୍ଧାର କରି ଏକ ଆମ୍ବୁଲାନ୍ସରେ ଯାଜପୁର ମୁଖ୍ୟ ଚକିତ୍ସାଳୟକୁ ନେଇଥିଲେ । ସେଠାରେ ଡାକ୍ତର ସନ୍ତୋଷକୁ ମୃତ ଘୋଷଣା କରିଥିଲେ । ଅନ୍ୟ ପକ୍ଷେ ଗରୁତର ପ୍ରମୋଦକୁ ପ୍ରାଥମିକ ଚିକିତ୍ସା କରାଯିବା ପରେ ତାଙ୍କର ଅବସ୍ଥା ଗୁରୁତର ହେବାରୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିବା ଜଣାପଡିଛି । ସଦର ପୋଲିସ ଘଟଣାସ୍ଥଳରେ ପଂହଚି ତଦନ୍ତ ଚଳାଇବା ସହ ବାଇକ ଜବତ ଶବ ଏକ ଅପମୃତ ମାମଲା ରୁଜୁ କରିଛି । ଏହି ଘଟଣା ଘଟିବା ଫଳରେ ସ୍ଥାନୀୟ ଅଂଚଳରେ ଶୋକାରଛାୟା ଖେଳି ଯାଇଛି ।

# ଝିଅ ବିପଦ ନୁହେଁ ଝିଅ ହିଁ ସମ୍ପଦ : ଜିଲ୍ଲାପାଳ

ଗଂଜାମ: ଚଳିତ ବର୍ଷ ଗଂଜାମ ଜିଲ୍ଲାକୁ ବାଲ୍ୟବିବାହ ମୁକ୍ତ ଜିଲ୍ଲାଭାବେ ପରିଚିତ କରାଇବାନେଇ ବିଭିନ୍ନ କାର୍ଯ୍ୟକ୍ରମ ମାନ ହତକୁ ନିଆଯିବ । ଯଦି ବାଲ୍ୟ ବିବାହ ହୁଏ ତେବେ ତାହାକୁ ମାଜିଷ୍ଟ୍ରିଆଲ ତଦନ୍ତଭୁକ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ସୁଦୂର ଗ୍ରାମାଂଚଳ ସ୍ତରରୁ ବାଲ୍ୟ ବିବାହ ରୋକିବା ନେଇ ଅଧିକ ଫୋକସ୍ ଦିଆଯିବ । ଆସନ୍ତା ଶୁକ୍ରବାରଠାରୁ ଶୁକ୍ରବାର ପର୍ଯ୍ୟନ୍ତ ଜିଲ୍ଲାରେ ବାଲ୍ୟ ବିବାହ ମୁକ୍ତ ଶପଥ ସପ୍ତାହ ପାଳନ ହେବ । ଏଥି ସକାଶେ ଆଜି ଅପରାହ୍ନରେ ନିର୍ଭୟ କଢ଼ି ଓ ମୋ ଗେହ୍ଲାଝିଅ ଜିଲ୍ଲାସ୍ତରୀୟ ଟାସ୍କ ଫୋର୍ସ ବୈଠକ ଜୁମ୍ ଭିଡ଼ିଓ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ବିଜୟ ଅମୃତା କୁଲାଙ୍ଗେ ଅଧ୍ୟକ୍ଷତା କରି ଜଣାଇଥିଲେ ଯେ, ଝିଅ କାହାପାଇଁ ବିପଦ ନୁହେଁ, ଝିଅ ହିଁ ସମ୍ପଦ । ସମସ୍ତ ଅଙ୍ଗନୱାଡ଼ି ଦିଦିଙ୍କଠାରେ ଶିଶୁ ଜନ୍ମ ତାଲିକା ରହିଛି ସେଥିରୁ ଝିଅ ମାନଙ୍କ ତଥ୍ୟ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ ଜରିଆରେ ସଂଗ୍ରହ କରି ତାଲିକାଭୁକ୍ତ କରାଯିବ । ୧୪ ବର୍ଷରୁ ୧୮ ବର୍ଷ ଝିଅ ମାନଙ୍କ ତଥ୍ୟ ରଖାଯିବ ଏବଂ ଜିଲ୍ଲା ଶିକ୍ଷାଧିକାରୀଙ୍କ ଜରିଆରେ ଅଧା ପାଠ ଛାଡୁଥିବା ଝିଅ ମାନଙ୍କ ତଥ୍ୟ ସଂଗ୍ରହ କରି ଡାଟାବେସ୍ ପ୍ରସ୍ତୁତ କରାଯିବ । ଗଂଜାମ ଜିଲ୍ଲାରେ ଅଦ୍ୟାବଧି ୧୦୩୨ଟି ଗ୍ରାମକୁ ବାଲ୍ୟ ବିବାହ ମୁକ୍ତ ଗ୍ରାମ ଭାବେ ଘୋଷଣା କରାଯାଇଛି । ଝିଅମାନେ ଯେପରି ସୁସ୍ଥ ରହିବେ ସେ ଦିଗରେ ଦୃଷ୍ଟି ଦିଆଯିବ । ଯେଉଁ ଝିଅମାନେ ମୋବାଇଲ୍ ବ୍ୟବହାର କରୁଛନ୍ତି ସେମାନଙ୍କୁ ସଚେତନ କରାଯାଇ ସେମାନଙ୍କ ପରିବାର ବର୍ଗ ସେମାନଙ୍କ ଇଚ୍ଛା ବିରୁଦ୍ଧରେ ଯଦି ୧୮ ବର୍ଷରୁ କମ୍ ବୟସରେ ବିବାହ କରୁଥାନ୍ତି ତାହାହେଲେ ସେମାନେ ପ୍ରଶାସନକୁ ଫୋନ୍ ମାଧ୍ୟମରେ ଜଣାଇବେ । ତେବେ ବାଲ୍ୟ ବିବାହକୁ ରୋକିବା ନେଇ ପଦକ୍ଷେପ ଗ୍ରହଣ କରାଯିବ । ଯେଉଁ ପରିବାରରେ ଝିଅ ଅଛନ୍ତି ସେମାନଙ୍କ ଅଭିଭାବକ ମାନଙ୍କଠାରୁ ଲିଖିତ ଆକାରରେ ରଖାଯାଉ ଯେ, ସେମାନେ ୧୮ ବର୍ଷରୁ କମ୍ ବୟସର ଝିଅଙ୍କୁ ବିବାହ ଦେବେ ନାହିଁ । ବିବାହ କାର୍ଯ୍ୟ ସମ୍ପନ୍ନ କରୁଥିବା ବ୍ରାହ୍ମଣ ମାନଙ୍କ ଠାରେ ଲିଖିତ ଶପଥପାଠ ରଖାଯାଉ ସେମାନେ ୧୮ ବର୍ଷରୁ କମ୍ ବୟସର ଝିଅଙ୍କ ବିବାହ କରିବା ଦିଗରେ ସହଯୋଗ କରିବେ ନାହିଁ । ୧୮ ବର୍ଷରୁ କମ୍ ବୟସର ଝିଅମାନେ ଶାରିରୀକ ସୁସ୍ଥ ନ ଥିଲେ ମଧ୍ୟ ସେମାନଙ୍କୁ ବିବାହ କରାଯାଉଛି ଏବଂ ସେମାନେ ଗର୍ଭବତୀ ହୋଇ ଅସୁସ୍ଥ ଶିଶୁର ଜନନୀ ହେଉଛନ୍ତି । ଯେଉଁ ମାନଙ୍କ ପରିବାରରେ ଝିଅ ଜନ୍ମ ହୁଅନ୍ତି ସେମାନଙ୍କ ପିରବାରରେ ଝିଅର ଜନ୍ମ ଉତ୍ସବ ପାଳନ ଦିଗରେ ଆଶା ଓ ଅଙ୍ଗନବାଡ଼ି କର୍ମୀଗଣ ସଚେତନତା ସୃଷ୍ଟି କରାନ୍ତୁ । ଝିଅ ଜନ୍ମ ହେତୁ ପରିବାରର ବିକାଶ ନିଶ୍ଚିତ ହେବ ଏହି ବାର୍ତ୍ତାର ପ୍ରଚାର ପ୍ରସାର କରିବା ନେଇ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ । ଝିଅ ଥିବା ଗରୀବ ପରିବାର ବର୍ଗଙ୍କ ଆର୍ଥିକ ଉନ୍ନତି ଦିଗରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । କୋଭିଡ଼୍ କଟକଣା ମଧ୍ୟରେ ନିର୍ଭୟ କଢ଼ି ଓ ମୋ ଗେହ୍ଲା ଝିଅ ସଚେତନତା କାର୍ଯ୍ୟକ୍ରମକୁ ଆଶା ଓ ଅଙ୍ଗନୱାଡ଼ି କର୍ମୀଙ୍କ ମୁଖ୍ୟ ଭୂମିକା ରହିଛି ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ସମସ୍ତେ ମିଳି ମିଶି ଝିଅ ମାନଙ୍କ ସକାଶେ କାର୍ଯ୍ୟ କରିବାର ଅଛି ବୋଲି ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ । ବୈଠକରେ ଶିଶୁ ମଙ୍ଗଳ କମିଟିର ସଦସ୍ୟ ସଦସ୍ୟା, ଡୁଡା ପ୍ରକଳ୍ପ ନିର୍ଦ୍ଦେଶକ ସୁଦାମ ଚରଣ ମଣ୍ଡଳ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁରେକା ସୁନ୍ଦରୀ ମଲ୍ଲିକ୍, ସମସ୍ତ ତହସିଲଦାର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ରାଉତରାପୁର ପଂହଚାୟତରେ ସରପଂଚ ପ୍ରାର୍ଥି ଉପ-ନିର୍ବାଚନ ଘଟଣା : ସ୍ୱାର୍ଥୀନ ପ୍ରାର୍ଥୀନୀ ନାମାଙ୍କନ ପତ୍ର ପ୍ରତ୍ୟାହୃତ କଲେ

ଧର୍ମଶାଳା: ଯାଜପୁର ଜିଲା ବରୀ ନିର୍ବାଚନ ମଣ୍ଡଳୀ ରସୁଲପୁର ବ୍ଲକ ରାଉତରାପୁର ପଂଚାୟତର ସରପଂଚ ପଦବି ପାଇଁ ଚଳିତ ମାସ ୫ ତାରିଖରେ ୩ ପ୍ରାର୍ଥୀନୀ ସେମାନଙ୍କର ପ୍ରାର୍ଥିପତ୍ର ଦାଖଲ କରିଥିଲେ । ସେମାନଙ୍କ ମଧ୍ୟରୁ ବିଜେପି ସମର୍ଥୀତ ପ୍ରାର୍ଥୀନି ତଥା ରାଉତରାପୁର ଗ୍ରାମର ସୁଜାତା ମଲିକ,ବିଜେଡି ସମର୍ଥୀତ ପ୍ରାର୍ଥୀନି ମମତା ମଲିକ ଓ ସ୍ୱାଧିନ ପ୍ରାର୍ଥୀନୀଭାବେ ଅନାମିକା ମଲିକ ସେମାନେ ରସୁଲପୁର ବ୍ଲକରେ ପ୍ରାର୍ଥିପତ୍ର ଦାଖଲ କରିଥିଲେ । ସେମାନଙ୍କ ମଧ୍ୟରୁ ବିଜେପି ସମର୍ଥୀତ ପ୍ରାର୍ଥିନୀ ସୁଜାତାଙ୍କର ପ୍ରାର୍ଥିପତ୍ର ନାକଚ ହୋଇଯାଇଥିବା ବେଳେ ଆଜି ପ୍ରାର୍ଥୀପତ୍ର ପତ୍ୟାହାରର ଶେଷ ସମୟ ଥିଲା । ତେବେ ଆଜି ସ୍ୱାର୍ଥୀନ ସମର୍ଥୀତ ପ୍ରାର୍ଥୀନୀ ଅନାମିକା ମଲିକ ତାଙ୍କ ପ୍ରାର୍ଥି ପତ୍ର ପତ୍ୟାହାର କରିନେଇଥିବା ଜଣାପଡିଛି । ଆସନ୍ତା କାଲି ଚୂଡାନ୍ତ ପାର୍ଥୀପତ୍ର ତାଲିକା ଘୋଷଣା କରାଯିବ ବୋଲି ବ୍ଲକ ନିର୍ବାଚନ ଅଧିକାରୀ ତଥା ରସୁଲପୁର ବିଡିଓ ଉମାକାନ୍ତ ପରିଡା ସୂଚନା ଦେଇଛନ୍ତି । ଚଳିତ ମାସ ୨୮ ତାରିଖରେ ନିର୍ବାଚନ ସମୟ ଧାର୍ଯ୍ୟ ହୋଇଛି । ଏହି ପଂଚାୟତରେ ବିନା ପ୍ରତିଦ୍ୱନ୍ଦିତାରେ ମମତା ବିଜୟୀ ହେବ ସୁନିର୍ଶ୍ଚିତ ହୋଇଯାଇଛି । ଏଭଳି ଘଟଣାକୁ ନେଇ ରାଉତରାପୁର ପଂଚାୟତରେ ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି । ବିଜେଡିର ଗୋଟି ଚାଳନାରେ ସଫଳ ହୋଇଥିବା ଭୋଟର ମହଲରେ ଆଲୋଚନା ହେଉଛି । ଶାସକ ଦଳ ଆଗରେ ବିରୋଧୀଙ୍କ ପାର୍ଥିପତ୍ର ନାକଚକୁ ନେଇ ବିଜେପିକୁ ସମାଲୋଚନା ହେବାକୁ ପଡିଛି । ଅନ୍ୟପକ୍ଷେ ସ୍ୱାଧୀନ ପ୍ରାର୍ଥୀନୀ ଅନାମିକା ବିଜେଡିର ଡୋମି କ୍ୟାଣ୍ଡିଡେଂଟ ବୋଲି ଆଜିର ପ୍ରତ୍ୟାହାରରୁ ଜଣାପଡିଛି । ଏବେ ବିଜେଡି ମହଲରେ ଖୁସିର ଲହାରୀ ଖେଳି ଯାଇଛି ।

# କେନ୍ଦୁଝରର ମରସୁଆଁ ଗାଁ ଲୋକେ ପାଣି ଟୋପାଏ ପାଇଁ ଡହଲ ବିକଳ : ପ୍ରହସନ ପାଲଟିଛି ସାମାଜିକ ଔଦ୍ୟୋଗିକ ଦାୟିତ୍ୱବୋଧ

କେନ୍ଦୁଝର: ପିଇବା ପାଣି ଟୋପାଏ ପାଇଁ ମରସୁଆଁ ଗାଁ ଲୋକେ ଡହଳ ବିକଳ ହେଉଛନ୍ତି । ଏଠାରେ ତିନି ଶହ ପରିବାର ପାଇଂ ଅଛି ମାତ୍ର ଗୋଟିଏ ନଳକୂଅ । ଏପଟେ କିନ୍ତୁ ମରସୁଆଁସ୍ଥିତ ପାନୀୟ ଜଳ ପ୍ରକଳ୍ପଟି ଦୀର୍ଘ ଦଶ ବର୍ଷ ଧରି କାମରେ ଆସୁନି । ଏପରିକି ସାମାଜିକ ଔଦ୍ୟୋଗିକ ଦାୟିତ୍ୱବୋଧ ମଧ୍ୟ ଏଠାରେ ପାଲଟିଛି ପ୍ରହସନ । କେନ୍ଦୁଝର ସଦର ବ୍ଲକ ପଳାଶପଙ୍ଗା ଗ୍ରାମ ପଂଚାୟତ ଅନ୍ତର୍ଗତ ମରସୁଆଁ ଗାଁ । ଏହି ଗାଁ ର ଚାରୋଟି ସାହୀ ରେ ରହୁଛନ୍ତି ପ୍ରାୟ ତିନି ଶହ ରୁ ଉର୍ଦ୍ଧ ପରିବାର । ଏମାନେ ସମସ୍ତେ ପାଣି ଟୋପାଏ ପାଇଁ ନିର୍ଭର କରିଥାନ୍ତି ଗାଁ ରେ ଥିବା ଏକ ମାତ୍ର ନଳକୂଅ ଉପରେ । ଫଳରେ ପାଣି ଟୋପାଏ ପାଇଁ ସକାଳୁ ସକାଳୁ ଏହି ନଳକୂଅ ମୂଳେ ଗାଁ ର ସ୍ତ୍ରୀ ଲୋକ ଙ୍କର ଲାଗେ ପ୍ରବଳ ଭିଡ । ଏପରିକି ପାଣି ଟୋପାଏ ପାଇଁ ଏଠାରେ ସେମାନଙ୍କ ନିଜ ନିଜ ମଧ୍ୟରେ ଅନେକ ସମୟରେ ଝଗଡା ଝାଟି ମଧ୍ୟ ହୁଏ । ଏହି ଗାଁ ର ଲୋକେ ଗାଁ ରେ ଥିବା ପୋଖରୀ ରେ ଗାଧୁଆ ପାଧୁଆ , ବାସନ ମଜା ଓ ଲୁଗା ସଫା କରୁଥିବା ବେଳେ , ନଳ କୂଅ ପାଣି କୁ ପିଇବା ସହ ରୋଷେଇ ବାସ କାମରେ ବ୍ୟବହାର କରିଥାନ୍ତି । ପାଣି ସଂଗ୍ରହ କରିବା ପାଇଁ ସେମାନଙ୍କୁ ପ୍ରତି ଦିନ ପ୍ରାୟ ଦୁଇ ରୁ ତିନି କିଲୋମିଟର ବାଟ ପ୍ରଚଣ୍ଡ ଖରା ରେ ଚାଲି ଚାଲି ଆସିବାକୁ ପଡିଥାଏ ବୋଲି ଦୁଃଖ ବଖାଣିଛନ୍ତି ଗାଁର ସାବିତ୍ରୀ ନାଏକ, ଦମୟନ୍ତି ମହାକୁଡ, ସରଣୀ ମହାନ୍ତ ପ୍ରମୁଖ । କେନ୍ଦୁଝର ଜିଲ୍ଲାରେ ମାଟି ତଳେ ରହିଛି ରତ୍ନର ଭଣ୍ଡାର ଓ ମାଟି ଉପରେ କଳ କାରଖାନାର ସମ୍ଭାର । କେନ୍ଦ୍ର ଓ ରାଜ୍ୟ ସରକାର ନାରା ଦେଲେ ଖଣି ଚାଲିଲେ ଓ କଳାକାରଖାନା ସ୍ଥାପନ ହେଲେ ସ୍ଥାନୀୟ ଅଂଚଳର ଲୋକ ଙ୍କର ବିକାଶ ହେବେ । ଆଉ ଏହି କଥା କୁ ବିଶ୍ୱାସ କରି କେନ୍ଦୁଝର ସଦର ବ୍ଲକ ପଳାଶପଙ୍ଗା ପଂଚାୟତ ର ମରସୁଆଁ ଗାଁ ଲୋକେ ତାଙ୍କ ଗାଁ ରେ ବ୍ରାଣ୍ଡ ଆଲଏଜ ଲିଃ ନାମକ ଏକ ସ୍ପଞ୍ଜ କାରଖାନା ସ୍ଥାପନ ପାଇଁ ଶାଗମାଛ ଦରରେ କମ୍ପାନୀ କର୍ତ୍ତୃପକ୍ଷ ଙ୍କ ହାତରେ ନିଜର ଚାଷ ଜମିକୁ ଟେକି ଦେଲେ । କାରଖାନା ସ୍ଥାପନ ହେଲା । କାର୍ଯ୍ୟକ୍ଷମ ମଧ୍ୟ ହେଲା । କାରଖାନା ମାଲିକ କୋଟି କୋଟି ଟଙ୍କା ଲାଭ ମଧ୍ୟ କଲେ । ହେଲେ କାରଖାନା ମାଲିକ ପାରିପାର୍ଶ୍ୱିକ ବିକାଶ କଥାକୁ ସଂପୂର୍ଣ୍ଣ ଯେପରି ଭୂଲି ଗଲେ । କେବଳ ଧର୍ମ କୁ ଆଖିଠାର ମାରିବା ଭଳି ଗାଁ ର ଖେଳ ପଡିଆ ନିକଟରେ ଏକ ବୋର୍‌ୱେଲ ଖନନ କରି ସେଥିରେ ଓଭର ହେଡ ଟ୍ୟାଙ୍କ ବସାଇ ପାଇପ ମାଧ୍ୟମରେ ଗାଁ ଲୋକ ଙ୍କୁ ପାଣି ଯୋଗାଇ ଦେବାର ବ୍ୟବସ୍ଥା କଲେ । କିନ୍ତୁ ବିଦ୍ୟୁତ ସଂଯୋଗ ସଂଯୋଗ କଲେ ନାହିଁ । ଫଳରେ ଗାଁର ଜଣେ ବଦାନ୍ୟ ବ୍ୟକ୍ତି ନିଜ ଘରୁ ବିଦ୍ୟୁତ ସଂଯୋଗ ଦେଇ ଗାଁ ଲୋକ ଙ୍କୁ ପାଣି ଯୋଗାଇବାର ବ୍ୟବସ୍ଥା କଲେ । ହେଲେ ମାତ୍ର ୧୦ ଦିନ ପରେ ବିଦ୍ୟୁତ ତାର ପୋଡି ଯିବାରୁ ସେହି ଦିନରୁ ଆଜକୁ ପ୍ରାୟ ୧୦ ବର୍ଷ ଧରି ଜଳ ଯୋଗାଣ ବନ୍ଦ ରହିଛି । ଗାଁ ଲୋକେ କାରଖାନା ମାଲିକ ଙ୍କ ଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ର ଅଧିକାରୀ ମାନଙ୍କୁ ଗୁହାରି କରି କରି ଥକି ପଡିଲେଣି ତଥାପି କେହି ଶୁଣୁ ନାହାନ୍ତି । ଏପଟେ ଲୋକେ ପାଣି ଟୋପାଏ ପାଇ ଡହଳ ବିକଳ ହେଉଛନ୍ତି । ଏ ସଂପର୍କରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ର ପ୍ରକଳ୍ପ ନିର୍ଦ୍ଦେଶକ ଙ୍କ ଦୃଷ୍ଟି ଆକର୍ଷଣ କରାଯିବା ପରେ ସେ ତୁରନ୍ତ ଗ୍ରାମୀଣ ଜଳ ଓ ପରିମଳ ବିଭାଗର ଯନ୍ତ୍ରୀ ଡଃ ଉଦ୍ଧବ ଚରଣମାଝି ଙ୍କ ସହ ଯୋଗାଯୋଗ କରାଯିବାରେ ସେ ତୁରନ୍ତ ଏହାର ସମାଧାନ କରିବେ ବୋଲି ପ୍ରତିଶୃତି ଦେଇଛନ୍ତି ।

# ପାଟେଲିପଙ୍କ ଶିଶୁଯତ୍ନ କେନ୍ଦ୍ରର କେଲେଙ୍କାରୀ

କେନ୍ଦ୍ରାପଡ଼ା: କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ବ୍ଲକ ଅଧିନ ପାଟେଲିପଙ୍କ ଠାରେ ଥିବା ଲୁଥେରାନ ସଂସ୍ଥା ଦ୍ୱାରା ପରିଚାଳିତ ନିବେଦିତା ଶିଶୁଯତ୍ନ କେନ୍ଦ୍ରର କେଲେଙ୍କାରୀ ଜିଲ୍ଲାରେ ହଇଚଇ ସୃଷ୍ଟି କରିଛି । ଏହି ସଂସ୍ଥା ବିରୋଧରେ ଯୌନ ନିର୍ଯ୍ୟାତନା, ଦୁଷ୍କର୍ମ ଜନିତ ଶିଶୁ ବିକ୍ରି ଆଦି ଅଭିଯୋଗ ଆସିଥିବା ବେଳେ ଏଠାରେ ରହୁଥିବା ଅନ୍ତେବାସୀ ମାନେ ଶାରିରୀକ ଓ ମାନସିକ ନିର୍ଯ୍ୟାତନା ଆଦି ଭୋଗୁଥିବା ଚର୍ଚ୍ଚାର ବିଷୟ ପାଲଟିଛି । ଏହି ସଂଗୀନ ଅଭିଯୋଗ ଗୁଡିକ ସମ୍ବନ୍ଧରେ ଅଭିଯୋଗ ପାଇବା ପରେ ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ଅଧ୍ୟକ୍ଷା ସଂନ୍ଧ୍ୟାବତୀ ପ୍ରଧାନ ଗତ ୫ ତାରିଖରେ ଦୁଷ୍କର୍ମ ମାମଲାର ତଦନ୍ତ କରି ଯାଇଛନ୍ତି । ଏନେଇ ମାର୍ଶାଘାଇ ଥାନାରେ ଦୁଇ ଦୁଇଟି ଏତଲା ଦାଏର କରାଯାଇଛି । ସଂପାଦିକା ମୀନାରାଣୀ ଭୂୟାଁ ଗୋଟିଏ ଏତଲା ଦାଏର କରିଥିବା ବେଳେ ଦୁଷ୍କର୍ମର ଶିକାର ହୋଇଥିବା ନାବାଳିକା ସନ୍ତାନ ଜନ୍ମ ପରେ ତାଙ୍କ ଛୁଆକୁ ବିକ୍ରି କରାଯାଇ ଥିବା ନେଇ ଅଭିଯୋଗ କରିଛନ୍ତି । ପିଡିତା ନାବାଳିକା ଜଣକ ଶିଶୁଯତ୍ନ କେନ୍ଦ୍ରର ହାଉସ କିପର ଭାବେ କାମ କରୁଥିଲେ । ତେବେ ଲୁଥେରାନ ମହିଳା ସମିତି ସଭାନେତ୍ରୀ ପ୍ରମିଳା ତ୍ରିପାଠୀଙ୍କ ଭାଇ ଜଗନ୍ନାଥଙ୍କ ଦ୍ୱାରା ବାରମ୍ବାର ଦୁଷ୍କର୍ମର ଶିକାର ହୋଇ ଶିଶୁପୁତ୍ର ଜନ୍ମ ଦେଇଥିବା ନାବାଳିକା ଜଣକ ସୂଚନା ଦେବାପରେ ସଂସ୍ଥାର ସଂପାଦିକା ଶ୍ରୀମତୀ ଭୂୟାଁ ରାଜ୍ୟ ଶିଶୁ ସୁରକ୍ଷା ଆୟୋଗଙ୍କ ନଜରକୁ ଆଣିଥିଲେ । ଏଭଳି ଗୁରୁତର ଅବିଯୋଗ ମିଳିବା ପରେ କେନ୍ଦ୍ରାପଡା ଜିଲ୍ଲା ବିଜେପି ମହିଳା ମୋର୍ଚ୍ଚାର ସଭାନେତ୍ରୀ ପ୍ରିୟଦର୍ଶନୀ ନନ୍ଦଙ୍କ ନେତୃତ୍ୱରେ ଏକ ତଥ୍ୟ ଅନୁସନ୍ଧାନୀ ଦଳ ଶୁକ୍ରବାର ପାଟଲିପଙ୍କ ଯାଇ ତଥ୍ୟ ଅନୁସନ୍ଧାନ କରିଛନ୍ତି । ଏହି ତଥ୍ୟ ଅନୁସନ୍ଧାନୀ ଦଳଙ୍କ ଅଭିଯୋଗ ଅନୁଯାଇ ଆଶ୍ରମର ମୁଖ୍ୟ ଫାଟକରେ ତାଲା ପକାଇ କର୍ମକର୍ତା ମାନେ ଆଶ୍ରମ ମଧ୍ୟରେ ପ୍ରବେଶ ସୁଯୋଗ ଦେଇ ନଥିଲେ । ସଂସ୍ଥାର ସଂପାଦକଙ୍କ ସହ ଫୋନ ଯୋଗେ ଯୋଗାଯୋଗ କରିବାରୁ ସେମାନେ ଭୁବନେଶ୍ୱର ଯାଇଛନ୍ତି ବୋଲି ଜଣାଇଥିଲେ । ତେବେ ଏହି ମହିଳା ଦଳଙ୍କୁ ଗେଟ୍ ପାଖରେ ଦେଖି ଭିତରେ ରହୁଥିବା ଅନ୍ତେବାସୀ ମାନେ ଗେଟ୍ ପାଖକୁ ଆସି ସେମାନଙ୍କ ଦୂରବସ୍ଥା ସଂପର୍କରେ ପ୍ରକାଶ କରିଥିଲେ । ଏହା ସହ ଉଠିଥିବା ଅଭିଯୋଗ ଗୁଡିକର ସତ୍ୟତା ସଂପର୍କରେ ମଧ୍ୟ ସହମତି ପ୍ରକାଶ କରିଥିଲେ । ଶାରିରୀକ ଓ ମାନସିକ ନିର୍ଯ୍ୟାତନାରେ ରହୁଥିବା ଏହି ଅନାର୍ଥ ଓ ସମସ୍ୟା ଜଡିତ ପିଲାମାନଙ୍କ ପ୍ରତି ପ୍ରଶାସନ ଦୃଷ୍ଟି ଦେଉନଥିବା ଅଭିଯୋଗ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ବନ୍ଦନା ରାଉତରାୟ, ମିନତୀ ମହାନ୍ତି, ଉଷାରାଣୀ ମିଶ୍ର, ପ୍ରତିମା ନାୟକ, କାବେରୀ ବେହେରା, ସଂଯୁକ୍ତା ରାଉତଙ୍କ ସମେତ ସାଧାରଣ ସଂପାଦକ ଅଭିମନ୍ୟୁ ଗୋଛାୟତ, ନଗର ସଭାପତି ଦିଲିପ ଦାସ ଓ ବାଦଲ ନନ୍ଦ ପ୍ରମୁଖ ଉପ ଜିଲ୍ଲାପାଳ ଓ ସିଡବ୍ଲୁସିଙ୍କୁ ଭେଟି ଅଭିଯୋଗ କରିଛନ୍ତି ।

## ଜିଲ୍ଲାରେ କୋଭିଡ ପଜିଟଭ କେଶ ବଢିଚାଲିଥିବାରୁ ଗୃହଏକାନ୍ତବାସ ପାଇଁ କୋଭିଡ କିଟ ପ୍ରସ୍ତୁତ କରୁଛି ପ୍ରଶାସନ

କେନ୍ଦ୍ରାପଡା,୧୦।୪: କେନ୍ଦ୍ରାପଡା ଜିଲ୍ଲାରେ କୋଭିଡ ପଜିଟିଭ କେଶ ବଢି ଚାଲିଥିବାରୁ ଗୃହ ଏକାନ୍ତବାସରେ ଆଗାମୀ ଦିନରେ ରହିବାକୁ ଥିବା କୋଭିଡ ପଜିଟିଭ ମାନଙ୍କ ପାଇଁ କୋଭିଡ କିଟ ପ୍ରସ୍ତୁତ କରିବାରେ ଲାଗିଛି ଜିଲ୍ଲା ପ୍ରଶାସନ । ଏଥିନିମନ୍ତେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗରେ କୋଭିଡ କିଟ ପ୍ରସ୍ତୁତ କରାଯାଉଛି । ପ୍ରତି କିଟରେ ଗୋଟିଏ ଡେଟଲ ହ୍ୟାଣ୍ଡୱାଶ, ଗୋଟିଏ ହ୍ୟାଣ୍ଡ ସାନିଟାଇଜର, ମ୍ୟାସ୍କ, ଭିଟାମିନ-ସି ଟାବଲେଟ ଓ ସଚେତନତା ପ୍ରଚାରପତ୍ର ରଖାଯାଇଥିବା ସୂଚନା ମିଳିଛି ।

# ନାବାଳକକୁ ଚେଙ୍କ ଦେବା ଘଟଣା : କଟକ ଶିଶୁ ମଙ୍ଗଳ ସମିତି ସଦସ୍ୟଙ୍କ ତନାଘନା

କେନ୍ଦ୍ରାପଡା: କଟକ ଓ କେନ୍ଦ୍ରାପଡା ଜିଲ୍ଲାର ଶିଶୁ ମଙ୍ଗଳ ସମିତିର ଏକ ୮ଜଣିଆ ମିଳିତ ଟିମ କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ସାଲେପୁର ଅଞ୍ଚଳର ଚେଙ୍କଖାଇ ଚିକିତ୍ସିତ ହେଉଥିବା ୧୭ବର୍ଷର ନାବାଳକକୁ ଦେଖିବା ସହ ତାକୁ ସମ୍ପୂର୍ଣ୍ଣ ଘଟଣା ଏବଂ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି । ଖାଇବା ଡେରି ହୋଇଯିବାରୁ ନାବାଳକର ବାପା ତାକୁ ଏକ ତତଲା ଲୁହାରଡରେ ଶରୀରର ବିଭିନ୍ନ ସ୍ଥାନରେ ଚେଙ୍କ ଦେବା ପରେ ସଂପୃକ୍ତ ପିଡିତ ନାବାଳକ ଜଣକ କୌଣସି ପ୍ରକାର ସେଠାରୁ ଖସି ପଳାଇଆସିବା ସହ ଚାଲିଚାଲି କେନ୍ଦ୍ରାପଡା ଜିଲ୍ଲାର ପାଟକୁରା ଥାନା ଅନ୍ତର୍ଗତ ମାହାଳ ବଜାର ନିକଟସ୍ଥ ମାମୁଁ ଘରେ ପହଁଚିଥିଲା । ସେଠାରୁ ତାକୁ ଅଣାଯାଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । କଟକ ଜିଲ୍ଲାର ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷା ମନ୍ଦାକିନୀ ଜେନା,ସଭ୍ୟ ଚିତ୍ତରଞ୍ଜନ ମହାନ୍ତି, କଟକ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଗତୀ ମହାନ୍ତି, କେନ୍ଦ୍ରାପଡା ଜିଲ୍ଲା ଶିଶୁ ମଙ୍ଗଳ ସମିତି ପୂର୍ବତନ ଭାରପ୍ରାପ୍ତ ଅଧ୍ୟକ୍ଷା ତଥା ବର୍ତ୍ତମାନର ସଦସ୍ୟା ସ୍ମିତାଞ୍ଜଳି ମହାପାତ୍ର, କଟକ ଜିଲ୍ଲା ଚାଇଲଡ ଲାଇନର ସଂଯୋଜକ ନାରାୟଣ ଶୁକ୍ଲା, କେନ୍ଦ୍ରାପଡା ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟର ପ୍ରମୋଦ କୁମାର ସେନାପତି, କେନ୍ଦ୍ରାପଡା ଚାଇଲଡ ଲାଇନର ରାକେଶ କୁମାର ବାରିକ, ଟିମ ସଦସ୍ୟ ସ୍ୱାଗତ ସୁଚନ୍ଦନ ସାହୁ ପ୍ରମୁଖ କେନ୍ଦ୍ରାପଡା ଡାକ୍ତରଖାନାରେ ପହଁଚି ସର୍ଜରୀ ବିଭାଗର ଡାକ୍ତର ବୀରେନ୍ଦ୍ର କୁମାର ଦାସ ଓ ମାନସ ଚନ୍ଦ୍ର ବିଶ୍ୱାଳଙ୍କ ସହ ସଂପୃକ୍ତ ପିଡିତ ନାବାଳକର ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ । ଏଥିସହିତ ମେଡିକାଲ ପରିସର ଅତ୍ୟନ୍ତ ଅପରିଷ୍କାର ଓ ଅପରିଚ୍ଛନ୍ନ ହୋଇଥିବା ଏବଂ ଦୁର୍ଗନ୍ଧ ବାହାରୁଥିବା ଘଟଣା ଦେଖି ବିରକ୍ତି ପ୍ରକାଶ କରିବା ସହ ସେ ସମ୍ପର୍କରେ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଥିଲେ ।

# ଯାଜପୁରର ଲିଡ଼ର୍ସ କ୍ଲବ୍ ପକ୍ଷରୁ ୰ ବାଳକୃଷ୍ଣ ଦାସଙ୍କୁ ଶ୍ରଦ୍ଧାଞ୍ଜଳି




ଯାଜପୁର: ଯାଜପୁରର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଲିଡ଼ର୍ସ କ୍ଲବ୍ ପକ୍ଷରୁ ଜଗନ୍ନାଥ ମନ୍ଦିର ସମ୍ମୁଖରେ ସଭାପତି ନାରାୟଣ ସାମନ୍ତଙ୍କ ଅଧ୍ୟକ୍ଷତାରେ ୰ ବାଳକୃଷ୍ଣ ଦାସଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ସ୍ୱର୍ଗତଃ ଦାସ ଯାଜପୁର ସହରର ଜଣେ ଜଣାଶୁଣା ବ୍ୟବସାୟୀ ଥିଲେ । ତଥାପି ମଧ୍ୟ ସେ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟରେ ସହଯୋଗ କରିବା ସହିତ ଲିଡ଼ର୍ସ କ୍ଲବ୍‌ର ଜଣେ ପୁରୁଣା ଏବଂ ପ୍ରତିଷ୍ଠିତ ସଭ୍ୟ ଥିଲେ । ସେ ସହରର ବିଭିନ୍ନ ସମସ୍ୟା ଓ ସାଧାରଣ ଲୋକଙ୍କର ଦୈନନ୍ଦିନ ଚଳଣି ସମ୍ପର୍କରେ ଲୋକମାନଙ୍କ ସହିତ ଆଲୋଚନା ଚର୍ଚ୍ଚା କରୁଥିଲେ । ସେ ଅତ୍ୟନ୍ତ ସ୍ପଷ୍ଟବାଦୀ, ପରୋପକାରୀ ଏବଂ ଦୃଢ଼ମନା ବ୍ୟକ୍ତି ଥିଲେ । ଅନ୍ୟାୟ ଓ ଅନୀତିକୁ ସେ ଖୋଲାଖୋଲି ବିରୋଧ କରୁଥିଲେ । ତାଙ୍କର ବିୟୋଗରେ ୧ ମିନିଟ୍ ନୀରବ ପ୍ରାର୍ଥନା କରାଯିବା ସହିତ ପଣ୍ଡିତ ହୃଷିକେଶ ପତି ଶାନ୍ତି ପାଠ କରିଥିଲେ । ଲିଡ଼ର୍ସ କ୍ଲବ୍‌ର ଦିବଂଗତ ସଭ୍ୟ ୰ ନୃସିଂହ ଚରଣ ସାମନ୍ତ, ୰ ଭଗବାନ ଜୀଙ୍କ ଉଦ୍ଦେଶ୍ୟରେ ୧ ମିନିଟ୍ ନୀରବ ପ୍ରାର୍ଥନା କରାଯିବା ସହିତ ସେମାନଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରାଯାଇଥିଲା । ଏହି ଶ୍ରଦ୍ଧାଞ୍ଜଳି ସଭାରେ କୁମାର ନାୟକ, ଅଶୋକ କୁମାର ଦାଶ, ପ୍ରଶାନ୍ତ କୁମାର ମହାନ୍ତି, ଦିଲ୍ଲୀପ କୁମାର ଦାଶ, ବିଜୟ କୁମାର ମହାରଣା, ବିଦ୍ୟାଧର ବାରିକ, ଅଧିକାରୀ ନବକିଶୋର ଦାସ, ସୁଦାମ ପାଢ଼ୀ, ଶ୍ରୀଜୟ ମହାପାତ୍ର, ବିଜୟ କୁମାର ସାହୁ, ବିଜୟ କୁମାର ମହାପାତ୍ର, ଶୁଭାଶିଷ ରାୟ, ପ୍ରଭାତ ଦାସ, ରବିନାରାୟଣ ସେଠୀ, ଅରଜିତ୍ ନାୟକ ପ୍ରମୁଖ ସ୍ମୃତିଚାରଣ କରିଥିଲେ ।




# ମାନସିକ ରୋଗ ଓ ଚିକିତ୍ସକ



ସ୍ୱର୍ଗରେ ଈଶ୍ୱରଙ୍କ ଭଳି ମର୍ତ୍ତ୍ୟରେ ଡାକ୍ତରଙ୍କୁ ଈଶ୍ୱର ବୋଲି କୁହାଯାଏ। ମାନବ ଜଗତ ପ୍ରତି ସେମାନଙ୍କ ଅବଦାନ ସମ୍ପର୍କରେ ମନେ ପକାଇବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଜୁଲାଇ ୧ ତାରିଖକୁ ଭାରତରେ ଚିକିତ୍ସକ ଦିବସ ଭାବେ ପାଳନ କରାଯାଏ। ପ୍ରଥମ ଚିକିତ୍ସକ ଦିବସ ୧୯୯୧ରେ ପାଳନ କରାଯାଇଥିଲା। ପ୍ରସିଦ୍ଧ ଚିକିତ୍ସାବିତ୍ ତଥା ପଶ୍ଚିମବଙ୍ଗର ଦ୍ୱିତୀୟ ମୁଖ୍ୟମନ୍ତ୍ରୀ ଡକ୍ଟର ବିଧାନ ଚନ୍ଦ୍ର ରାୟଙ୍କ ସମ୍ମାନାର୍ଥେ ଏହି ଦିବସ ପାଳନ କରାଯାଏ। ୧୮୮୨ ଜୁଲାଇ ୧ ତାରିଖରେ ଜନ୍ମଲାଭ କରିଥିବା ବିଧାନଚନ୍ଦ୍ରଙ୍କର ୮୦ ବର୍ଷ ବୟସରେ ୧୯୬୨ରେ ମୃତ୍ୟୁ ହୋଇଥିଲା। ଭାରତର ସର୍ବୋଚ୍ଚ ବେସାମରିକ ପୁରସ୍କାର ଭାରତ ରତ୍ନରେ ତାଙ୍କୁ ସମ୍ମାନିତ କରାଯାଇଥିଲା। ତାଙ୍କ ଜୀବନ କାଳ ଭିତରେ ସେ ଅନେକ ହସ୍‌ପିଟାଲ ଓ ପ୍ରତିଷ୍ଠାନ ଆରମ୍ଭ କରିଥିଲେ। ଭାରତୀୟ ସମାଜ ଓ ଲୋକଙ୍କ ଉନ୍ନତି ପାଇଁ ତାଙ୍କ ତ୍ୟାଗ ଥିଲା ଅତୁଳନୀୟ। ତେଣୁ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଉଛି। ଚିକିତ୍ସକ ଏବଂ ତାଙ୍କର ଚିକିତ୍ସା ମୂଲ୍ୟବାନ ଜୀବନ ପାଇଁ ଅତୀବ ଗୁରୁତ୍ୱପୂର୍ଣ୍ଣ। ତେଣୁ ଚିକିତ୍ସକଙ୍କୁ ଭଗବାନଙ୍କ ସହ ତୁଳନା କରାଯାଏ। ପ୍ରତ୍ୟେକ ବ୍ୟକ୍ତି ଚିକିତ୍ସକଙ୍କ ତ୍ୟାଗ, ସେବା ଓ ଚିକିତ୍ସାକୁ ଉଚିତ ସମ୍ମାନ ଦେବା ଲକ୍ଷ୍ୟରେ ଏହି ଦିବସ ପାଳନ କରାଯାଏ। ଏଥିସହ ଭାରତରେ ଜନସଂଖ୍ୟା ଢ଼େର ଅଧିକ ହୋଇଥିବାରୁ ଚିକିତ୍ସକଙ୍କ ଉପରେ ଅଧିକ ଗୁରୁଦାୟିତ୍ୱ ରହିଛି। ସାଧାରଣ ଜୀବନରେ ଚିକିତ୍ସକଙ୍କ ଯେଉଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ତାହା ମନେ ପକାଇଦେବା ଲାଗି ଏହି ଦିବସ ଉତ୍ସର୍ଗ କରାଯାଉଛି। ଏହି ଦିବସରେ ଅଧିକାଂଶ ବ୍ୟକ୍ତି ଚିକିତ୍ସକଙ୍କୁ ଫୁଲ, ଏବଂ ଗ୍ରିଟିଂ କାର୍ଡ଼ ଦେଇ ସମ୍ବର୍ଦ୍ଧନା ଜଣାନ୍ତି। ଏହି ଅବସରରେ ବିଭିନ୍ନ ସମାରୋହ ମଧ୍ୟରେ ଆୟୋଜନ କରାଯାଏ। ସାମ୍ପ୍ରତିକ ସମାଜ ତଥା ଚିକିତ୍ସା କ୍ଷେତ୍ରକୁ ଦେଖିଲେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ସମ୍ବେଦନଶୀଳ ଚିକିତ୍ସା ହେଉଛି ମାନସିକ ରୋଗ ଚିକିତ୍ସା। ଏ ରୋଗଟି ଏପରି ଏକ ଭାବଗତ ରୋଗ ଯାହାର ନିଦାନ ବା ପରୀକ୍ଷା ନିରୀକ୍ଷା ଅପେକ୍ଷା ରୋଗୀଟିର ପରିପାର୍ଶ୍ୱିକ ଅବସ୍ଥିତି, ସାମାଜିକ ସମସ୍ୟା ଓ ସବୁଠାରୁ ଅତୀବ ମୂଲ୍ୟବାନ କୁହାଯାଉଥିବା ମାନସିକ ସ୍ଥିତିକୁ ପ୍ରାଥମିକତା ଦିଆଯାଇଥାଏ। ଅନେକଙ୍କର ଭୁଲ ଧାରଣା ରହିଛି ଯେ ମାନସିକ ରୋଗର ଚିକିତ୍ସା କରୁଥିବା ଚିକିତ୍ସକମାନେ ରୋଗୀକୁ ଯନ୍ତ୍ରଣା, ଇଲେକ୍ଟ୍ରିକସକ୍ ନଦେଲେ ସେମାନେ ଭଲ ହେବେନାହିଁ ହେଲେ ଏହା ସମ୍ପୂର୍ଣ୍ଣ ଭୁଲ ବିଚାରଧାରା। ଏହି ଲେଖକ ନିଜ ମାନସିକରୋଗ ଚିକିତ୍ସା କ୍ଷେତ୍ରରେ ଦୀର୍ଘଦିନର ଅନୁଭୂତିକୁ ପାଥେୟ ଯାହା କରିଛି ସେ ଅନୁଭବ କରିଛି ଯେ ରୋଗୀଟିର ଚିକିତ୍ସା ଅପେକ୍ଷା ମନସ୍ତାତ୍ତ୍ୱିକ କ୍ଷେତ୍ରରେ ଦିଗ୍‌ଦର୍ଶନ ଦେବା ସହ ସେମାନଙ୍କ ଭାବଗତ ସାମାଜିକ ଜୀବନକୁ ଭାରସାମ୍ୟ ରଖିବା ପାଇଁ ପରାମର୍ଶ ଦ୍ୱାରା ରୋଗୀଟି ଆଶ୍ୱସ୍ତ ଲାଭ କରିଥାଏ। ପ୍ରାକାରାନ୍ତରେ କହିବାକୁଗଲେ ରୋଗୀମାନଙ୍କର ପୁର୍ନଜୀବନ ପ୍ରାପ୍ତି ହୋଇଥାଏ। ଆଜିର ଏହି ବିଜ୍ଞାନ ଯୁଗରେ ସମସ୍ତେ ଜାଣିବା ଉଚିତ ଯେ ମନୁଷ୍ୟ ଅତ୍ୟଧିକ ମାନସିକ ଚାପ ଯୋଗୁଁ ନାନା ଚିନ୍ତା ଓ ଅନ୍ୟାନ୍ୟ କାରଣ ଯୋଗୁଁ ମାନସିକ ଭାରସାମ୍ୟ ହରାଇଥାଏ। ପ୍ରତି ରୋଗ ପାଗଳାମି ନୁହେଁ ତେଣୁ ନିର୍ଦ୍ଧାରିତ ସମୟରେ ଚିକିତ୍ସକଙ୍କ ସହିତ ପରାମର୍ଶ କରି ନିୟମିତ ଅନୁପାତରେ ଔଷଧ ଖାଇଲେ ଏହି ରୋଗରୁ ଉପଶମ ମିଳିଥାଏ। ମାନସିକ ରୋଗ ଚିକିତ୍ସା କରୁଥିବା ଚିକିତ୍ସକମାନେ ରୋଗୀଟିର ଚିକିତ୍ସା କରିବା ସମୟରେ ଲମ୍ବା ସମୟର ଯେଉଁ ସମ୍ପର୍କ ଗଠନ ହୋଇଥାଏ ତାହା ସେ ରୋଗୀଟି ପାଇଁ ନିଶ୍ଚିନ୍ତ ଭାବରେ ଆଉଥରେ ଜନ୍ମ ପାଇବା ପରି କିନ୍ତୁ ଏହି ଚିକିତ୍ସକମାନେ ରୋଗୀ ସେବା କ୍ଷେତ୍ରରେ ତୀକ୍ଷ୍ଣ ଓ ନିଃସ୍ୱାର୍ଥପର ସେବା ଦେଉଥିବାରୁ ସେମାନଙ୍କର ବ୍ୟକ୍ତିଗତ ଜୀବନରେ ଅନେକ ଯନ୍ତ୍ରଣା ପାଇଥାନ୍ତି। ନିର୍ଦ୍ଧାରିତ ସମୟରେ ଘରେ ପହଞ୍ଚିବା ପାଇଁ ଡାକ୍ତରଖାନାରୁ ବା ଚିକିତ୍ସାଳୟରୁ ବାହାରିବା ସମୟରେ ଜଣେ ରୋଗୀଟିର ମୁମୂର୍ଷୁ ମୁହଁ ତାଙ୍କ ପଥରୋଧ କରିଥାଏ। ରୋଗୀଟିକୁ ମନସ୍ତାତ୍ତ୍ୱିକ କ୍ଷେତ୍ରରେ ସାନ୍ତ୍ୱନା ଦେବା, ଖାଉ ନଥିଲେ ଖାଦ୍ୟ ଗ୍ରହଣ ପାଇଁ ସ୍ନେହଶ୍ରଦ୍ଧାରେ ଆକଟ କରିବା, ବାହାରକୁ ଚାଲିଯାଉଥିଲେ ବୁଝାସୁଝା କରି ବେଡ୍‌କୁ ଫେରାଇ ଆଣିବାର ପ୍ରୟାସ ଭିତରେ ନିଜ ଦୈନନ୍ଦିନ ଜୀବନର ପାରିବାରିକ କ୍ଷେତ୍ରକୁ ପଛକୁ କରିବା ପାଇଁ ବାଧ ହୋଇଥାଏ। ସେ କ୍ଷେତ୍ରରେ ବ୍ୟବସାୟ ବା ନିର୍ଦ୍ଧାରିତ ସମୟ ଭିତର ଦାୟିତ୍ୱ ସମ୍ପାଦନା ଅପେକ୍ଷା ସବୁଠାରୁ ମୂଲ୍ୟବାନ ହୋଇଥାଏ ମାନବିକ ଦୃଷ୍ଟିକୋଣରୁ ସେହି ଲୋକଟି ପାଇଁ ଯଥେଷ୍ଟ ସମୟ ଦେବା। ଆଜିର କର୍ମବ୍ୟସ୍ତ ଜୀବନରେ ଚିକିତ୍ସା ସେବା କ୍ଷେତ୍ରରେ ଓଡ଼ିଶାର ଭତ୍ତିଭୂମି ଯାହା ଜନସଂଖ୍ୟା ତୁଳନାରେ ଚିକିତ୍ସକ ନାହାଁନ୍ତି। ଜଣେ ଜଣେ ମାନସିକରୋଗ ଚିକିତ୍ସକଙ୍କୁ ଦିନରେ ବେଳେବେଳେ ଶହେଜଣ ରୋଗୀକୁ ଦେଖିବା ପାଇଁ ବି ବିବେକ ବାଧ କରିଥାଏ। ଯାହାଦ୍ୱାରା ଚିକିତ୍ସକ ଜଣେ ନିଜ ଘର ପରିବାର ବ୍ୟକ୍ତିଗତ ଜୀବନଠାରୁ ପ୍ରାଥମିକତା ହୋଇଥାଏ। ରୋଗୀଟିର ଚିକିତ୍ସା ମାନସିକ ରୋଗ ଚିକିତ୍ସାର କଷ୍ଟଦାୟକ ପ୍ରସଙ୍ଗ ହେଉଛି ଯେ ଏ କ୍ଷେତ୍ରରେ ରୋଗୀଟି ନିଜେ କ'ଣ କରୁଛି, ତାହା ଚାରିପଟର ପୃଥିବୀ କିପରି ଆତଯାତ ହେଉଛି, ତା'ପାଇଁ ଦେବଦୂତ ପାଲଟିଥିବା ଚିକିତ୍ସକଟିଏ ହୁଅନ୍ତୁ ବା ଆତ୍ମୀୟସ୍ୱଜନ। କାହାଙ୍କୁ ଜାଣିବାର ସାମର୍ଥ୍ୟ ପାଇନଥାଏ। ମୋ ପିଲାଦିନରୁ ମୋ ବାପା ମାନସିକ ରୋଗ ବିଶେଷଜ୍ଞ ଡାକ୍ତର ଗୋପାଳ ଚନ୍ଦ୍ର କରଙ୍କ ପାଖକୁ ଆସୁଥିବା ମାନସିକ ରୋଗୀମାନଙ୍କୁ ଦେଖି ଏ ବିଷୟରେ ଅଧିକ ଜାଣିବା ପାଇଁ ବହୁ ଗବେଷଣା କଲି। କେବଳ ମାନସିକ ରୋଗୀ ମାନଙ୍କ ପାଇଁ 'ମନକଥା ଜାଣନ୍ତୁ' ଶୀର୍ଷକ ପୁସ୍ତିକାରେ ସବିଶେଷ ମାନସିକ ଚିକିତ୍ସା କ୍ଷେତ୍ରର ମୂଲ୍ୟବାନ ପରାମର୍ଶ ଉଲ୍ଲେଖ କରିଛି। ଚିକିତ୍ସକ ଦିବସରେ ଚିକିତ୍ସକମାନଙ୍କ ପ୍ରତି ରୋଗୀଟିର ଆତ୍ମୀୟ ସ୍ୱଜନଙ୍କଠାରୁ ସେମାନଙ୍କ ବିଚାର ଚେତନାର ଭାବନା ବଦଳିବା ଦରକାର। ଚିକିତ୍ସକମାନେ ଅନେକ ପ୍ରତିବନ୍ଧକକୁ ଡ଼େଇଁ ରୋଗୀଟିର ଜୀବନ ବଞ୍ଚାଇବା ପାଇଁ ଅହର୍ନିଷ ଉଦ୍ୟମ ଜାରି ରଖିଥାନ୍ତି । ହେଲେ ଭୁଲବୁଝାମଣାର ଶିକାର ହୋଇଥାନ୍ତି ଚିକିତ୍ସକ ଜଣଙ୍କ। ଚିକିତ୍ସକ ଦିବସରେ ଏହି ବିଶ୍ୱାସର ଭାବନା ଦୃଢ଼ୀଭୂତ ହେଉ ଏହାହିଁ ରୋଗୀଟି ପ୍ରତି ଆମ ସମସ୍ତଙ୍କର ଉତ୍ତରଦାୟିତ୍ୱ ବୋଲି ବୁଝାଯିବ।

**ଡାକ୍ତର ସମ୍ରାଟ କର,**
**ମାନସିକ ରୋଗ ବିଶେଷଜ୍ଞ, ପୁରୀଘାଟ ରୋଡ଼୍,**
**କଟକ, ଦୂରଭାଷ : ୯୧୩୨୪୩୩୩୩୩**

## ଡଃ. କୃଷ୍ଣଚନ୍ଦ୍ର ବସ୍ତିଆଙ୍କ ୮ମ ଶ୍ରାଦ୍ଧବାର୍ଷିକୀରେ ସ୍ମୃତିଚାରଣ ସଭା



କେନ୍ଦ୍ରାପଡା (ପିଏନ୍): ବଳଦେବ ଜୀଉ ବିଦ୍ୟାଭବନ ପରିସରରେ ବିଶିଷ୍ଟ ଶିକ୍ଷାବୀତ ତଥା ବିଜେଡି କଲେଜର ପ୍ରାଣପ୍ରତିଷ୍ଠାତା ସ୍ୱର୍ଗତ ଡଃ.କୃଷ୍ଣଚନ୍ଦ୍ର ବସ୍ତିଆଙ୍କ ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଓ ସ୍ମୃତିଚାରଣ ସଭା ପୁରାତନ ଛାତ୍ରସଂସଦ ଓ ବଳଦେବଜୀଉ ବିଦ୍ୟାଭବନର ମିଳିତ ଆନୁକୁଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଭବାନୀ ପ୍ରସାଦ ଓଝାଙ୍କ ପୌରହିତ୍ୟରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡା କଲେଜର ପ୍ରାକ୍ତନ ଅଧକ୍ଷ ନନ୍ଦ କିଶୋର ପରିଡା ଓ ସମ୍ମାନିତ ଅତିଥି ଭାବେ ଶିକ୍ଷାବୀତ ଈଶ୍ୱର ଚନ୍ଦ୍ର ସାହୁ, କୁଳମଣୀ ନାୟକ, ଡା. ନିରଞ୍ଜନ ପରିଡା, ପଣ୍ଡିତ ହୃଷିକେଶ ର. ବିଜୟ କେତନ ମହାପାତ୍ର ପ୍ରମୁଖ ଯୋଗଦେଇ ସ୍ୱର୍ଗତ ବସ୍ତିଆଙ୍କ ସ୍ମୃତିଚାରଣ କରିବା ସହ ଅନୁଷ୍ଠାନର ଉତ୍ତରୋତ୍ତର ଉନ୍ନତି କାମନା କରି ତାଙ୍କର ଅବଦାନ ଅତୁଳନୀୟ ବୋଲି ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୃପାସିନ୍ଧୁ ସାହୁ, ଶାନ୍ତିଲତା କର, ଅଧାପକ ଅଶୋକ କୁମାର ଦାସ, ଗଦାଧର ବେହେରା, ଡଃ.ସ୍ମୃତିରଞ୍ଜନ ବେହେରା, ଗୌରାଙ୍ଗ ଚରଣ ସାହୁ, ଗଙ୍ଗାଧର ସାହୁ, ଭୈରବାନନ୍ଦ ସାମଲ, ଅଧକ୍ଷ ଲକ୍ଷ୍ମୀଧର ପଲାଇ, ଦିନବନ୍ଧୁ ଲେଙ୍କା, କ୍ଷୀରୋଦ ବେହେରା, ସ୍ୱାଗତିକା ଓଝା, ମଞ୍ଜୁଲତା ପ୍ରଧାନ, ଶିକ୍ଷକ ମଧୁସୁଦନ ବେହେରା, ଡଃ. ପ୍ରଭାକର ମଲ୍ଲିକ, ଉତ୍ତମଚରଣ ପ୍ରଧାନ, ନିରାକାର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ମଧୁସୁଦନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ଅଗ୍ନିବିପନ୍ନଙ୍କୁ ସହାୟତାର ହାତ ବଢାଇଲା ଟ୍ରଷ୍ଟ



କେନ୍ଦ୍ରାପଡା (ପିଏନ୍): ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବାଞ୍ଛାନିଧି ଦାସ ଓ ଶ୍ରୀମତୀ ଦେବୀ ଚାରିଟେବୁଲ ଟ୍ରଷ୍ଟ ସବୁବେଳେ ଅସହାୟ ଲୋକମାନଙ୍କୁ ସହାୟତାର ହାତ ବଢାଇଥାଏ । ଟ୍ରଷ୍ଟର ମୁଖ୍ୟ ପୃଷ୍ଠପୋଷକ ଡଃ. ଦେବେନ୍ଦ୍ର କୁମାର ଦାସ ସୁଦୂର ଆମେରିକାରେ ଥାଇ ମଧ ବଡହାଟ ଇମାମବାଡାରେ ଅଗ୍ନିବିପନ୍ନଙ୍କ ସମ୍ପର୍କରେ ଖବରପାଇ ତୁରନ୍ତ ସେମାନଙ୍କୁ ସହାୟତା ପ୍ରଦାନ କରିବାକୁ ଟ୍ରଷ୍ଟର ସଂଯୋଜକ ତଥା ଜନସେବକ ପ୍ରଦୀପ କୁମାର ମହାନ୍ତିଙ୍କୁ ଅନୁରୋଧ କଲେ । ସଂଯୋଜକ ଶ୍ରୀ ମହାନ୍ତି ସଦସ୍ୟ ଚିତ୍ତରଞ୍ଜନ ଦାସଙ୍କ ସହ ବିପନ୍ନ ପରିବାରଙ୍କ ପାଖରେ ପହଁଚି ସେମାନଙ୍କୁ ଶାନ୍ତ୍ୱନା ପ୍ରଦାନ କରି କ୍ଷୋଭ, ବିସ୍କୁଟ, ଚୁଡା, ଶାଢୀ ଓ ଲୁଙ୍ଗି ପ୍ରଭୃତି ସହାୟତା ଦେଇ ଏଭଳି ବିପତ୍ତି ସମୟରେ ଧୈର୍ଯ୍ୟ ଧରିବାକୁ ପରାମର୍ଶ ଦେଇଥିଲେ । ଏଥିସହିତ ବିପନ୍ନ ପରିବାରଗୁଡିକୁ ସରକାରୀ ଯୋଜନାର ଅନ୍ତର୍ଭୁକ୍ତ କରି ସେମାନଙ୍କୁ ପକ୍କାଘର ଯୋଗାଇଦେବାକୁ ଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ସେକ ଫାରୁକ ସହଯୋଗ କରିଥିଲେ ।

# ରାଜ୍ୟ ସରକାରଙ୍କ ଅବହେଳାରୁ ଜଙ୍ଗଲ ଲୋପ ପାଇ ଚାଲିଛି

ଭୁବନେଶ୍ୱର (ଓଏନ୍‌ଏସ୍): କ୍ରମେ ଓଡ଼ିଶାରେ ଜଙ୍ଗଲ ଧ୍ୱଂସ ପାଇ ଚାଲିଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। ଡ଼େରାଡୁନ୍‌ଠାରେ ଥିବା ଭାରତୀୟ ବନ ସର୍ଭେକ୍ଷଣ ସଂସ୍ଥାର ରିପୋର୍ଟ ଅନୁଯାୟୀ ଆଗାମୀ ୨୦ବର୍ଷ ମଧ୍ୟରେ ରାଜ୍ୟରେ ସବୁତକ ଜଙ୍ଗଲ ଧ୍ୱଂସ ପାଇଯିବ ବୋଲି ଆଶଙ୍କା ବ୍ୟକ୍ତ କରାଯାଇଛି। ସୂଚନାଯୋଗ୍ୟ ଯେ, ୧୯୮୧ ମସିହାରେ ରାଜ୍ୟରେ ପ୍ରାୟ ୫୯୯୬୩ ବର୍ଗ କିଲୋମିଟର ଅଂଚଳ ଜଙ୍ଗଲ ପରିବେଷ୍ଟିତ ଥିଲା। ସେତେବେଳେ ଏହା ରାଜ୍ୟର ଭୌଗୋଳିକ ପରିସୀମାର ୩୮ ଭାଗ ଥିବାବେଳେ ଭାରତ ବର୍ଷର ମୋଟ ଜଙ୍ଗଲ ପରିମାଣର ୮ଭାଗ ଥିଲା। ହେଲେ ୧୯୯୭ ସୁଦ୍ଧା ରାଜ୍ୟ ସରକାରଙ୍କ ହିସାବ ଅନୁଯାୟୀ ଜଙ୍ଗଲ ପରିମାଣ ୫୮୧୩୫.୪୭ ବର୍ଗ କି.ମି.କୁ ଖସି ଆସିଥିଲା। ଏଥିମଧ୍ୟରେ ଚିହ୍ନଟ ସଂରକ୍ଷିତ ଜଙ୍ଗଲ, ଅଣ ଚିହ୍ନଟ ଜଙ୍ଗଲ, ଅଣ ଶ୍ରେଣୀଭୁକ୍ତ ଏବଂ ଅନ୍ୟାନ୍ୟ ଜଙ୍ଗଲ ପରିଣାମ ଯଥାକ୍ରମେ ୨୬୨୩୯.୧୬ବର୍ଗ କି.ମି., ୧୧୬୮୫.୬୮ ବର୍ଗ କି.ମି., ୩୮୩୮.୭୮ ବର୍ଗ କି.ମି. ଓ ୧୬୨୬୧.୩୪ ବର୍ଗ କି.ମି. ରହିଥିଲା। ବର୍ତ୍ତମାନ ରାଜ୍ୟରେ ପ୍ରାୟ ୪୫ ହଜାର ବର୍ଗ କି.ମି. ଜଙ୍ଗଲ ରହିଥିବା କୁହାଯାଉଛି। ମାତ୍ର ଜଙ୍ଗଲ ପରିମାଣକୁ ନେଇ ବିଭିନ୍ନ ସମୟରେ ଭାରତୀୟ ବନ ସଂରକ୍ଷଣ ସଂସ୍ଥାର ରିପୋର୍ଟ ଓ ରାଜ୍ୟ ସରକାରଙ୍କ ରିପୋର୍ଟରେ ତାରତମ୍ୟ ରହୁଛି। ବାସ୍ତବତା ଦେଖାଗଲେ, ବର୍ତ୍ତମାନ ଓଡ଼ିଶାରେ ୩୦ହଜାର ବର୍ଗ କି.ମି. ଜଙ୍ଗଲ ଥିବାନେଇ ସନ୍ଦେହ ରହିଛି। ପ୍ରତିବର୍ଷ ରାଜ୍ୟରେ ୭୦୦ରୁ ୯୦୦ ବର୍ଗ କି.ମି. ଆୟତନର ଜଙ୍ଗଲ ଧ୍ୱଂସ ପାଉଛି। ଏଥିରେ ଅବିଭାଜିତ କୋରାପୁଟ ଜିଲ୍ଲା ବହୁ ଆଗରେ ରହିଛି। ଉପକୂଳବର୍ତ୍ତୀ ଅଂଚଳରେ ଲୁଣା ଜଙ୍ଗଲ ସଂପୂର୍ଣ୍ଣ ରୂପେ ଧ୍ୱଂସ ପାଇ ସାରିଛି। ୧୯୯୯ ମହାବାତ୍ୟାରେ ୭୫ ଭାଗ ଲୁଣା ଜଙ୍ଗଲ ଧ୍ୱଂସ ପାଇଥିଲା। ଓଡ଼ିଶାର ଜଙ୍ଗଲ ଇତିହାସକୁ ଖେଳେଇଲେ, ଅନେକ ତଥ୍ୟ ସାମ୍ନାକୁ ଆସିବ। ସ୍ୱାଧୀନତା ବେଳେ ୧୭ଟି ଟେରିଟୋରିଆଲ୍ ଡ଼ିଭିଜନ୍ ଥିବା ଓଡ଼ିଶାର ଜଙ୍ଗଲ ବିଭାଗ ଜଣେ ପ୍ରିନ୍‌ସପାଲ୍ ବନ ସଂରକ୍ଷକଙ୍କ ଦ୍ୱାରା ପରିଚାଳିତ ହେଉଥିଲା। ସେତେବେଳେ ଜଙ୍ଗଲ ମାଫିଆମାନେ ସକ୍ରିୟ ହୋଇ ଉଠିଥିଲେ ଓ ଦ୍ରୁତ ଗତିରେ ଜଙ୍ଗଲ ଧ୍ୱଂସ ପାଇ ଚାଲିଲା। ଜଙ୍ଗଲ ଧ୍ୱଂସ ଆଶଙ୍କାରେ ରାଜ୍ୟ ସରକାର ୧୯୬୨ରେ ୭ଟି ଆଫୋର୍‌ଷ୍ଟେସନ୍ ଡ଼ିଭିଜନ୍ ଖୋଲିଲେ। ଅର୍ଥାତ୍ ଏହା ମାଧ୍ୟମରେ ଜଙ୍ଗଲ ଧ୍ୱଂସକୁ ରୋଗାଯାଇପାରିବ ଓ ଜଙ୍ଗଲ ପୁନରୁଦ୍ଧାର ହୋଇ ପାରିବ ବୋଲି ଲକ୍ଷ୍ୟ ରଖାଗଲା। କିନ୍ତୁ ଜଙ୍ଗଲ ଧ୍ୱଂସ ଅବ୍ୟାହତ ରହିଲା ଓ ୧୯୭୩ରେ ରାଜ୍ୟ ସରକାର କେନ୍ଦୁପତ୍ରକୁ ସ୍ୱତନ୍ତ୍ର ବିଭାଗରେ ପରିଣତ କଲେ ଓ ଏଥିପାଇଁ ରାଜ୍ୟରେ ୧୨ଟି ଡ଼ିଭିଜନ୍ ଖୋଲାଗଲା। ଆଶ୍ଚର୍ଯ୍ୟର କଥା ଯେ, ଜଙ୍ଗଲ ବିଭାଗକୁ ଭାଗଭାଗ କରାଯାଇ ଅଧିକରୁ ଅଧିକ କର୍ମଚାରୀଙ୍କୁ ନିୟୋଜିତ କରାଯିବା ସତ୍ତ୍ୱେ ଜଙ୍ଗଲ ଧ୍ୱଂସ ଅବ୍ୟାହତ ରହିଲା। କ୍ରମେ ରାଜ୍ୟବାସୀଙ୍କ ଉପରେ ଏହାର କୁପ୍ରଭାବ ପଡ଼ିଲା। ପରିବେଶ ପ୍ରଦୂଷିତ ହେବାରେ ଲାଗିଲା। ବର୍ଷକୁ ବର୍ଷ ତାପମାତ୍ରା ବଢିଲା। ଭବିଷ୍ୟତରେ ଭୟାବହତାର ଆଶଙ୍କା କରାଗଲା। ଆଉ ରାଜ୍ୟ ସରକାର ଜଙ୍ଗଲ ସୁରକ୍ଷା ନିମନ୍ତେ କୌଣସି ସନ୍ତୋଷ ଜନକ ପଦକ୍ଷେପ ନେଇ ପାରୁ ନଥିବାବେଳେ ୧୯୮୪ରେ ସୁଇଡ଼େନ୍ ସରକାର ରାଜ୍ୟରେ ଆରମ୍ଭ କଲା, "ସାମାଜିକ ବନ୍ୟ ପ୍ରକଳ୍ପ" କାର୍ଯ୍ୟକ୍ରମ। ଜଣେ ପ୍ରିନ୍‌ସପାଲ୍ ସିସିଏଫ୍‌ଙ୍କ ଦ୍ୱାରା ଜଙ୍ଗଲ ବିଭାଗ ପରିଚାଳିତ ହେଲେ ମଧ୍ୟ ଭିନ୍ନ ଭିନ୍ନ ଜଙ୍ଗଲ ସଂପଦକୁ ଅଲଗା ଅଲଗା କରାଯିବା ଦ୍ୱାରା ଜଙ୍ଗଲ ରକ୍ଷା ପାଇବା ସହ ଜଙ୍ଗଲ ସଂପଦର ସୁରକ୍ଷା ହୋଇ ପାରିବ ବୋଲି ଲକ୍ଷ୍ୟ ରଖା ଯାଇଥିଲା। ମାତ୍ର ଆଜି ସରକାର ନିଜ ଲକ୍ଷ୍ୟ ସ୍ଥଳରେ ପହଂଚିବାରେ ବିଫଳ ହୋଇଛନ୍ତି। ଜଙ୍ଗଲ କ୍ଷୟ ଅବ୍ୟାହତ ଥିବାବେଳେ ସାମାଜିକ ବନ୍ୟ ପ୍ରକଳ୍ପ ବିଫଳ ହୋଇଛି। ଜଙ୍ଗଲ ସଂପଦ ଉତ୍ପାଦନ ହ୍ରାସ ପାଇଛି ଓ ଜଙ୍ଗଲ ମାଫିଆ ତଥା କର୍ମଚାରୀଙ୍କ ଦ୍ୱାରା ମୂଲ୍ୟବାନ୍ ଜଙ୍ଗଲ ସଂପଦ ଆଖିବୁଜା ଲୁଟ୍ ହେଉଛି ଏବଂ ବହୁ ସଂଖ୍ୟାରେ ଜଙ୍ଗଲ ପ୍ରାଣୀ ଅକାଳ ମୃତ୍ୟୁ ବରଣ କରୁଛନ୍ତି। ସୂଚନାଯୋଗ୍ୟ ଯେ, ଧଳା ହରିଣ, କଇଁଛ, କୁମ୍ଭୀର ଓ ବାରହାଙ୍କର ସୁରକ୍ଷା ଓ ସେମାନଙ୍କର ବଂଶ ବୃଦ୍ଧି ପାଇଁ ରାଜନଗର ୱାଇଲଡ଼୍ ଲାଇଫ୍ ଡ଼ିଭିଜନ୍ ଖୋଲାଯାଇ ଥିବାବେଳେ ଟାଇଗର୍ ପ୍ରକଳ୍ପ ପାଇଁ ସିମିଳିପାଳ ଅଭୟାରଣ୍ୟ ବା ୱାଇଲଡ଼୍ ଲାଇଫ୍ ଡ଼ିଭିଜନ୍ ତଥା ହାତୀ, ବାଘ, ଗୟଳ, ସମ୍ବର ଆଦି ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ରାଜ୍ୟରେ ୧୮ଟି ଅଭୟାରଣ୍ୟ ଓ ୨ଟି ଜାତୀୟ ଉଦ୍ୟାନ ପ୍ରାୟ ୬୬୭୭.୫୦ବର୍ଗ କି.ମି. ଅଂଚଳରେ ପ୍ରତିଷ୍ଠା କରାଯାଇଥିଲା। ବିଭାଗୀୟ ଅବହେଳା ଓ ସୁରକ୍ଷା ଅଭାବରୁ ଅକାଳ ହାତୀ ମୃତ୍ୟୁ ଘଟଣା ବଢିଚାଲିଛି। ଭିତରକନିକା ପ୍ରାଣୀ ଅଭୟାରଣ୍ୟ, ସାମୁଦ୍ରିକ ଅଭୟାରଣ୍ୟ ଓ ଜାତୀୟ ଉଦ୍ୟାନ ପରିଚାଳନାରେ ବ୍ୟାପକ ତ୍ରୁଟି ରହୁଥିବାରୁ କୁମ୍ଭୀର, ଅଲିଭ୍ ରିଡ୍‌ଲେ କଇଁଛ, ବିଦେଶୀ ପକ୍ଷୀ, ବାରହା ଓ ଧଳା ହରିଣ ଆଦି ଜୀବଜନ୍ତୁ ତଥା ସରୀସୃପ ଅସୁରକ୍ଷା ବଳୟ ଭିତରେ ରହୁଛନ୍ତି। କଇଁଛ ଅଣ୍ଡାଦାନ ପ୍ରକ୍ରିୟାରେ ବାଧା ସୃଷ୍ଟି ଯୋଗୁ କ୍ରମେ ଏଠାକୁ ଆସୁଥିବା କଇଁଛଙ୍କ ସଂଖ୍ୟା ହ୍ରାସ ପାଉଛି। ଜଙ୍ଗଲ ସୁରକ୍ଷା ଓ କୃତ୍ରିମ ଜଙ୍ଗଲ ସୃଷ୍ଟି ପାଇଁ ସରକାର ଅନେକ ସ୍ୱାଗତଯୋଗ୍ୟ ପଦକ୍ଷେପ ନେଉଛନ୍ତି। ଗତ ୨ବର୍ଷ ମଧ୍ୟରେ ବିଭିନ୍ନ ଅଂଚଳରେ କୃତ୍ରିମ ଜଙ୍ଗଲ ସୃଷ୍ଟି ପାଇଁ ପ୍ରାୟ ୫୦ହଜାର ହେକ୍ଟର ଅଂଚଳରେ ବୃକ୍ଷରୋପଣ କରା ଯାଇଥିବା ବେଳେ ୪୦ହଜାର ହେକ୍ଟର ଉଜୁଡ଼ା ଜଙ୍ଗଲର ପୁନରୁଦ୍ଧାର, ୫ହଜାର ହେକ୍ଟର ବେଳାଭୂମିରେ ଝାଉଁ ବୃକ୍ଷ ରୋପଣ ଓ ବ୍ୟକ୍ତିବିଶେଷଙ୍କ ବାଡ଼ି ବଗିଚାରେ ବୃକ୍ଷ ସୃଷ୍ଟି ପାଇଁ ଉଦ୍ୟମ କରାଯାଉଛି। କିନ୍ତୁ ଜଙ୍ଗଲ ସୁରକ୍ଷା ଓ ନୂଆ ଜଙ୍ଗଲ ସୃଷ୍ଟି ପାଇଁ ସରକାରଙ୍କର ବିଭିନ୍ନ ପଦକ୍ଷେପର ସ'ଳତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଯେହେତୁ କେତେକ କାର୍ଯ୍ୟକ୍ରମ ଖାତାପତ୍ର ବା ଘୋଷଣାରେ ସୀମିତ ରହିଥିବାବେଳେ ଆଉ କେତେକ କାର୍ଯ୍ୟକାରୀତାରେ ଅନିୟମିତତା ରହିଛି। ସରକାର ଆନ୍ତରିକତାର ସହ ଏଥିପ୍ରତି ଦୃଷ୍ଟି ଦେବା ଉଚିତ। ଏବେ ଜଙ୍ଗଲ ସଂପଦରୁ ରାଜ୍ୟ ସରକାରଙ୍କର ଆୟ ଧାର୍ଯ୍ୟଲକ୍ଷ୍ୟରୁ ବହୁ କମ୍ ରହୁଛି। ସରକାର ଦୃଷ୍ଟି ଦେଲେ, ରାଜ୍ୟରେ କେନ୍ଦୁପତ୍ରରୁ ବର୍ଷକୁ ଅତିରିକ୍ତ ୨୦୦କୋଟି ଟଙ୍କାର ରାଜସ୍ୱ ସଂଗ୍ରହ ହୋଇ ପାରନ୍ତା।


## DISPLAY CLASSIFIED

**FOR ADVERTISEMENT CONTACT**
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

**ADMISSION ON**
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

**VED BHAWAN**
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

Mahaditya Publication

**ADMISSION ON**
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


## ରତିକାନ୍ତ ହେଲେ କେନ୍ଦ୍ରାପଡା ବିଧାନସଭା କ୍ଷେତ୍ରର ଯୁବକଂଗ୍ରେସ ସଭାପତି



କେନ୍ଦ୍ରାପଡା (ପିଏନ୍): ରାଜ୍ୟ ଯୁବ କଂଗ୍ରେସ ସଭାପତି ଡଃ. ସ୍ମୃତିରଞ୍ଜନ ଲେଙ୍କା କେନ୍ଦ୍ରାପଡାର ଯୁବ ସଂଗଠକ ରତିକାନ୍ତ ସାମଲଙ୍କୁ କେନ୍ଦ୍ରାପଡା ବିଧାନସଭା କ୍ଷେତ୍ର ପାଇଁ ଯୁବ କଂଗ୍ରେସ ସଭାପତି ଭାବେ ନିଯୁକ୍ତି ପ୍ରଦାନ କରିଛନ୍ତି । ଯୁବନେତା ଶ୍ରୀ ସାମଲଙ୍କ ଉପରେ ଭରସା କରି ତାଙ୍କୁ ଏଭଳି ଗୁରୁ ଦାୟିତ୍ୱ ପ୍ରଦାନ କରାଯାଇଥିବାରୁ ସେ ରାଜ୍ୟ ଯୁବ କଂଗ୍ରେସ ସଭାପତି ଶ୍ରୀ ଲେଙ୍କା, ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ଜିଲ୍ଲା କଂଗ୍ରେସ ସଭାପତି ଅଂଶୁମାନ ମହାନ୍ତି, ଜିଲ୍ଲା ଯୁବ କଂଗ୍ରେସ ସଭାପତି ସତ୍ୟପ୍ରିୟ ସାମଲ, ପ୍ରଦେଶ କଂଗ୍ରେସ ସୋସିଆଲ ମିଡିଆର ସାଧାରଣ ସମ୍ପାଦକ ସମ୍ବିତ ଶ୍ରୀଚନ୍ଦନଙ୍କୁ କୃତଜ୍ଞତା ଅର୍ପଣ କରିଛନ୍ତି ।

## ଜିଲ୍ଲା ପ୍ରତିଭା ପୂଜା ସଂସଦ ଦ୍ୱାରା ମାର୍ଶାଘାଇ ଥାନା ଅଧିକାରୀଙ୍କୁ କୋଭିଡ ଯୋଦ୍ଧା ସମ୍ମାନ



କେନ୍ଦ୍ରାପଡା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା ପ୍ରତିଭା ପୂଜା ସଂସଦ ଦ୍ୱାରା ମାର୍ଶାଘାଇ ଥାନାର ଭାରପ୍ରାପ୍ତ ଇନିସପେକ୍ଟର କାଳନ୍ଦି ବେହେରାଙ୍କୁ କୋଭିଡ ଯୋଦ୍ଧା ସମ୍ମାନରେ ସମ୍ମାନିତ କରାଯାଇଛି । କେନ୍ଦ୍ରାପଡା ଉପଖଣ୍ଡ ପୋଲିସ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଏସଡିପିଓ ରାଜୀବ ଲୋଚନ ପଣ୍ଡା ସଂସଦ ପକ୍ଷରୁ ମାର୍ଶାଘାଇ ଥାନାର ଭାରପ୍ରାପ୍ତ ଇନିସପେକ୍ଟର ଶ୍ରୀ ବେହେରାଙ୍କୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି କୋଭିଡ ଯୋଦ୍ଧା ସମ୍ମାନରେ ସମ୍ମାନିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ସଂସଦର ସଭାପତି ପ୍ରଦୀପ କୁମାର ମହାନ୍ତି, ସଭ୍ୟ ଚିତ୍ତରଞ୍ଜନ ଦାସ ଓ ଗୌରାଙ୍ଗ ଚରଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଭୁବନେଶ୍ୱର ଜିଲ୍ଲା କଂଗ୍ରେସର ରାଜୀବ ଗାନ୍ଧୀ ପଂଚାୟତିରାଜ ସଂଗଠନର ବୈଠକ

ଭୁବନେଶ୍ୱର (ପିଏନ୍)-ରାଜୀବ ଗାନ୍ଧୀ ପଂଚାୟତିରାଜ ସଂଗଠନ ତରଫରୁ ଭୁବନେଶ୍ୱର ଜିଲ୍ଲା, ଜୋନ ଏବଂ ୱାର୍ଡ଼ ସଂଯୋଜକମାନଙ୍କର ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଅଛି। ଏଥିରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ରାଜୀବ ଗାନ୍ଧୀ ପଂଚାୟତିରାଜ ସଂଗଠନର ଅଧ୍ୟକ୍ଷ ଡ. ପ୍ରଦୀପ୍ତ ନନ୍ଦ ସଭାପତିତ୍ୱ କରିଥିଲେ ଏବଂ ଭୁବନେଶ୍ୱର ଜିଲ୍ଲା କଂଗ୍ରେସର ତିନୋଟି ଜୋନର ସଂଯୋଜକ ଯଥା: ଉତର ନିର୍ବାଚନ ମଣ୍ଡଳୀ ସଂଯୋଜକ ଶ୍ରୀଯୁକ୍ତ ଲୋକନାଥ ଦାଶ, ଏକ୍ରାମ ନିର୍ବାଚନ ମଣ୍ଡଳୀର ସଂଯୋଜକ ଶ୍ରୀ ମଂଟୁ ମଲ୍ଲିକ, ମଧ ନିର୍ବାଚନ ମଣ୍ଡଳୀର ସଂଯୋଚକ ଶ୍ରୀ ତ୍ରିନାଥ ସାହୁ ଏବଂ ପ୍ରତ୍ୟେକ ୱାର୍ଡର ସଂଯୋଜକମାନେ ସାଂଗଠନିକ ଆଲୋଚନାରେ ଭାଗନେଇଥିଲେ। ଭୁବନେଶ୍ୱର ଜିଲ୍ଲାରେ କିପରି ଭାବରେ କଂଗ୍ରେସ କାର୍ଯ୍ୟକମ୍ରର ମୂଳଧାରା ଲୋକଙ୍କର ସେବା ଓ ଗାନ୍ଧୀଙ୍କ ଚିନ୍ତାଧାରାର ସମାଜ ଗଠନ ଏବଂ ସମାଜରେ ଥିବା ଭୁଲ ଲୋକଙ୍କଠାରୁ ସାଧାରଣ ଜନତାଙ୍କୁ ନ୍ୟାୟ ଦେବା ଏବଂ ସୁସ୍ଥ ସମାଜ ଗଠନରେ କଂଗ୍ରେସ କର୍ମୀ ସହଯୋଗ କରିବା ପାଇଁ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀଯୁକ୍ତ ନିରଂଜନ ପଟ୍ଟନାୟକ, ଅଖିଳ ଭାରତୀୟ କଂଗ୍ରେସ ରାଷ୍ଟ୍ରୀୟ ସଂଯୋଜକ ଶ୍ରୀ କୁନାଲ ବାର୍ନାଜୀ, ଅଖିଳ ଭାରତୀୟ କଂଗ୍ରେସ ରାଷ୍ଟ୍ରୀୟ ସଂଯୋଜକ ଓବିସି ବିଭାଗର ଶ୍ରୀ ରାଜକିଶୋର ବାରିକ, ଓଡ଼ିଶା ଆରଜିପିଏସର ଅଧ୍ୟକ୍ଷ ଶ୍ରୀ ସୁଦର୍ଶନ ଦାସ, ପୂର୍ବତନ ମନ୍ତ୍ରୀ ଶ୍ରୀ ପଂଚାନନ କାନୁନଗୋ, ବରିଷ୍ଠ କଂଗ୍ରେସ ନେତା ମନୋରଂଜନ ଦାଶ, ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ବିଶ୍ୱଜିତ ଦାଶ, ଜୟକୃଷ୍ଣ ସୁବୁଦ୍ଧି, ଶତ୍ରୁଘନ ବେହେରା, ସଂଜୀବ ମହାନ୍ତି, ମନୋରଂଜନ ରାଉତରାୟ, ଉମେଶ ଦାସ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏହି ବୈଠକରେ ନିଷ୍ପତି ନିଆଗଲା ଯେ କିପରି ଖୁବଶୀଘ୍ର ପ୍ରତ୍ୟେକ ୱାର୍ଡରୁ ପଂଚାୟତିରାଜ ସଂଗଠନକୁ ସୁଦୃଢ଼ ଏବଂ ସଂଗଠିତ କରାଯିବ ସେଥିନେଇ ଆଲୋଚନା ହୋଇଥିଲା।

## ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ



ଯାଜପୁର (ପିଏନ୍): ଯାଜପୁର ବ୍ଲକ ଜାହାନପୁର ଗ୍ରାମପଞ୍ଚାୟତର ବଖାଣପୁର ଗ୍ରାମର ବିଶିଷ୍ଟ ସଂସ୍କୃତି ପ୍ରେମୀ ଓ ଧର୍ମପରାୟଣ ବ୍ୟକ୍ତି ପଦ୍ମଲୋଚନ ଭଦ୍ରଙ୍କ ଗତ ତା୦୨.୦୨.୨୦୨୧ ରିଖ ଦିବା ୧ ଘଟିକା ସମୟରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୮୧ ବର୍ଷ ବୟସ ହୋଇଥିଲା। ସେ ଏକାଧାରରେ ସଂସ୍କୃତିପ୍ରେମୀ ଓ ଧର୍ମପରାୟଣ ବ୍ୟକ୍ତି ଥିଲେ। ତାଙ୍କ ଗ୍ରାମ ବଖାଣପୁରଠାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରିବା ଓ ଧର୍ମ ଉପରେ ଆଧାରିତ ବିଭିନ୍ନ କାର୍ଯ୍ୟକ୍ରମ କରି ସେଠାକାର ଅଞ୍ଚଳରେ ନିଜକୁ ଉଚ୍ଚ ସମ୍ମାନରେ ରଖିପାରିଥିଲେ। ସେ ଜୟଦୁର୍ଗା କିର୍ତ୍ତନ ମଣ୍ଡଳୀର ସଭାପତି ଭାବେ ଦୀର୍ଘଦିନ ଦାୟିତ୍ୱରେ ରହି ସୁରୁରୁ ରୂପେ କାର୍ଯ୍ୟ ତୁଲାଇଥିଲେ। ତାଙ୍କର ମୃତ୍ୟୁରେ ସମଗ୍ର ବଖାଣପୁର ଅଞ୍ଚଳ ସମେତ ଆଖପାଖ ପଞ୍ଚାୟତରେ ଶୋକର ଛାୟା ଖେଳିଯାଇଛି। ତାଙ୍କର ମୃତ୍ୟୁ ଖବର ପାଇ ବହୁ ଲୋକ ତାଙ୍କର ଶେଷ ଦର୍ଶନ କରିବା ପାଇଁ ରୁଣ୍ଡ ହୋଇଥିଲେ। ମୃତ୍ୟୁ ସମୟରେ ତାଙ୍କ ପରିବାରର ପୁଅ, ବୋହୂ, ନାତି, ନାତୁଣି ଓ ସମସ୍ତ ପରିବାର ଉପସ୍ଥିତ ଥିଲେ। ସେ ମେଳାପି ବ୍ୟକ୍ତି ଥିଲେ, ତାଙ୍କ ମୃତ୍ୟୁରେ ମନୋଜ ରାଉତ, ସନ୍ତୋଷ ନନ୍ଦ, ଗଦାଧର ଦାସ, କାହ୍ନୁ ଚରଣ ସ୍ୱାଇଁ, ମାନସ ରଞ୍ଜନ ପଣ୍ଡା, ଜାହାନପୁର ସରପଞ୍ଚ ସୁଧାଂଶୁ ଆଚାର୍ଯ୍ୟ, ପୁର୍ଣ୍ଣଚନ୍ଦ୍ର ସାହୁ, ସୁରେନ୍ଦ୍ର ପଣ୍ଡା, ଶିବପ୍ରସାଦ ଖିଲାର, ବିଳାସ ରାଉତ, ବିଦ୍ୟାଧର ରାଉତ, ବିରେନ ନାୟକ, ବିରେନ ମହାନ୍ତି, ଚୈତନ୍ୟ ପ୍ରଧାନ ପ୍ରଭୃତି ଶୋକ ବ୍ୟକ୍ତ କରିଛନ୍ତି।

## କପାଳେଶ୍ୱର ଗାଁ କଲ୍ୟାଣ ସମିତିର କରୋନା ସଚେତନତା ପାଇଁ ପ୍ରସ୍ତୁତି ବୈଠକ



କେନ୍ଦ୍ରାପଡା (ପିଏନ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କପାଳେଶ୍ୱର ଗାଁ କଲ୍ୟାଣ ସମିତିର କୋଭିଡ-୧୯ରେ ଗ୍ରାମ୍ୟ ନିରିକ୍ଷଣ ଓ ୱାର୍ଡ ନିରିକ୍ଷଣ କମିଟିର ସଭ୍ୟସଭ୍ୟାମାନଙ୍କୁ ନେଇ ଆଗାମୀ ଦିନରେ କରୋନା ସଚେତନତା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ କପାଳେଶ୍ୱର ପଞ୍ଚାୟତର ସରପଞ୍ଚ ଗାୟତ୍ରୀ ମହାନ୍ତି ମୁଖ୍ୟ ଅତିଥି ଓ ବ୍ଲକ ଉପସଭାପତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଗ୍ରାମର ୱାର୍ଡସଭ୍ୟ ଓ ଭଦ୍ରବ୍ୟକ୍ତି ମଲ୍ଲିକ ଅଲିଜାନ, କେ. ଗୌରୀରାଓ, ସେକ ଅୟୁନୁଲ ଇସଲାମ, ସୟଦ ସମସେର ଅଲ୍ଲୀ, ଏମଡି. ପରଭେଜ ସଜାଦ, ରାମଚନ୍ଦ୍ର ସାହୁ, ମୀର ସଫିକ, ଅବଦୁଲ ସଲିମ, ଅବଦୁଲ କଲାମ, ଦାମୋଦର ସାହୁ, ଅକ୍ଷୟ କୁମାର ଦାସ, ସଂଗ୍ରାମକେଶରୀ ମହାନ୍ତି ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଅଙ୍ଗନୱାଡି କର୍ମୀ କୁମୁଦିନି ମହାନ୍ତି, ସମସେରା ବେଗମ, ବାସନ୍ତି ସାହୁ, ଗୀତାଞ୍ଜଳି ମହାନ୍ତି, ଭାରତୀ ମଲ୍ଲିକ, ସହାୟିକା ସାବିତ୍ରୀ ଦାସ, ନଗମା ବିବି, କଇନାରାଣୀ ପାତ୍ର, ଆଶାକର୍ମୀ କଳ୍ପନା ମହାନ୍ତି ଓ ପୁଷ୍ପଲତା ଜେନା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ଓଡିଶା ରାଜ୍ୟ ସ୍କାଉଟସ୍ ଓ ଗାଇଡସ୍‌ର ପ୍ରତିଷ୍ଠାତା ସମ୍ପାଦକଙ୍କୁ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର (ପିଏନ୍): ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍‌ର ପ୍ରତିଷ୍ଠାତା ସମ୍ପାଦକ ତଥା ସାହିତ୍ୟ ଭୂଷଣ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ପଣ୍ଡିତ ରଘୁନାଥ ମିଶ୍ରଙ୍କର ୨୩ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ରାଜ୍ୟ ମୁଖ୍ୟାଳୟ ତରଫରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ରାଜ୍ୟ ମୁଖ୍ୟ କମିଶନର ଡଃ. କାଳିପ୍ରସାଦ ମିଶ୍ରଙ୍କ ସମେତ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଏହି ସଭାଟିକୁ କରୋନାର ନିୟମାବଳୀ ଅନୁଯାୟୀ ସମଦୂରତା ରକ୍ଷାକରି, ସାନିଟାଇଜର ବ୍ୟବହାର ଏବଂ ମୁହଁରେ ମାସ୍କ ଲଗାଇ ପାଳନ କରାଯାଇଥିଲା। ରାଜ୍ୟ ମୁଖ୍ୟାଳୟର ସମସ୍ତ କର୍ମକର୍ତ୍ତା ଏହି ସଭାରେ ସହଯୋଗିତା ରହିଥିଲେ।




# ଜେଏସପିଲ ଫାଉଣ୍ଡେସନର ଅଧକ୍ଷା ଉଷୁ ଖେଳାଳୀଙ୍କୁ ଭେଟିଲେ, ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିବାର ପ୍ରଗାଢତା ହିଁ ସଫଳ ଖେଳାଳୀ ସୃଷ୍ଟି କରେ

ଯୋଡା: ଜେଏସପିଏଲ ଫାଉଣ୍ଡେସନର ଅଧକ୍ଷା ଶ୍ରୀମତୀ ଶାଲୁ ଜିନ୍ଦଲ ଏଠାରେ ସ୍ଥାନୀୟ ଉଷୁ ଖେଳାଳୀଙ୍କୁ ଭେଟି ସେମାନଙ୍କୁ ସର୍ବଦା ନିଜର ସର୍ବଶ୍ରେଷ୍ଠ ଖେଳ ପ୍ରଦର୍ଶନ କରିବା ପାଇଁ ଉତ୍ସାହର ବାର୍ତ୍ତା ଦେଇଛନ୍ତି । ନିକଟସ୍ଥ ସିଆଳିଯୋଡା ଠାରେ ଜେଏସପିଏଲ ଫାଉଣ୍ଡେସନ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା ଉଚ୍ଚମାନର ସ୍ପୋର୍ଟସ୍ କମ୍ପ୍ଲେକ୍ସରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରାୟ ୫୦ଜଣ ଉଷୁ ଖେଳାଳୀଙ୍କ ସହ ପ୍ରଶିକ୍ଷକ ପଙ୍କଜ କୁମାର ମହାନ୍ତ ଉପସ୍ଥିତ ଥିଲେ । କୋଭିଡ ନିୟମକୁ ପରିପାଳନ କରି ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଉଷୁ ଖେଳାଳୀ ମାନଙ୍କୁ ସମ୍ବୋଧିତ କରି ଶ୍ରୀମତୀ ଜିନ୍ଦଲ କହିଥିଲେ ଜିତିବା ଏବଂ ହାରିବା ଖେଳର ଏକ ପରିଣାମ ମାତ୍ର । କିନ୍ତୁ ସବୁ ଖେଳରେ ସବୁବେଳେ ନିଜର ସର୍ବଶ୍ରେଷ୍ଠ ପ୍ରଦର୍ଶନ କର । କାରଣ ସର୍ବଶେଷରେ ନିଜେ ଖେଳାଳୀ ହିଁ ନିଜ ପ୍ରଦର୍ଶନକୁ ପରଖି ଖେଳର ପରିଣାମ ବିଚାର କରିପାରିବେ । ଏହି ପରିପ୍ରେକ୍ଷୀରେ ସେ ଆହୁରୀ ମଧ କହିଥିଲେ ଜିତିବାର ଅଦମ୍ୟ ଇଚ୍ଛା,ଆଗକୁ ବଢିବାର ଦୃଢ ମନ ଏବଂ ନିଜର ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିବାର ପ୍ରଗାଢତା ହିଁ ଏକ ସଫଳ ଖେଳାଳୀ ସୃଷ୍ଟି କରିପାରେ । ଏହି କାର୍ଯ୍ୟକ୍ରମରେ ସେ ଅନ୍ତର୍ଜାତୀୟ ଉଷୁ ପଦକ ବିଜେତା ବବଲୁ ମୁଣ୍ଡାଙ୍କ ସହ ସାକ୍ଷାତ କରି ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ । ବବଲୁ ତାଙ୍କର ଅନ୍ତର୍ଜାତୀୟ ଖେଳର ଅନୁଭବ ସମସ୍ତ ଉତ୍କଣ୍ଠିତ ଖେଳାଳୀଙ୍କ ସହ ବାଣ୍ଟିଥିଲେ । ଶ୍ରୀମତୀ ଜିନ୍ଦଲ ଜାତୀୟ ପଦକ ବିଜେତା କୁମାରୀ ମୁ ମୁଣ୍ଡାଙ୍କୁ ଖେଳ ସହ ପାଠପଢା ପ୍ରତି ମଧ ବିଶେଷ ଧାନ ଦେବା ଲାଗି ଉପଦେଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ କିଛି ଖେଳାଳୀ ପଙ୍କଜ କୁମାର ମହାନ୍ତଙ୍କ ତତ୍ତ୍ୱାବଧାନରେ ସେମାନଙ୍କ ଚିତ୍ତାକର୍ଷକ ସମରକଳା ପ୍ରଦର୍ଶନ କରିଥିଲେ ଯାହାକି ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ଏଥିପାଇଁ ଶ୍ରୀମତୀ ଜିନ୍ଦଲ ପ୍ରଶିକ୍ଷକଙ୍କୁ ଧନ୍ୟବାଦ ଦେବା ସହ ଏହି ଗ୍ରାମୀଣ ଖେଳାଳୀ ମାନଙ୍କର ଖେଳରେ ଆହୁରୀ ଉନ୍ନତି ପାଇଁ ସବୁ ପ୍ରକାର ଆବଶ୍ୟକୀୟ ସୁବିଧା ଏବଂ ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଜେଏସପିଏଲ ଫାଉଣ୍ଡେସନ କେନ୍ଦୁଝର ଜିଲ୍ଲାରେ ଉଷୁ ଖେଳାଳୀ ମାନଙ୍କୁ ସୁକ୍ଷମ ଖାଦ୍ୟ ସହ ଭିତ୍ତିଭୂମି ଏବଂ ପ୍ରଶିକ୍ଷଣର ସୁବିଧା ଯୋଗାଇ ଆସୁଛି,ଯାହାଦ୍ୱାରା ଏହି ଖେଳାଳୀ ମାନେ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ଓଡିଶାର ନାମକୁ ବଜାୟ ରଖିଛନ୍ତି । ଶ୍ରୀମତୀ ଜିନ୍ଦଲ ପରବର୍ତ୍ତୀ ପର୍ଯ୍ୟାୟରେ ଜିନ୍ଦଲ ସ୍କୁଲ ବୁଲି ଦେଖିଥିଲେ ଏବଂ ଉତ୍ତମ ଶିକ୍ଷା ପାଇଁ ଆବଶ୍ୟକୀୟ ଭିତ୍ତିଭୂମିକୁ ସୁଦୃଢ କରିବା ଲାଗି ପ୍ରସ୍ତାବ ଦେଇଥିଲେ । ଏହାପରେ ସେ ମହିଳା କ୍ଲବ ସଦସ୍ୟା ମାନଙ୍କୁ ଭେଟି ସେମାନଙ୍କ ସହଯୋଗ ପାଇଁ ଧନ୍ୟବାଦ ଦେଇଥିଲେ । ପରେ ସେ ଜିନ୍ଦଲ କଲୋନୀ ବୁଲି ଦେଖିବା ସହ ଅନ୍ୟାନ୍ୟ ସୁବିଧା ସୁଯୋଗ ଅଧିକ କରିବା ପାଇଁ କର୍ମଚାରୀ ମାନଙ୍କ ସହ ଆଲୋଚନା କରିଥିଲେ ।

### ନାବାଳିକା ଦୁଷ୍କର୍ମ ମାମଲା : ଅଭିଯୁକ୍ତକୁ ୧୦ ବର୍ଷ ଜେଲ୍, ୧୨ ହଜାର ଜରିମାନା

କନ୍ଧମାଳ: କନ୍ଧମାଳ ଜିଲ୍ଲା ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ବିଚାରପତି ସମରବିଳାସ ବେହେରା ଆଜି ଏକ ନାବାଳିକା ଦୁଷ୍କର୍ମ ମାମଲାର ବିଚାରଣା କରି ପୀଡ଼ିତାର ବୟାନ, ଡାକ୍ତରୀ ରିପୋର୍ଟ ଏବଂ ସାକ୍ଷ୍ୟପ୍ରମାଣ ଆଧାରରେ ମାମଲାର ଅଭିଯୁକ୍ତ ବିରେନ୍ଦ୍ର ନାୟକ(୫୭)କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୨ ହଜାର ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି । ଜରିମାନା ଅନାଦେୟ ବିରେନ୍ଦ୍ରକୁ ଆଉ ୬ ମାସ ଅଧିକ ଜେଲ୍ ଦଣ୍ଡ ଭୋଗିବାକୁ ହେବ ବୋଲି କୋର୍ଟ ତାଙ୍କ ରାୟରେ ସ୍ପଷ୍ଟ କରିଛନ୍ତି । ସୂଚନା ଅନୁସାରେ ଘଟଣା ଦିନ ବିରେନ୍ଦ୍ରଙ୍କ ଘର ପାଖରେ ରହୁଥିବା ଏହି ନାବାଳିକା ଜଣକ ଅନ୍ୟ ପିଲାଙ୍କ ସହିତ ଅପରାହ୍ନ ୩ଟା ବେଳେ ବାହାରେ ଖେଳୁଥିବାବେଳେ ନାବାଳିକାକୁ ଘରକୁ ଡାକି କବାଟ ବନ୍ଦ କରି ତା ସହିତ ଦୁଷ୍କର୍ମ କରିଥିବା ନେଇ ଗତ ୧୮.୦୮.୨୦୧୭ ତାରିଖରେ ଫିରିଙ୍ଗିଆ ଥାନାରେ ନାବାଳିକାର ପରିବାର ଲୋକେ ଅଭିଯୋଗ କରିଥିଲେ ।

# ପୋଖରୀରୁ ପାଣି ଶୁଖି ଯିବାରୁ ଗ୍ରାମବାସୀ ହନ୍ତସନ୍ତ



ଘଟଗାଁ: ଘଟଗାଁ ବ୍ଲକ ଅନ୍ତର୍ଗତ ଗଦାଧରପୁର ଗ୍ରାମପଂଚାୟତ ଅଧିନ ଧନୁର୍ଜୟପୁର ଗ୍ରାମର ପୋଖରୀରୁ ପାଣି ଶୁଖି ଯିବା ଫଳରେ ପାଖାପାଖି ଆଉ କୌଣସି ପୋଖରୀ ନଥିବାରୁ ଗ୍ରାମବାସୀମାନେ ନିତ୍ୟ ବ୍ୟବହାର୍ଯ୍ୟ କାର୍ଯ୍ୟ ପାଇଁ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି । ଏପରିକି ଗାଈଗୋରୁମାନେ ପାଣି ଟୋପେ ପାଇଁ ଡହଳ ବିକଳ ହେଉଛନ୍ତି । କରୋନାର ଏପରି ଜଟିଳ ପରିସ୍ଥିତିରେ ଯଦି ସରକାରଙ୍କ ତରଫରୁ ମନରେଗା ଯୋଜନାରେ ଉକ୍ତ ପୋଖରୀର ପଙ୍କ ଉଦ୍ଧାର କାର୍ଯ୍ୟ କରାଯାଆନ୍ତା ଜବ୍‌କାର୍ଡଧାରୀମାନେ କିଛି ରୋଜଗାର କରିବା ସହିତ ଗ୍ରାମବାସୀ ପାଣି ସମସ୍ୟାରୁ ମୁକ୍ତି ପାଇବା ସହିତ ଗାଈଗୋରୁ ମଧ ପାଣି ପାଇପାରନ୍ତେ ବୋଲି ଗ୍ରାମବାସୀ ଦାବି କରିଛନ୍ତି ।

## ଜୈବ ବିବିଧତା ମେଳା ଓ ଦେଶୀ ବିହନ ଆଦାନ ପ୍ରଦାନ କାର୍ଯ୍ୟକ୍ରମ

କେନ୍ଦୁଝର: ଜୈବ ବିବିଧତା ଉପରେ ପାଣିପାଗ ପରିବର୍ତ୍ତନର ପ୍ରଭାବ ଏବଂ ବିଶେଷ ଭାବେ ଦେଶୀୟ ବିହନକୁ ନେଇ କୃଷି ଚାଷବାସ ସମ୍ପର୍କିତ ଏକ ବ୍ଲକସ୍ତରୀୟ ମେଳା କାଳିଆହତା ଗ୍ରାମ ପଂଚାୟତସ୍ଥ ଟେମ୍ପେଲେଇ ଗ୍ରାମରେ ଦୁଇଦିନ ଧରି ଅନୁଷ୍ଠିତ ହେଉଅଛି । 'କୀର୍ଦ୍ଦିଟି' ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏହାର ଆୟୋଜନ କରି ଅଛନ୍ତି । ତା-୦୯.୦୪.୨୧ରିଖ ପୂର୍ବାହ୍ନରେ ଏହାର ଉଦ୍‌ଘାଟନୀ ସମାରୋହରେ ଦେଶୀ ବିହନ ଗୁଡିକର ପ୍ରଦର୍ଶନ ସହ ଆରମ୍ଭ ହୋଇଛି । ବିଶେଷ ଭାବେ ଗ୍ରାମାଞ୍ଚଳର ଆଦିବାସୀ ମହିଳାମାନେ ଏଥିରେ କୋଭିଡ୍ ନିୟମ ପାଳନ ସହ ଯୋଗଦାନ କରିଥିଲେ । ମୁଖ୍ୟଅତିଥି ଭାବେ ପରିବେଶବିତ୍ ଅବସରପ୍ରାପ୍ତ ପ୍ରଧାପକ ଡକ୍ଟର ବିମ୍ବାଧର ବେହେରା ଯୋଗ ଦେଇ ଲୋକମାନଙ୍କୁ ବୁଝାଇ ଥିଲେ । ପାଣିପାଗ ସହ ସ୍ଥିତି ସ୍ଥାପକ କୃଷି ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ସମାଜସେବୀ ବିଦ୍ୟାଧର ରାଉଳ, ଲକ୍ଷ୍ମଣ ପୂର୍ତ୍ତି ତଥା ବିଭିନ୍ନ ଅଂଚଳରୁ ଆସିଥିବା ଚାଷୀ ମୁଖିଆମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ସଂଯୋଜକ ସନାତନ ରାଉତ ଏହାକୁ ପରିଚାଳନା କରୁଥିବା ବେଳେ ରଶ୍ମିତା ବାରିକ୍ ଧନ୍ୟବାଦ ଦେଇଥିଲେ ।

# ଦୁଷ୍କର୍ମ ଓ ମରଣାନ୍ତକ ଆକ୍ରମଣ ଘଟଣାକୁ ଗୁରୁତ୍ୱ ଦେଉନି ପୁଲିସ : ପୀଡ଼ିତାଙ୍କୁ ମିଳୁଛି ହତ୍ୟା ଧମକ

କୋରେଇ: ୨୦୨୦ ସେପ୍ଟେମ୍ବର ୫ ତାରିଖ ପାଣିକୋଇଲି ଥାନାରେ ଅମୃତିଆ ଗ୍ରାମର ରଶ୍ମିତା ପଲତା(୨୨) ନାମକ ଯୁବତୀ ଦୁଷ୍କର୍ମ ଓ ମରଣାନ୍ତକ ଆକ୍ରମଣ ଅଭିଯୋଗ କରିଥିଲେ । ପୁଲିସ ଏନେଇ ଏକ ମାମଲା ୧୯୩/୨୦ ରେ ରୁଜୁ କରି ତଦନ୍ତ କରିଥିଲା । ପାଣିକୋଇଲି ପୁଲିସ ଦୁଷ୍କର୍ମ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଥିଲା । ପୀଡ଼ିତାଙ୍କ ଅଭିଯୋଗ ମୁତାବକ, ଅଭିଯୁକ୍ତ ତାଙ୍କୁ ବିବାହର ପ୍ରତିଶୃତି ଦେଇ ଦୁଷ୍କର୍ମ କରିବା ସହ ତାର ପରିବାର ପକ୍ଷରୁ ମରଣାନ୍ତକ ଆକ୍ରମଣ ହୋଇଥିଲା । ମାମଲାରେ ପୁଲିସ ଅଭିଯୁକ୍ତ ଢେଙ୍କାନାଳ ଜିଲ୍ଲା ଭୁବନ ଥାନା ଅନ୍ତର୍ଗତ ଭୁବନ ବାଜିଛକର ଧରଣୀଧର ବେହେରାଙ୍କ ପୁଅ ଉତମକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ହେଲେ ଏହି ମାମଲାର ଅନ୍ୟ ଅଭିଯୁକ୍ତମାନଙ୍କୁ ପୁଲିସ ଗିରଫ କରୁନାହିଁ । ପରେ ୨୦୨୧ ମାର୍ଚ୍ଚ ୧୨ ତାରିଖ ଦିନ ଉତମ ଫୋନ୍ ଯୋଗେ ବିବାହ ପାଇଁ ପ୍ରସ୍ତାବ ଦେଇଥିଲା । ତାଙ୍କ ପରିବାର ପକ୍ଷରୁ ମାମଲାର ସମାଧାନ ନଚେତ୍ ଜୀବନରୁ ମାରିଦେବାର ଧମକ ଆସିଥିଲା । ଯାହାକୁ ନେଇ ପୀଡିତା ଥାନାରେ ଅଭିଯୋଗ କରିବା ପରେ ଅନ୍ୟ ଏକ ମାମଲା ୮୪/୨୧ ରୁଜୁ କରାଯାଇଥିଲା । ମାତ୍ର ପୁଲିସ କେବଳ ମାମଲା ରୁଜୁ କରି ହାତବାନ୍ଧି ବସି ରହିଛି । ବାରମ୍ବାର ଥାନା ଅଧିକାରୀ ଓ ଏସପିଙ୍କୁ ଗୁହାରୀ କଲା ପରେ ମଧ ପୁଲିସ କାର୍ଯ୍ୟାନୁଷ୍ଠାନ ପରିବର୍ତେ ପୀଡିତାଙ୍କୁ ଗାଳିଗୁଲଜ କରୁଥିବା ଅଭିଯୋଗ ହୋଇଛି । ଏହାର ସୁଯୋଗରେ ଅଭିଯୁକ୍ତଙ୍କ ପକ୍ଷରୁ ବାରମ୍ବାର ମାମଲାର ସମାଧାନ ପାଇଁ ଧମକ ଦିଆଯାଉଛି । ନଚେତ ପୀଡ଼ିତାଙ୍କୁ ଜୀବନରୁ ମାରିଦେବାକୁ ଧମକ ମିଳୁଛି । ଫଳରେ ପୀଡିତା ଏବେ କଣ କରିବେ ସେନେଇ ଚିନ୍ତିତ ରହିଛନ୍ତି । ପ୍ରକାଶ ଥାଉକି, ଯାଜପୁରରୋଡର ଏକ ସପିଙ୍ଗ ମଲରେ କାର୍ଯ୍ୟ କରୁଥିବା ପୀଡିତା ଯୁବତୀଙ୍କ ସହ ଉତମଙ୍କ ପ୍ରେମ ସମ୍ପର୍କ ଗଢି ଉଠିଥିଲା । ଗତ ୨୦୨୦ ଅଗଷ୍ଟ ୨୯ ତାରିଖ ଦିନ ବିବାହର ପ୍ରତିଶୃତି ଦେଇ ଉତମ ଉକ୍ତ ଯୁବତୀଙ୍କୁ ଡୁବୁରୀ ଛକକୁ ଡାକିଥିଲା । ସେଠାରେ ଦୁହେଁ ଦେଖାଦେଖି ହେବା ପରେ ଉତମ ତାକୁ ବାଇକରେ ଭୁବନ ନେଇଯାଇଥିଲା । ସେଠାରେ ଉତମର ଥିବା ମଦ ବାରରେ ରଖି ରାତିରେ ତାକୁ ଦୁଷ୍କର୍ମ କରିଥିଲା । ତହିଁପର ଦିନ ସକାଳୁ ଯୁବତୀ ଜଣକ ବିବାହ କରିବାକୁ କହିଥିବାରୁ ୨/୩ ଦିନ ସମୟ ମାଗି ଉତମ ତାକୁ ଆଣି ଯାଜପୁର ରୋଡରେ ଛାଡି ଦେଇଥିଲା । ସେପ୍ଟେମ୍ବର ୨ ତାରିଖ ଦିନ ଯୁବତୀ ଜଣକ ଉତମକୁ ଫୋନ କରି ବିବାହ ସମ୍ପର୍କରେ ପଚାରିଥିଲେ । ଫଳରେ ଉତମ ତାକୁ ନେଇ ଭୁବନର ଏକ ହୋଟେଲରେ ରଖିଥିଲା । ପରେ ତାକୁ ମଦ ବାରକୁ ନିଆଯାଇଥିଲା । ସେଠାରେ ଉତମର ପରିବାର ଲୋକ ବିଜୟ ବେହେରା, ଅଜୟ ବେହେରା, ଅକ୍ଷୟ ବେହେରା, ଜୟନ୍ତୀ ପୃଷ୍ଟି, ତ୍ରିଲୋଚନ ପୃଷ୍ଟି ପ୍ରମୁଖ ପହଂଚିଥିଲେ । ସେମାନେ ମିଳିତ ଭାବେ ଯୁବତୀଙ୍କୁ ମାଡ ମାରିବା ସହ ହାତଗୋଡ ବାନ୍ଧି ଦେଇଥିଲେ । ଖବର ପାଇ ଯୁବତୀର ଭିଣୋଇ ତାକୁ ସେଠାରୁ ଉଦ୍ଧାର କରିଥିଲେ । ଏନେଇ ଯୁବତୀ ଜଣକ ପାଣିକୋଇଲି ଥାନାରେ ଅଭିଯୋଗ କରିବା ପରେ ପୁଲିସ ଉତମକୁ ଗିରଫ କରିଥିଲା ।

# ଜିଲ୍ଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୪୫୪୮ କୁ ବୃଦ୍ଧି

## ୨ ପୋଲିସ କର୍ମଚାରୀଙ୍କ ସମେତ ୫ କରୋନା ଯୋଦ୍ଧା ସଂକ୍ରମିତ

କନ୍ଧମାଳ, (ପିଏନ)- କନ୍ଧମାଳ ଜିଲ୍ଲାରେ ଆଜି ଫୁଲବାଣୀ ଟାଉନ ଥାନାର ଦୁଇଜଣ ପୁଲିସ କର୍ମଚାରୀଙ୍କୁ ମିଶାଇ ମୋଟ ୫ ଜଣ କରୋନା ଯୋଦ୍ଧାଙ୍କ ସମେତ ମୋଟ ୫୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଏଥିସହ ଜିଲ୍ଲାରେ ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୪,୫୪୮ରେ ପହଂଚିଛି । ଏହି ସମସ୍ତ ଆକ୍ରାନ୍ତ ମାନଙ୍କ ମଧ୍ୟରୁ ଆଜି ସୁଦ୍ଧା ୩,୮୭୮ ଜଣ ସଂକ୍ରମିତ ସୁସ୍ଥ ହୋଇ ସେମାନଙ୍କ ଘରକୁ ଫେରିଛନ୍ତି । କରୋନା ଜନିତ ମୃତ୍ୟୁ ସଂଖ୍ୟା ଜିଲ୍ଲାରେ ୨୩ ରହିଛି ଆଉ ୬୪୭ ଜଣ ସଂକ୍ରମିତ ବିଭିନ୍ନ କୋଭିଡ ହସପିଟାଲରେ ରହି ଚିକିତ୍ସିତ ହେଉଛନ୍ତି । ଆଜିର ସଂକ୍ରମିତଙ୍କ ମଧ୍ୟରୁ ଜିଲ୍ଲାର ଫୁଲବାଣୀ ପୌରାଂଚଳରେ ୧୫ ଜଣ ଏବଂ ଗ୍ରାମାଂଚଳରେ ୨ଜଣ ଚିହ୍ନଟ ହୋଇଚନ୍ତି । ସେହିପରରି ବାଲିଗୁଡାର ବିଜ୍ଞାପିତ ଅଂଚଳରେ ୩ ଜଣ ଓ ଗ୍ରାମାଂଚଳରେ ୪ ଜଣ ଲେଖାଏଁ ଚିହ୍ନଟ ହୋଇଛନ୍ତି । ଜିଲ୍ଲାର ଘୁ.ଉଦୟଗିରିରେ ୨,ଚକାପାଦରେ ୫,ଦାରିଙ୍ଗବାଡିରେ ୪,କ.ନୁଆଗାଁରେ ୩,ଖଜୁରିପଡାରେ ୫,କୋଟଗଡରେ ୩,ଫିରିଙ୍ଗିଆ ୨,ରାଇକିଆ ୫,ଟିକାବାଲିରେ ୧, ତୁମୁଡିବନ୍ଧ ଅଂଚଳରୁ ୪ ଜଣ ଥିବାବେଳେ ଅନ୍ୟାନ୍ୟ ଅଂଚଂଳରୁ ଜଣେ ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଥିବା ନେଇ ଜିଲ୍ଲା ପ୍ରଶାସନ ସୂତ୍ରରୁ ଜଣାପଡିଛି । ତେବେ କରୋନା ସଂକ୍ରମଣ ଧିରେଧିରେ ବଢିବାରେ ଲାଗିଥିବାରୁ ଲୋକଙ୍କୁ ଘରୁ ନ ବାହାରିବାକୁ ପ୍ରଶାସନ ତରଫରୁ କୁହାଯାଇଛି । ଅତି ଆବଶ୍ୟକ ହେଲେ ଘରୁ ବାହାରିବାବେଳେ ମୁହଁରେ ମାସ୍କ ପିନ୍ଧିବା ସହିତ ସାମାଜିକ ଦୁରତା ବଜାୟ ରଖି ଯାତାୟାତ କରିବା ସହିତ କୋଭିଡ ନିୟମ ମାନି ଚଳିବାକୁ ଜିଲ୍ଲା ପ୍ରଶାସନ ତରଫରୁ ଲୋକଙ୍କୁ ପରାମର୍ଶ ଦିଆଯାଇଛି ।

# ଜମି ମାଫିଆ ସକ୍ରିୟ, ବିକ୍ରୀ ଚାଲିଛି ସରକାରୀ ଜମି

ଆନନ୍ଦପୁର: ଘଷିପୁରା ତହସିଲ ଅଂଚଳରେ ଜମି ମାଫିଆମାନେ ସକ୍ରିୟ ହୋଇ ଉଠିଛନ୍ତି । ଜମିକୁ ବାହାର ଲୋକଙ୍କୁ ଲକ୍ଷ ଲକ୍ଷ ଟଙ୍କାରେ ବିକ୍ରୀ କରାଯାଉଛି । ରାଜସ୍ୱ ବିଭାଗ କର୍ମଚାରୀଙ୍କୁ ହାତ କରି ବାହାରେ ରହୁଥିବା ଲୋକଙ୍କ ଜମିକୁ ମଧ ମୂଳଚାଲ କରାଯାଉଥିବା ଖବର ମିଳିଛି । ଆନନ୍ଦପୁର ପୌରାଞ୍ଚଳର ୨, ୩, ୪ ବ୍ଲକ ଅଂଚଳରେ ୫୦୦ ଏକରରୁ ଉର୍ଦ୍ଧ୍ୱ ସରକାରୀ ଜମି ରହିଛି । ଏକଦା ଏହାକୁ ଆନନ୍ଦପୁରର ଶିଳ୍ପ ଭିତର ଭାବେ ବିବେଚନା କରାଯାଉଥିଲା । ଏବେ ଏଠାକାର ଅର୍ଦ୍ଧାଧିକ ଜମି ଜବରଦଖଲରେ । କେତେକ ମିଜରେ ଲୋକେ ବହୁତନ କୋଠା ନିର୍ମାଣ କରିଛନ୍ତି । କେତେକ ପଥର ପୋତି ତାରଜାଲି ଘେରାଉ କରିଛନ୍ତି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ବାହାରୁ ଆସୁଥିବା ଲୋକଙ୍କୁ ଏଠାରେ କିଛି ଲୋକ ସରକାରୀ ଜମି ବିକ୍ରୀ କରୁଛନ୍ତି । ଜାନୁଆରୀ ମାସରେ ଘଷିପୁରା ବଣମୁଣ୍ଡସାହିର ଏକ ସରକାରୀ ଜମିକୁ ଲକ୍ଷାଧିକ ଟଙ୍କାରେ ଜଣେ ବାହାର ବ୍ୟକ୍ତିଙ୍କୁ ବିକ୍ରୀ କରାଯାଇଥିଲା । ପରେ ସେଠାରେ ଗୃହ ନିର୍ମାଣ ଆରମ୍ଭ ହୋଇଥିଲା । ଫେବୃୟାରୀ ୬ତାରିଖରେ ଖବର ପାଇ ଘଷିପୁରା ତହସିଲଦାର ବାବୁଲୁ ପେରେଇ ସେଠାରେ ପହଂଚି ନିର୍ମାଣ କାର୍ଯ୍ୟ ବନ୍ଦ କରିଥିଲେ । ଜବରଦଖଲ ଉଚ୍ଛେଦ ହୋଇ ନଥିବା ବେଳେ ପୁଣି ଏଠାରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ଅଭିଯୋଗ ହୋଇଛି । ସେହିପରି ଘଷିପୁରା ତହସିଲର ଇନ୍ଦୁପୁରା ମୌଜାର ଜଣେ ବ୍ୟକ୍ତି ଭୂମୀହିନ ଭାବେ ସରକାରଙ୍କ ଠାରୁ ୧ ଏକର ୨୫ଡେସିମିଲ ଜମି ପାଇଥିଲେ । ସରକାରୀ ନିୟମ ଅନୁସାରେ ଏହି ଜମି ବିକ୍ରୀ ଯୋଗ୍ୟ ନୁହେଁ । କିନ୍ତୁ ଟଂଚକତା କରାଯାଇ ଅନ୍ୟ ଏକ ଜମିର ବିକ୍ରୀ ନିର୍ଦ୍ଦେଶନାମା ଅଣାଯାଇ ଏହି ଜମିରୁ ୩୩ ଡେସିମିଲ ବିକ୍ରୀ କରାଯାଇଛି ।

# ଅଭାବ ଅନାଟନକୁ କେନ୍ଦ୍ର କରି ଉଗ୍ର ରୂପ ନେଲା ପାରିବାରିକ କଳହ

## ପତ୍ନୀକୁ କଟୁରୀରେ ହାଣି ହତ୍ୟା କଲା ସ୍ୱାମୀ, ଅଭିଯୁକ୍ତ ସ୍ୱାମୀ ଗିରଫ

ଜଗତସିଂହପୁର, (ପିଏନ)- ପାରିବାରିକ କଳହକୁ କେନ୍ଦ୍ର କରି ପତ୍ନୀକୁ କଟୁରୀ ସାହାଯ୍ୟରେ ହାଣି ହତ୍ୟା କରିଛି ନୃସଂଶ ସ୍ୱାମୀ । ଜଗତସିଂହପୁର ଜିଲ୍ଲା କୁଜଙ୍ଗ ଥାନା ଅନ୍ତର୍ଗତ ହସିଣା (ଖ) ଗ୍ରାମରେ ଘଟିଯାଇଛି ଏଭଳି ଏକ ଅଭାବନୀୟ ଘଟଣା । ଘଟଣାରେ ଅଭିଯୁକ୍ତ ସ୍ୱାମୀକୁ ଗିରଫ କରିବା ସହ ଏନେଇ ଅଧିକ ପଚରା ଉଚୁରା ଜାରୀ ରଖିଛି କୁଜଙ୍ଗ ପୋଲିସ ।

ଅଭାବ ଅନାଟନକୁ କେନ୍ଦ୍ର କରି ପତି ପତ୍ନୀଙ୍କ ମଧ୍ୟରେ ଅନେକ ସମୟରେ ପାରିବାରିକ କହଳ ଲାଗି ରହୁଥିଲା । ଏହି କଳହ ଗତକାଲି ରାତିରେ ଉଗ୍ର ରୂପ ନେଇଥିଲା । ଏଥିରେ ଉତକ୍ଷିପ୍ତ ହୋଇ ଅଭିଯୁକ୍ତ ସ୍ୱାମୀ ତଥା ଟ୍ରାକ୍ଟର ଡ୍ରାଇଭର ମେଘନାଦ ତରାଇ ପତ୍ନୀ ପାର୍ବତୀଙ୍କ ମୁଣ୍ଡକୁ କଟୁରୀରେ ଚୋଟ ପକାଇଥିଲା । ଫଳରେ ଗଭୀର କ୍ଷତ ଓ ପ୍ରବଳ ରକ୍ତସ୍ରାବ ଯୋଗୁଁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା । ଖବର ପାଇ କୁଜଙ୍ଗ ପୋଲିସ ସେଠାରେ ପହଂଚି ମୃତ ମହିଳାଙ୍କ ଶବ ଜବତ କରିଛି । ଏହାକୁ ବ୍ୟବଚ୍ଛେଦ ନିମନ୍ତେ କୁଜଙ୍ଗ ଶବ ବ୍ୟବଚ୍ଛେଦ କେନ୍ଦ୍ରକୁ ପଠାଇଛି । ଥାନା ପକ୍ଷରୁ ଏ ସଂକ୍ରାନ୍ତରେ ଏକ ହତ୍ୟା ମାମଲା ରୁଜୁ ହୋଇଛି । ଘଟଣାରେ ପୋଲିସ ଅଭିଯୁକ୍ତ ସ୍ୱାମୀ ମେଘନାଦକୁ ଗିରଫ କରିବା ସହିତ ଏନେଇ ଅଧିକ ତଦନ୍ତ ଜାରୀ ରଖିଛି ।

ଏଠାରେ ଉଲ୍ଲେଖଯୋଗ୍ୟ, ଏହି ଦମ୍ପତିଙ୍କର ଏକ ୧୩ ବର୍ଷିୟା ଝିଅ ଓ ଏକ ୮ ବର୍ଷର ପୁଅ ରହିଛି ।

## ମା' ନେଙ୍କୁରଶୁଣୀ ପୀଠରେ ବାରୁଣୀ ଯାତ୍ରା ଓ ମନ୍ଦିର ମୁଖଶାଳା ପ୍ରତିଷ୍ଠା ଉତ୍ସବ

କୋରେଇ: ପାଣିକୋଇଲି-ରଗଡି ରାସ୍ତା କଡରେ ପତରପଦାସ୍ଥିତ ମା ନେଙ୍କୁରଶୁଣୀ ପୀଠରେ ପ୍ରତିବର୍ଷ ପରି ଚଳିତ ବର୍ଷ ବାରୁଣୀ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ମାଙ୍କର ପୂଜାର୍ଚ୍ଚନା ଓ ଯଜ୍ଞ ଯଥାବିଧି ପାଳନ କରାଯାଇଛି । କୋଭିଡ କଟକଣା ମଧ୍ୟରେ ଯଜ୍ଞ ସମାପନ କରାଯାଇଛି । ଏଥି ସହିତ ମାଙ୍କ ମନ୍ଦିର ମୁଖଶାଳା ପ୍ରତିଷ୍ଠା ମଧ କରାଯାଇଛି । ଚଳିତ ବର୍ଷ କମ୍ ସଂଖ୍ୟକ ଭକ୍ତ ଯୋଗଦେଇ ବିଭୁକୃପା ଲାଭ କରିଛନ୍ତି । ଏଥି ସହିତ ସମୂହ ପ୍ରସାଦ ସେବନ କରାଯାଇ କାର୍ଯ୍ୟକ୍ରମର ସମାପନ କରାଯାଇଛି । ସ୍ଥାନୀୟ ଅଂଚଳର ଗ୍ରାମବାସୀ ଓ ଲକ୍ଷ୍ମୀବିହାରର ଯୁବକମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ହୁଇଲ୍ ଚେୟାର,ବେଡପାନ୍ ଓ ମ୍ୟାଟ୍‌ରେଷ୍ଟ ପ୍ରଦାନ

ଝୁମ୍ପୁରା: ଆଜିର ସମାଜରେ ଅନେକ କ୍ଷେତ୍ରରେ ଦେଖିବାକୁ ମିଳୁଛି ଯେ ପୁଅ, ବୋହୂମାନେ ସ୍ନେହ ମମତାର ମୂଲ ନବୁଝି ବୃଦ୍ଧ ପିତା,ମାତାଙ୍କୁ ବୃଦ୍ଧାଶ୍ରମରେ ଛାଡି ନିଜର ଖୁସି ପାଇଁ ପରିବାର ଠାରୁ ଅଲଗା ରହୁଛନ୍ତି । ଆଉ ବୃଦ୍ଧ ପିତା,ମାତା ନିଜ ଭାଗ୍ୟ କୁ ଆଦରୀ ଅଲୋଡା ହୋଇ ପଡି ରହୁଛନ୍ତି ବୃଦ୍ଧାଶ୍ରମର ଚାରିକାନ୍ଥ ଭିତରେ । ଏଭଳି ସ୍ଥିତିରେ ତଥାପି ବଚିଂଛି ମଣିଷ ପଣିଆ । ସ୍ୱର୍ଗବାସୀ ପିତା,ମାତାଙ୍କ ସ୍ମୃତୀ ଉଦ୍ଦେଶ୍ୟରେ ଝୁମ୍ପୁରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ଗୋଟିଏ ହୁଇଲ୍ ଚେୟାର, ଗୋଟିଏ ବେଡପାନ୍ ଓ ଗୋଟିଏ ମ୍ୟାଟ୍‌ରେଷ୍ଟ ଶୁକ୍ରବାର ଦିନ ପ୍ରଦାନ କରି ଜଣେ ମହିଳା ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି । ମହିଳା ଜଣଙ୍କ ହେଲେ ସମ୍ବଲପୁର ଜିଲ୍ଲା ସାଖିପଡା ଗ୍ରାମର ନିରଞ୍ଜନ ରାଉତ ଙ୍କ ଧର୍ମପତ୍ନୀ ସୁଜାତା ରାଉତ । ସୂଚନା ମୁତାବକ କେନ୍ଦୁଝର ଜିଲ୍ଲା ସଦର ବ୍ଲକ ଅର୍ନ୍ତଗତ ରାଇକଳା ଗ୍ରାମପଚଂାୟତର ଟାଙ୍ଗରାଣୀ ଗ୍ରାମର ସ୍ୱର୍ଗତ ଲାଲମୋହନ ବ୍ରହ୍ମ ଓ ସହଧର୍ମଣୀ ସ୍ୱର୍ଗତ ଶୁହାସିନୀ ବ୍ରହ୍ମ ଙ୍କ ଝିଅ ସୁଜାତା ରାଉତ । ସ୍ୱର୍ଗତ ବ୍ରହ୍ମ ଙ୍କ ଦୁଇ ପୁଅ ଓ ଗୋଟିଏ ଝିଅ । ତେଲଲୁଣର ସଂସାର ଗଢିବା ନିମନ୍ତେ ସୁଦୁର ସମ୍ବଲପୁର ଜିଲ୍ଲା ସାଖିପଡା ଗ୍ରାମର ନିରଂଜନ ସହିତ ସୁଜାତା ର ବୈଦି ରୀତିରେ ବିବାହ କରାଇଥିଲେ ବାପା,ମା । ବେଶ ହସ ଖୁସିରେ ଗଡି ଚାଲିଲା ଶ୍ରୀ ବ୍ରହ୍ମଙ୍କ ପରିବାର । କିନ୍ତୁ ହଠାତ ଅଦିନିଆ ଝଡ ପଶି ଆସିଲା ଶ୍ରୀ ବ୍ରହ୍ମଙ୍କ ପରିବାର ଭିତରକୁ । ଗୋଟିଏ ପରେ ଗୋଟିଏ ପୁଅ ବାପା,ମା ଆଗରେ ଏ ଦୁନିଆ ଛାଡି ଚାଲିଗଲେ । ପୁତ୍ର ବିୟୋଗ ଚିନ୍ତା କରି କରି ସ୍ତ୍ରୀ ଶୁହାସିନୀ ଙ୍କୁ ଛାଡି ଆରପାରି କୁ ଚାଲି ଗଲେ ଲାଲମୋହନ । ଶୁହାସିନୀ ଙ୍କ ମୁଣ୍ଡରେ ପଡିଲା ଚଡକ । ଚର୍ତୁଦିଗ ଅନ୍ଧାର ଦେଖା ଗଲା । ମା' ର ଦେଖା ଶୁଣା କରିବା ପାଇଁ ଅଂଟା ଭିଡିଲା ଝିଅ ସୁଜାତା । ମା'ର ସେବା ଯତ୍ନ କରି ମା' କୁ ଖୁସିରେ ରଖିବା ପାଇଁ ସୁଜାତ ବହୁ କଷ୍ଟ କଲେ । କିନ୍ତୁ ଭାଗ୍ୟର ବିଡମ୍ବନା ମା' ଶୁହାସିନୀ ମଧ୍ୟ ସବୁ ଦିନ ପାଇଁ ଆଖି ବୁଜିଦେଲେ । ବାପା,ମା' ଓ ଭାଇମାନଙ୍କୁ ହରାଇ ଦୁଃଖରେ ଭାଙ୍ଗିପଡିଲେ ସୁଜାତା । ସେହି ସବୁ ଦୁଃଖ କୁ ଭୂଲିଯିବା ପାଇଁ ସ୍ୱର୍ଗବାସୀ ପିତା,ମାତାଙ୍କ ସ୍ମୃତୀ ଉଦ୍ଦେଶ୍ୟରେ ସେ ଝୁମ୍ପୁରା ମେଡିକାଲ କୁ ଉପରକ୍ତ ସାମଗ୍ରୀ ଡା. ଅଶୋକ କୁମାର ବେହେରା, ଡା.କ୍ଷୀରୋଦ କୁମାର ମହାନ୍ତ, ଫରମାସିଷ୍ଟ ତୃପ୍ତିରଂଜନ ସେଠୀ, ଅଶୋକ କୁମାର ଦାଶ ପ୍ରମୁଖଙ୍କ ଉପସ୍ଥିତିରେ ସୁଜାତା ପ୍ରଦାନ କରିଥିଲେ ।

# ଜିଲ୍ଲା ଆଇନ ସେବା ପ୍ରାଧିକରଣ ମାଲକାନଗିରି ପ୍ରଚେଷ୍ଟା ଅସହାୟ ବୃଦ୍ଧା ଥଇଥାନ ହୋଇ ଚିକିତ୍ସା ସୁବିଧା ପାଇଲେ

ମାଲକାନଗିରି, (ପିଏନ)- ଆନ୍ତର୍ଜାତୀୟ ବୃଦ୍ଧ ଦିବସ ଅବସରରେ ମାଲକାନଗିରିସ୍ଥିତ ୧୧୯ କଲୋନୀ ନିବାସୀ ରଜନୀ ପଣ୍ଡା ନାମ୍ନୀ ବୃଦ୍ଧା ତାଙ୍କ ଘରେ ପରିବାର ଠାରୁ ନାନା କଷ୍ଟ ପାଇ ଘରୁ ବିତାଡ଼ିତ ହୋଇ ମାଲକାନଗିରି ସହରରେ ଅଖିଆ ଅପିଆ ହୋଇ ବୁଲୁଥିଲେ । ବୃଦ୍ଧା ଅବସ୍ଥା ଯୋଗୁଁ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଖରାପ ଥିବା ବେଳେ ତାଙ୍କ ବାମ ହାତ ମଧ୍ୟ ଭାଙ୍ଗି ଯାଇଥିଲା । ଏହିପରି ଅବସ୍ଥାରେ ମାଲକାନଗିରି ସମାଜ ସେବୀ ଗୀତାଞ୍ଜଳି ମହାପାତ୍ର ତାଙ୍କୁ ଦେଖବ ସଂଗେ ସଂଗେ ମାଲକାନଗିରି ପୋଲିସ ଷ୍ଟେସନରେ କାର୍ଯ୍ୟରତ ଏସ.ଆଇ ଶୁଭଶ୍ରୀ ନାୟକଙ୍କୁ ଜଣାଇଥିଲେ । ଶ୍ରୀମତୀ ନାୟକ ବିଳମ୍ବ ନ କରି ରଜନୀ ପଣ୍ଡାଙ୍କୁ ମାଲକାନଗିରି ଟାଉନ ଆଶ୍ରୟ ଗୃହରେ ରଖି ତତ୍‌କ୍ଷଣାତ୍ ଏହି ବିଷୟ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ମାଲକାନଗିରି ସଚିବ ତଥା ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତର ବିଚାରପତି ଅମରେଶ ନାୟକଙ୍କୁ ଜଣାଇଥିଲେ । ସଚିବ ଶ୍ରୀ ନାୟକ ସଂଗେ ସଂଗେ ଯାଇ ଲିଗାଲ ସ୍ୱେଚ୍ଛାସେବୀ ଡ. ରଂଜନ କୁମାର ସ୍ୱାଇଁ ଓ ସଂଗୀତା ଦାଶଙ୍କୁ ବୃଦ୍ଧାଙ୍କୁ ଉଦ୍ଧାର କରିବା ପାଇଁ କହିଥିଲେ । ଏହା ପରେ ଗୀତାଞ୍ଜଳି ମହାପାତ୍ର, ଏସ.ଆଇ ଶୁଭଶ୍ରୀ ନାୟକ, ସ୍ୱେଚ୍ଛାସେବୀ ଡ. ରଂଜନ କୁମାର ସ୍ୱାଇଁ ଓ ସଂଗୀତା ଦାଶ ପ୍ରମୁଖ ବୃଦ୍ଧାଙ୍କୁ ଅସ୍ଥାୟୀ ଆଶ୍ରୟ ଗୃହରୁ ଉଦ୍ଧାର କରି ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବଙ୍କ ପାଖରେ ହାଜର କରାଇଥିଲେ । ସଚିବ ଶ୍ରୀ ନାୟକ ସମସ୍ତ ବିଷୟ ବୁଝି ବୃଦ୍ଧାଙ୍କୁ ଉଦ୍ଧାରକର୍ତ୍ତା ଟିମ୍‌ଙ୍କ ଜରିଆରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ପ୍ରେରଣ କରି ଯଥାଶୀଘ୍ର ବୃଦ୍ଧା ମହିଳାଙ୍କ ଥଇଥାନ କରି ତାଙ୍କ ଆଶୁ ଚିକିତ୍ସା ସକାଶେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ଚିଠି ମାଧ୍ୟମରେ ଆଦେଶ ଦେଇଛନ୍ତି । ଏହା ସହିତ ବୃଦ୍ଧାର ବିଷୟ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଅନୁସନ୍ଧାନ କରି ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ ରିପୋର୍ଟ ପ୍ରଦାନ କରିବା ପାଇଁ ମଧ କହିଛନ୍ତି । ଥଇଥାନ ହୋଇ ଚିକିତ୍ସା ପାଇଲା ପରେ ବୃଦ୍ଧୀ ରଜନୀ ପଣ୍ଡା ଆଇନ ସେବା ପ୍ରାଧିକରଣ ମାଧ୍ୟମରେ ତାଙ୍କ ଭରଣ ପୋଷଣ ଓ ଅନ୍ୟାନ୍ୟ ଭତା ପାଇବାର ବ୍ୟବସ୍ଥା ମଧ କରାଯିବ ବୋଲି ଆଇନ ସେବା ପ୍ରାଧିକରଣ ତରଫରୁ ଜଣାଯାଇଛି । ପ୍ରକାଶ ଥାଉ କି ଜିଲ୍ଲା ଆଇନ ସେବା ପ୍ରାଧିକରକଣ ଦ୍ୱାରା ପୂର୍ବରୁ ମଧ୍ୟ ବହୁ ଅସହାୟ ବରିଷ୍ଠ ନାଗରିକ, ଶିଶୁ ଓ ଅନ୍ୟମାନେ ଉଦ୍ଧାର ହୋଇ ଥଇଥାନ ହୋଇପାରିଛନ୍ତି ।

# ମୃତ୍ୟୁର ବାଟ ଚାହିଁ ବସିଛନ୍ତି ପକ୍ଷାଘାତ ରୋଗୀ ପିତା

କନ୍ଧମାଳ, (ପିଏନ)- ନିଜର କର୍କଟ ରୋଗ ପାଇଁ ଏବଂ ତାଙ୍କ ପିତାଙ୍କର ପକ୍ଷାଘାତ ରୋଗର ଚିକିତ୍ସା ପାଇଁ ସରକାରୀ ସହାୟତା ଆଶାରେ ଅପେକ୍ଷାରେ ଶେଷରେ ଆଖି ବୁଜିଲେ କର୍କଟ ପିଡ଼ିତ ଭାଗିରଥି ବେହେରା । ଏପରି ସ୍ଥିତିରେ ନିଜର ମୃତ୍ୟୁ ଅପେକ୍ଷାରେ ରହିଛନ୍ତି ତାଙ୍କର ପିତା କୁଞ୍ଜବିହାରୀ ବେହେରା । କନ୍ଧମାଳ ଜିଲା ଖଜୁରିପଡ଼ା ବ୍ଲକ ଅନ୍ତର୍ଗତ ସୁତୁରୁକୁମ୍ପା ପଂଚାୟତରେ ନେଡ଼ିଗୁଡ଼ା ଗ୍ରାମର କର୍କଟ ଜଣେ ଗରିବ ନିସହାୟ କର୍କଟ ରୋଗୀ ଥିଲେ ଭାଗିରଥି । ଯେଉଁ ବୟସରେ ରୋଜଗାର କରିବା କଥା ସେହି ବୟସରେ କର୍କଟ ରୋଗ ଯୋଗୁଁ ସେ ଘରେ ପଡ଼ିରହିଥିଲେ । ତାଙ୍କ ପରିବାରରେ ସେ ଜଣେ ମାତ୍ର ରୋଜଗାରିଆ ବ୍ୟକ୍ତି ହୋଇଥିବାବେଳେ ତାଙ୍କୁ ଏହି ଅସାଧ୍ୟ ରୋଗ ହେବାପରେ ତାଙ୍କର ରୋଜଗାରରେ ପଡିଲା ଜବନିକା । ତେବେ ରୋଗର ଚିକିତ୍ସା ପାଇଁ ସରକାରୀ ସହାୟତା ମିଳିବା ଅପେକ୍ଷାରେ ଏ ଦୁଆର ସେ ଦୁଆ ହୋଇ ତାଙ୍କର ଜୀବନ ଗଲା ଏବେବି ତାଙ୍କ ବାପା କୁଞ୍ଜ ବିହାରୀ ବେହେରା ପକ୍ଷାଘାତ ରୋଗରେ ପିଡ଼ିତ । ଦୀର୍ଘଦିନ ହେଲା ବାପା-ପୁଅ ରୋଗାଗ୍ରସ୍ତ ହୋଇ ଘରେ ପଡ଼ିରହିଥିବା ବେଳେ ପରିବାର ଚଳାଇବା ମଧ୍ୟ କଷ୍ଟଦାୟକ ସେମାନଙ୍କ ପାଇଁ । ଗୋଟିଏ ପଟେ ରୋଜଗାର ବନ୍ଦ ଅନ୍ୟପଟେ ଚିକିତ୍ସା ପାଇଁ ଅର୍ଥର ଆବଶ୍ୟକ ଚିନ୍ତାରେ ଉଭୟ ବାପା-ପୁଅ ସମେତ ପରିବାର ସମେସ୍ତ ଚିନ୍ତାରେ ପଡ଼ିଥିବା ବେଳେ ଏହି ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ପ୍ରଥମେ ଏକ ଡାକ୍ତରୀ ଦଳ ତାଙ୍କ ଘରେ ପହଂଚି କେବଳ ସେମାନଙ୍କୁ ଦେଖିଦେଇ ଚାଲି ଯାଇଥରଲେ । ହେଲେ ସେମାନଙ୍କର ସହାୟତା ପାଇଁ କୌଣସି ପ୍ରକାର ଚିକିତ୍ସା ବ୍ୟବସ୍ଥା କରିନଥିଲେ । ପରେ ଉକ୍ତ ପରିବାର ପାଖରେ ସ୍ୱେଚ୍ଛାସେବୀ ପହଂଚି ସେମାନଙ୍କୁ କିଛି ସହାୟତା ଦେବା ସହିତ ପ୍ରଶାସନକୁ ଚିକିତ୍ସା ପାଇଁ ମଧ୍ୟ ଅବଗତ କରିବା ପରେ କର୍କଟ ରୋଗରେ ପିଡ଼ିତ ଥିବା ପୁଅ ଭାଗିରଥିକୁ ପ୍ରଥମେ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇ ସେଠାରେ ଚିକିତ୍ସା ପାଇଁ ପ୍ରଚେଷ୍ଟ ଆରମ୍ଭ ହୋଇଥିଲା । ସେଠାରୁ କଟକ କ୍ୟାନସର ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲେ ମଧ୍ୟ କୋଭିଡ୍ ପରୀକ୍ଷାରେ ବିଳମ୍ବ ଯୋଗୁଁ ତାଙ୍କୁ କ୍ୟାନସର ୱାର୍ଡ଼ରେ ଭର୍ତି କରିବାରେ ମଧ ବିଳମ୍ବ ଘଟିଥିଲା । ସେଠାରେ ଚିକିତ୍ସା ପାଇଁ ଅପେକ୍ଷା କରି ଜୀବନ ଚାଲିଯାଇଥିଲା ଭାଗିରଥିଙ୍କର । ପରିବାର ଲୋକେ ବହୁ କଷ୍ଟରେ ନିଜ ଖର୍ଚ୍ଚରେ ତାଙ୍କର ମୃତହେହ ଆଣିଥିଲେ ନିଜ ଗ୍ରାମକୁ । ପ୍ରଶାସନର ଅବହେଳା ଅଭିଯୋଗ କରି ଭାଗିରଥିଙ୍କ ମୃତ୍ୟୁପରେ ତାଙ୍କ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଥିଲା । ପରିସ୍ଥିତି ଉତେଜନା ପୁର୍ଣ୍ଣ ହେବାରୁ ଏହି ଖବର ପାଇ ଖଜୁରିପଡ଼ା ବି.ଡି.ଓ ରବିନ୍ଦ୍ରନାଥ କହଁର , ବ୍ଲକ ଅଧକ୍ଷ ବିରେନ୍ଦ୍ର କହଁର ଓ ଅନ୍ୟମାନେ ପହଂଚି ଗ୍ରାମବାସୀଙ୍କୁ ବୁଝାସୁଝା କରିବା ସହିତ ରେଡ଼କ୍ରସ୍ ପାଣ୍ଠିରୁ ପରିବାରକୁ ତୁରନ୍ତ ୧୦ ହଜାର ଟଙ୍କା ସହିତ ହରିଶ୍ଚନ୍ଦ୍ର ଯୋଜନାରେ ମଧ୍ୟ ୨ ହଜାର ଟଙ୍କା ପ୍ରଦାନ କରାଯାଇଥିଲା । ତାଙ୍କର ସ୍ତ୍ରୀଙ୍କୁ ବିଧବା ଭତା ସହିତ ଝିଅକୁ ପାଠ ପଢାରେ ସହଯୋଗ ପାଇଁ ମଧ ଗ୍ରାମବାସୀ ମାନେ ଦାବୀ କରିବା ସହିତ ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ପାଣ୍ଠିରୁ ତୁରନ୍ତ ତାଙ୍କ ପରିବାରକୁ ୨୦ ହଜାର ଟଙ୍କା ସରକାରୀ ସହାୟତା ପ୍ରଦାନ ପାଇଁ ଗ୍ରାମବାସୀ ମାନେ ଦାବୀ କରିଛନ୍ତି ।

# ନୂଆ କୋବିଡ଼ ଆକ୍ରାନ୍ତ ୬୧, ମୃତ୍ୟୁ ସଂଖ୍ୟାରେ ଆଉ ୧ ବୃଦ୍ଧି

ଭଦ୍ରକ,(ପିଏନ)- ଜିଲ୍ଲାରୁ ନୂଆ କରୋନା ଆକ୍ରାନ୍ତ ୬୧ଜଣ ଚିହ୍ନଟ ହୋଇଥିବା ବେଳେ ଆଉ ଜଣେ ଆକ୍ରାନ୍ତଙ୍କର ମୃତ୍ୟୁ ହୋଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟାରେ ଆଉ ୧୧୪ ବୃଦ୍ଧି ପାଇଛି । ଜିଲ୍ଲାର ମୋଟ ୮୬ ହଜାର ୪୭୦ ନମୁନା ପରୀକ୍ଷା ହେବା ପରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ହୋଇଛି ୫୩୧୭ । ମୋଟ ସୁସ୍ଥ ହୋଇଛନ୍ତି ୪୪୮୨ । ସେହିଭଳି ମୃତ୍ୟୁ ସଂଖ୍ୟା ଗତକାଲି ୧୩ ଥିବା ବେଳେ ଏଥିରେ ଆଉ ୧ ବୃଦ୍ଧି ହୋଇ ମୋଟ ମୃତ୍ୟୁ ସଂଖ୍ୟା ହୋଇଛି ୧୪ । ସେହିଭଳି ମୋଟ ଆକ୍ଟିଭ ଆକ୍ରାନ୍ତ ଅଛନ୍ତି ୮୨୧ଜଣ । ଚିହ୍ନଟ ୬୧ ଆକ୍ରାନ୍ତଙ୍କ ମଧ୍ୟରୁ ଭଦ୍ରକ ବ୍ଲକରୁ ୧୩ଜଣ, ଭଦ୍ରକ ପୌରପାଳିକାରୁ ୯, ବାସୁଦେବପୁରରୁ ୧୨, ଚାନ୍ଦବାଲିରୁ ୬, ଧାମନଗରରୁ ୯, ଭଣ୍ଡାରିପୋଖରୀରୁ ୫, ବନ୍ତ ବ୍ଲକରୁ ୩, ତିହିଡି ବ୍ଲକରୁ ୨ ଏବଂ ଅନ୍ୟ ଜିଲ୍ଲାରୁ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।






# କେନ୍ଦୁଝରରେ ରାଷ୍ଟ୍ରୀୟ ଲୋକ ଅଦାଲତ, ୨୨୭ ମାମଲାର ସମାଧାନ ହୋଇ ଟ.୧,୯୨,୫୩,୯୪୭ଟଙ୍କା ଆଦାୟ



କେନ୍ଦୁଝର: କେନ୍ଦୁଝର ଜିଲ୍ଲା କୋର୍ଟ ସମେତ ଉପଖଣ୍ଡିୟ ସ୍ତରରେ ଥିବା କୋର୍ଟ ପରିସରରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଆୟୋଜନରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । କୋଭିଡ୍-୧୯ ମାର୍ଗଦର୍ଶିକାକୁ ଅନୁକରଣ କରାଯାଇ ଏହି ଲୋକ ଅଦାଲତାରେ ଜିଲ୍ଲାର ୨୨୭ଟି ମାମଲାର ସମାଧାନ କରାଯାଇ ଟ.୧,୯୨, ୫୩, ୯୪୭ଟଙ୍କା ଆଦାୟ ହୋଇଥିଲା । ଜିଲ୍ଲାସ୍ତରରେ ଜିଲ୍ଲା କୋର୍ଟ ପରିସରରେ ଅନୁଷ୍ଠିତ ଉକ୍ତ ରାଷ୍ଟ୍ରୀୟ ଲୋକଅଦାଲତ ପ୍ରାଧିକରଣ ଅଧକ୍ଷ ତଥା ଜିଲ୍ଲା ଓ ଦୌରାଜଜ୍ ବେଣୁଧର ପାତ୍ର ଶୁଭାରମ୍ଭ କରିଥିଲେ ଓ ତାଙ୍କ କୋର୍ଟରେ ବିଚାରଧିନ ମାମଲା ଗୁଡିକୁ ସମାଧାନ କରାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଜଜ୍ ଲୋକନାଥ ସାହୁ, ପରିବାର ଅଦାଲତ ବିଚାରପତି ଡ. ଅନୀଲ କୁମାର ଦତ୍ତ, ମୁଖ୍ୟ ବିଚାର ବିଭାଗୀୟ ବିଚାରପତି ଡ. ଲିଲୀ ସେନାପତି, ରେଜିଷ୍ଟ୍ରାର ଶ୍ରୀମତୀ ମମତା ମହାନ୍ତି, ଦେଓ୍ୱାନୀ ବିଚାରପତି ଶ୍ରୀମତୀ ସ୍ୱର୍ଣ୍ଣଲତା ନାୟକ, ଉପଖଣ୍ଡିୟ ବିଚାରପତି ପବିତ୍ରାନନ୍ଦ ପ୍ରଧାନ, ପ୍ରଥମଶ୍ରେଣୀ କନିଷ୍ଠ ବିଚାରପତି ବିରଜା ପ୍ରସାଦ ପଣ୍ଡା, ସୁଶ୍ରୀ ଐଶର୍ଯ୍ୟା କର, ସୁଶ୍ରୀ ସିପ୍ରା ପ୍ରିୟଦର୍ଶିନୀ, ଅଶ୍ୱିନ କୁମାର ସାହୁ ପ୍ରମୁଖ ନିଜ ନିଜର କୋର୍ଟର ଦାୟୀତ୍ୱରେ ରହି ମାମଲା ସମାଧାନ କରିଥିବା ବେଳେ ପ୍ରାଧୀକରଣର ସଚିବ ଶ୍ରୀମତୀ ସୌଦାମିନୀ ବିଶ୍ୱାଳ ସମସ୍ତ କୋର୍ଟ ପରିଚାଳନା ଦାୟୀତ୍ୱ ନିର୍ବାହ କରିବା ସଙ୍ଗେ ସଙ୍ଗେ ସ୍ଥାୟୀ ଓ ଚିରନ୍ତନ ଲୋକଅଦାଲତର ମାମଲା ସମାଧାନ କରିଥିଲେ । ସମୁଦାୟ ୨୩୪୩ଟି ମକଦ୍ଦମାରୁ ୨୨୭ଟି ମକଦ୍ଦମାର ସମାଧାନ ହୋଇଥିଲା । ସେଥି ମଧ୍ୟରୁ ବ୍ୟାଙ୍କ ମାନଙ୍କ ମକଦ୍ଦମାରୁ ଟ.୬୮,୭୪, ୪୬୮ଟଙ୍କା ଆଦାୟ କରାଯାଇଥିବା ବେଳେ ମଟରଜାନ ଦୁର୍ଘଟଣା ୩୧ଟି ମାମଲାରୁ ଟ. ୯୮,୫୫,୦୦୦ଟଙ୍କା ଆଦାୟ ହୋଇଛି । ସେହିଭଳି ବୈବାହିକ ମକଦ୍ଦମା ୫୬ଟିରୁ ୯ଟି ସମାଧାନ ହୋଇ କ୍ଷତିପୂରଣ ବାବଦକୁ ଟ.୩,୫୦,୦୦୦ଟଙ୍କା ଆଦାୟ ହୋଇଛି । ପ୍ରାକ୍ ମକଦ୍ଦମା ଜନିତ ୩୯ଟି ମାମଲାରୁ ଟ.୨୧,୭୪, ୪୭୯ଟଙ୍କା ଆଦାୟ ହୋଇଅଛି । ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ କୋର୍ଟ ପରିଚାଳକ ମାନଓ ରଂଜନ ପଟ୍ଟନାୟକ, ନଜୀର ବସନ୍ତ କୁମାର ସାହୁ, ପ୍ରାଧିକରଣ ଅଧିବକ୍ତା ବାର ସଂଘ ଆଇନଜୀବୀ,ପାରା ଆଇନ୍ ସ୍ୱେଚ୍ଛାସେବୀ ଅକ୍ଷୟ କୁମାର ଚକ୍ର, ପ୍ରାଧୀକରଣ କର୍ମୀ ଦେବବ୍ରତ କୁମାର ଦାସ, ଶ୍ରୀମତୀ ସ୍ନେହାଶ୍ରୀ ବାସ୍କେ, ପୂର୍ଣ୍ୟତୋୟା ସାହୁ, ନବକିଶୋର ଦାସ, ନୀରଦ କୁମାର ପରିଡା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ ।

## କନ୍ଧମାଳ ଜିଲ୍ଲାରେ ଆଉ ୭ କୋଭିଡ୍ ସଂକ୍ରମିତ ଚିହ୍ନଟ, ଜିଲ୍ଲାରେ ମୋଟ୍ ୫,୯୨୪

କନ୍ଧମାଳ: କନ୍ଧମାଳ ଜିଲ୍ଲାରେ ଆଜି ପୁଣି ଆଉ ୭ ଜଣ ନୂଆ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେମାନଙ୍କୁ ମିଶାଇ ଜିଲ୍ଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୫,୯୨୪ ରେ ପହଂଚିଛି । ତେବେ କୋଭିଡର ଦ୍ୱିତୀୟ ପର୍ଯ୍ୟାୟର ସଂକ୍ରମଣରେ କନ୍ଧମାଳ ଜିଲ୍ଲାରେ ମୋଟ୍ ୩୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୨ଜଣ ସୁସ୍ଥ ହୋଇଛନ୍ତି ଏବଂ ଅନ୍ୟ ୩୦ ଜଣ ଚିକିତ୍ସାଧିନ ରହିଛନ୍ତି । ଅଦ୍ୟାବଧି ଜିଲ୍ଲାରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୩୩ ରହିଥିବା ନେଇ ଜିଲ୍ଲା ଚିକିତ୍ସା ବିଭାଗ ସୂତ୍ରରୁ ଜଣାପଡିଛି । ତେବେ ଆଜିର ସଂକ୍ରମିତ ମାନଙ୍କ ମଧ୍ୟରୁ ଜିଲ୍ଲାର ଫୁଲବାଣୀ ପୌରାଂଚଳରୁ ସର୍ବାଧିକ ୩ ଜଣ ରହିଥିବାବେଳେ ବାଲିଗୁଡା, କ.ନୂଆଗାଁ ଏବଂ ଟିକାବାଲି ଅଂଚଳରୁ ଜଣେ ଲେଖାଏଁ ଏବଂ ଭୁବନେଶ୍ୱର ସମ ହସପିଟାଲରେ ଜଣେ ଚିହ୍ନଟ ହୋଇଥିବା ଜଣାପଡିଛି ।

## ଶିଶୁ ଚିତ୍ରଶିଳ୍ପୀ ଲଳିତ ନାରାୟଣ ସ୍ୱାଇଁ ସମ୍ବର୍ଦ୍ଧିତ




କଟକ: ୱେବ ଚେନାଲ ଉତ୍କଳ ନ୍ୟୁଜର ପ୍ରଥମ ସ୍ୱନକ୍ଷେତ୍ର ଦିବସ - ୨୦୨୧ ଚୌଦ୍ୱାର ଗାନ୍ଧୀଛକ ପୌର ଟାଉନହଲ ଠାରେ ଅନୁଷ୍ଠିତ ହୋଇ ବିଭିନ୍ନ ପ୍ରତିଭାଙ୍କ ସହ ଚିତ୍ରକଳା ତଥା ଶିକ୍ଷା ଦିଗରେ ଅନନ୍ୟ କୃତିତ୍ୱର ସ୍ୱୀକୃତି ସ୍ୱରୂପ କଟକ ସଦର କନ୍ଦରପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଚତୁର୍ଥ ଶ୍ରେଣୀର କୃତିଛାତ୍ର ଲଳିତ ନାରାୟଣ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ସୂଚନାଯୋଗ୍ୟ ଲଳିତ ବିଭିନ୍ନ ସଂଗଠନ ପକ୍ଷରୁ ପୁରସ୍କୃତ ହୋଇ ଜନ୍ମମାଟି ଫକୀରପଡ଼ା, କନ୍ଦରପୁର ଅଞ୍ଚଳ ପାଇଁ ଗୌରବ ଆଣିବା ସହ ବୁଦ୍ଧିଜୀବୀ ମହଲ ତଥା ବିଭିନ୍ନ ସଂଗଠନ ଯଥା ସରସ୍ୱତୀ କଳା ପରିଷଦ- କରନ୍ଦରପୁର, ବିଷ୍ଣୁପ୍ରିୟା ଚାରିଟେବୁଲ ଟ୍ରଷ୍ଟ, ଓଡ଼ିଶା (ବିସିଟି), ଉତ୍କଳ ବିକାଶ ପରିଷଦ, କଟକ ସଦର, ସ୍ୱର୍ଗତ ବସନ୍ତ ଜେନା ସ୍ମୃତି ସଂସଦ, ଦାମୋଦରପୁର, ମହାଁଣ ସାହିତ୍ୟ ସଂସଦ, ମୁମ୍ବାଇ, ନେତାଜୀ ସୁବାଷ ସ୍ମୃତି ପରିଷଦ, ବୟାଳିଶମୌଜା, ଦୟାନିଧି ପ୍ରତିଭା ବିକାଶ ପ୍ରତିଷ୍ଠାନ ଓ ଆନନ୍ଦ ନୃସିଂହ ସ୍ମୃତି ପୂଜ୍ୟପୂଜା ସଂସଦ, ବୟାଳିଶମୌଜା ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କର ଉତ୍ତରୋତ୍ତର ଉର୍ଣ୍ଣତି କାମନା କରିଛନ୍ତି, ଲଳିତ ଯୁବ ସାମ୍ବାଦିକ ବିଭୁ ପ୍ରସାଦ ସ୍ୱାଇଁ ଓ ସୁଗୃହୀଣୀ ଇତିଶ୍ରୀ ମହାପାତ୍ରଙ୍କ ସୁପୁତ୍ର ଅଟନ୍ତି । ଏହି ଉତ୍ସବରେ ମାନ୍ୟବର ଖାଦ୍ୟ ଯୋଗଣ ଓ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଚୌଦ୍ୱାର କଟକ ବିଧାୟକ ସୌଭିକ ବିଶ୍ୱାଳ, ଚେନାଲ ମୁଖ୍ୟ ସୁନିତା ମହାପାତ୍ର, ସମ୍ପାଦକ ବିଜୟ ଚନ୍ଦ୍ର ମହାନ୍ତି ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଉପସ୍ଥିତ ରହି ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠାଲାଭ କରିଥିବା ପ୍ରତିଭା ମାନଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି ।

## ଡ. ହରେକୃଷ୍ଣ ମହତାବଙ୍କ ଓଡିଶା ଇତିହାସ ପୁସ୍ତକର ହିନ୍ଦୀ ସଂସ୍କରଣ ଉନ୍ମୋଚନ କାର୍ଯ୍ୟକ୍ରମ

କନ୍ଧମାଳ: ଫୁଲବାଣୀରେ ସ୍ଥାନୀୟ ମହିଳା ମହାବିଦ୍ୟାଳୟ ନିକଟରେ ଥିବା ଶକୁନ୍ତଳା କଲ୍ୟାଣ ମଣ୍ଡପଠାରେ ଓଡିଶାର ପ୍ରଥମ ମୁଖ୍ୟମନ୍ତ୍ରୀ ଡ.ହରେକୃଷ୍ଣ ମହତାବଙ୍କ ଦ୍ୱାରା ଓଡିଆ ଭାଷାରେ ଲେଖାଯାଇଥିବା ପୁସ୍ତକ ‘ଓଡିଶା ଇତିହାସ’ ପୁସ୍ତକର ହିନ୍ଦୀ ସଂସ୍କରଣକୁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଉନ୍ମୋଚନ କାର୍ଯ୍ୟକ୍ରମକୁ ଅନଲାଇନ ଜରିଆରେ ପ୍ରସାରିତ କରାଯାଇଛି । ଏଥିରେ ଭାରତୀୟ ଜନତା ପାର୍ଟିର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କମଳାକାନ୍ତ ପାଣ୍ଡେ, କନ୍ଧମାଳ ଜିଲ୍ଲା ଭାଜପାର ପୂର୍ବତନ ସଭାପତି ଲିଙ୍ଗରାଜ ଦଳବେହେରା, ଦେବନାରାୟଣ ପ୍ରଧାନ, ଜିଲ୍ଲା ସମ୍ପାଦକ ଭଗବାନ ମହାନ୍ତି, ଅଜିତ କୁମାର ପଟ୍ଟନାୟକଙ୍କ ସମେତ ଅନ୍ୟାନ୍ୟ ଦଳୀୟ କର୍ମୀ ଏବଂ ନେତୃବୃନ୍ଦ ଯୋଗ ଦେଇଥିଲେ । ଏହାସହିତ ଫୁଲବାଣୀର ବୁଦ୍ଧିଜିବୀ ସାମ୍ବାଦିକ ଏବଂ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ମାନେ ଯୋଗ ଦେଇଥିଲେ । ଏହି ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମ ଅବସରରେ ପ୍ରଧାନମନ୍ତ୍ରୀ ଡ.ହରେକୃଷ୍ଣ ମହତାବଙ୍କୁ ଜଣେ ଉଚ୍ଚକୋଟୀର ଦେଶ ଭକ୍ତ କହିବା ସହିତ ସେ ପ୍ରତ୍ୟେକ୍ଷରେ ଓଡିଶା ଇତିସାହକୁ ଦେଖିବା ସହିତ ଇତିହାସ ରଚନାକାରୀ ଏବଂ ଓଡିଶାର ୨ଶହ ବର୍ଷର ଇତିହାସକୁ ଲେଖିଛନ୍ତି । ଜଣେ ଏହି ପୁସ୍ତକକୁ ପଢିଲେ ଓଡିଶା ବିଷୟରେ ସମସ୍ତ କଥା ଜାଣିପାରିବ ବୋଲି କହିଥିଲେ ।

## କାମରେ ଲାଗୁନି ସରକାରୀ କ୍ୱାଟର୍ସ, କର୍ମଚାରୀ ଦହଗ

ଆନନ୍ଦପୁର: ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ସରକାରୀ କ୍ୱାଟର୍ସ ତିଆରି ହୋଇଛି । ଏହା କୌଣସି କାମରେ ଲାଗୁନାହିଁ । ଫଳରେ କର୍ମଚାରୀମାନେ କାର୍ଯ୍ୟାଳୟ ଠାରୁ ଦୂରରେ ଭଡା ଘରେ ରହି ଦହଗ ହେଉଛନ୍ତି । କେତେକ ସରକାରୀ କ୍ୱାର୍ଟର ନିର୍ମାଣ ପରଠାରୁ ଖାଲି ପଡିଛି । ଆଉ କେତେକ କ୍ୱାର୍ଟର ବର୍ଷ ବର୍ଷ ଧରି ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି । ଘଷିପୁରା ତହସିଲକୁ ଲାଗି ଦୁଇବର୍ଷ ତଳେ ୪୨ଲକ୍ଷ ଟଙ୍କା ବ୍ୟୟରେ ଏକ ସରକାରୀ କ୍ୱାର୍ଟର୍ସ ରାସ୍ତା ଓ ଗୃହ ବିଭାଗ ଦ୍ୱାରା ନିର୍ମାଣ କରାଯାଇଥିଲା । ପାଇଖାନା ଟାଙ୍କି ନିର୍ମାଣ ହୋଇନଥିବାରୁ ଏହା ବ୍ୟବହାରରେ ଲାଗି ପାରୁନି । ଗତ ଦୁଇବର୍ଷ ହେଲା କ୍ୱାର୍ଟର ବ୍ୟବହାର ହେଉ ନଥିବାରୁ ଅଧିକାଂଶ ସ୍ଥାନରେ ଭାଙ୍ଗିରୁଜି ଗଲାଣି । ଘଷିପୁରା ଝାଡେଶ୍ୱର ରାସ୍ତାରେ ରାସ୍ତା ଓ ଗୃହ ବିଭାଗ ଦ୍ୱାରା ରାଜସ୍ୱ ବିଭାଗର କର୍ମଚାରୀଙ୍କ ପାଇଁ ୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ବହୁତଳ ବିଶିଷ୍ଟ ସରକାରୀ କ୍ୱାର୍ଟର ନିର୍ମାଣ କରାଯାଇଛି । ଏହା ଅଦ୍ୟାବଧି ବିଭାଗକୁ ହସ୍ତାନ୍ତର କରାଯାଇ ନଥିବାରୁ କାମରେ ଲାଗିପାରୁ ନାହିଁ । ଏପଟେ ଘଷିପୁରା, ଆନନ୍ଦପୁର ଅତିରିକ୍ତ ତହସିଲଦାର, ରାଜସ୍ୱ ନୀରିକ୍ଷକ, ସୁପରଭାଇଜର, ରାଜସ୍ୱ ବିଭାଗର କର୍ମଚାରୀମାନେ ଭଡା ଘରେ ରହୁଥିବା ଜଣାପଡିଛି । କେତେକ କର୍ମଚାରୀ ଦୂରଦୂରାନ୍ତରୁ ନିଜ ଘରୁ ଆସୁଥିବାରୁ କାର୍ଯ୍ୟାଳୟରେ ବିଳମ୍ବରେ ପହଂଚୁଥିବା ମଧ୍ୟ ଅଭିଯୋଗ ହୋଇଛି । ଏପଟେ ଅନ୍ୟ ତହସିଲରେ କାର୍ଯ୍ୟରତ କର୍ମଚାରୀମାନେ ବର୍ଷ ବର୍ଷ ଧରି ଘଷିପୁରାରେ ବିଭିନ୍ନ ଆଳ ଦେଖାଇ କ୍ୱାର୍ଟରକୁ ମାଡି ବସିଛନ୍ତି । ସେହିପରି ଘଷିପୁରାରେ ଥିବା କୃଷି ବିଭାଗ ଅଧିକାରୀଙ୍କ କାର୍ଯ୍ୟାଳୟ ଭୂତକୋଠିରେ ପରିଣତ ହୋଇଛି । ଏହି କ୍ୱାର୍ଟରରେ ଦୀର୍ଘ ବର୍ଷ ହେଲା କେହି ରହୁନଥିବାରୁ ଏହା ଭାଙ୍ଗିରୁଜି ଜରାଜୀର୍ଣ୍ଣ ଅବସ୍ଥାରେ ପଡି ରହିଛି । ଏପଟେ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାର ମୁଖ୍ୟ ଚିକିତ୍ସାଧିକାରୀ କ୍ୱାର୍ଟର ଦୀର୍ଘବର୍ଷ ହେଲା ଅସୁରକ୍ଷିତ ଘୋଷଣା କରାଯାଇ ଥିବାବେଳେ ନୂଆ କ୍ୱାର୍ଟର ନିର୍ମାଣ କରାଯାଉ ନାହିଁ । ଅନେକ ଡାକ୍ତର ଓ ବିଶେଷଜ୍ଞ ଭଡାଘରେ ରହୁଥିବାରୁ ଚିକିତ୍ସା ସେବା ବାଧାପ୍ରାପ୍ତ ହୋଇଛି । ଆନନ୍ଦପୁର ବ୍ୟାରେଜ କଲୋନୀ ଓ ଜଳସମ୍ପଦ ବିଭାଗ କଲୋନୀରେ ଅନେକ କ୍ୱାର୍ଟର ଏବେ ବି ଜବରଦଖଲକାରୀଙ୍କ କବଳରେ ରହିଥିବା ନେଇ ଅଭିଯୋଗ ହୋଇଛି ।

## ୭ମ ଦିବସରେ ଜନଶକ୍ତି ପାର୍ଟିର ପ୍ଲାକାର୍ଡ ଶୋଭାଯାତ୍ରା




କେନ୍ଦ୍ରାପଡା : କେନ୍ଦ୍ରାପଡା ଜିଲ୍ଲାରେ ଜନଶକ୍ତି ପାର୍ଟି ପକ୍ଷରୁ ଚାଲିଥିବା ପ୍ଲାକାର୍ଡ ଶୋଭାଯାତ୍ରା ର ୭ମ ଦିବସରେ କେନ୍ଦ୍ରାପଡା ଜିଲ୍ଲାରେ ମେଡିକାଲ କଲେଜ ପ୍ରତିଷ୍ଠା, ଜିଲ୍ଲାର ସମସ୍ତ ଡାକ୍ତରଖାନାରେ ଖାଲିଥିବା ଡାକ୍ତର ପଦବୀ ପୁରଣ ଓ ଜିଲ୍ଲାର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାରେ ସୁଧାର ଆଣିବା ପ୍ରଭୃତି ଦାବିରେ ସାନ୍ତସାହି ଧର୍ମଶାଳା ନିକଟରେ, ଚଉଁରୀ ବରହମପୁର, ତହସିଲ କାର୍ଯ୍ୟାଳୟ ପ୍ରଭୃତି ସ୍ଥାନରେ ପ୍ଲାକାର୍ଡ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ପାର୍ଟିର ରାଜ୍ୟ ସଭାପତି ବରିଷ୍ଠ ଆଇନଜୀବି ପ୍ରଦୀପ କୁମାର ଦାଶଙ୍କ ନେତୃତ୍ୱରେ ଅନୁଷ୍ଠିତ ଶୋଭାଯାତ୍ରାରେ କାର୍ଯ୍ୟାଳୟ ସମ୍ପାଦକ ସୁବାଷ ରାଉତ, ଶ୍ରମିକ ସଭାପତି ରମେଶ ଥାଟୋଇ, ପ୍ରଚାର କମିଟି ଅଧକ୍ଷ ସୂର୍ଯ୍ୟମଣୀ ପଣ୍ଡା, ଦଳିତ ସମ୍ପାଦକ ନାରାୟଣ ମଳିକ ଓ ଉପସଭାପତି ବିବେକ ନାୟକ, ଯୁବରାଜ୍ୟ ସମ୍ପାଦକ ପ୍ରଶାନ୍ତ ନାୟକ, କିସୁ ଜେନା, ପିତବାସ ଦାସ, ବନମାଳି ପଣ୍ଡିତ, ନରେନ୍ଦ୍ର ନାୟକ, ଅଶୋକ ରାଉତ, ଅନିଲ ନାୟକ, ସାନୁ ନାୟକ, ଜନ୍ ନାୟକ, କାହ୍ନୁ ନାୟକ ପ୍ରମୁଖ ସାମିଲ ହୋଇଥିଲେ ।

## ବିଡିଓଙ୍କ ନିର୍ଦ୍ଦେଶକୁ ଅଣଦେଖା, ମନରେଗା କାର୍ଯ୍ୟ ଚାଲୁଅଛି ମେସିନ୍‌ରେ

ଆନନ୍ଦପୁର: ଘଷିପୁରା ବ୍ଲକ ସାଇଁକୂଳ ପଂଚାୟତରେ ତିନୋଟି ପୋଖରୀ ଯଥା- ଜୋରାଗଡିଆ, ମରାଗଡିଆ ଏବଂ ସିମିଳି ଗଡିଆରେ ବିନା ସୂଚନା ଫଳକରେ ମେସିନ୍ ସାହାଯ୍ୟରେ କାମ ହେଉଥିବାରୁ ଦୈନିକ ଓଡିଆ ଖବରକାଗଜ ’ସର୍ବସାଧାରଣ’ରେ ଖବର ପ୍ରକାଶିତ ହୋଇଥିଲା । ଏହାପରେ ବିଡିଓଙ୍କ ନିର୍ଦ୍ଦେଶ କ୍ରମେ ୩ ଦିନ କାର୍ଯ୍ୟ ବନ୍ଦ କରି ଆଜି ଠାରୁ ପୁନଶ୍ଚ କାର୍ଯ୍ୟ ଆରମ୍ଭ ହୋଇଛି । ଏ ବାବଦରେ ବିଡିଓଙ୍କୁ ଜଣାଇବାରୁ ସେ କହିଛନ୍ତି ଯେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ।

## ଫୁଲବାଣୀରେ ପୋଲିସ ଓ ସାମ୍ବାଦିକଙ୍କ ମିଳିତ କରୋନା ସଚେତନତା

କନ୍ଧମାଳ: କରୋନା ସଂକ୍ରମଣ ଧିରେଧିରେ ବଢିବାରେ ଲାଗିଛି ସେଥିପାଇଁ କନ୍ଧମାଳରେ ଜିଲ୍ଲା ପ୍ରଶାସନ ତରଫରୁ ବଭିନ୍ନ କଟକଣା ଲଗାଯିବା ସହିତ ଲୋକଙ୍କୁ କୋଭିଡ୍ ଗାଇଡଲାଇନ ମାନିବାକୁ ବିଭିନ୍ନ ନିୟମ ଲାଗୁ କରାଯାଇଛି । ସେଥି ମଧ୍ୟରୁ ଦଣ୍ଡନାଚ ବେଳେ ଦଣ୍ଡୁଆ ମାନଙ୍କୁ ସହରକୁ ନ ଆସିବା, ଗୋଟିଏ ଯାଗାରେ ଶହେରୁ ଅଧିକ ଲୋକ ଏକାଠି ନହେବା, ମାଇକ୍ ବଜାଇବା ଏବଂ ନୃତ୍ୟ ଆଦି ପରିବେଷଣ କରିବାକୁ ମଧ୍ୟ ବାରଣ କରାଯାଇଛି ପ୍ରଶାସନ ତରଫରୁ । ତେବେ ଫୁଲବାଣୀରେ କିଛି ଲୋକ ଏହି ନିୟମକୁ ମାନୁନଥିବା ଦେଖାଦେଇଛି । ସେମାନେ ମୁହଁରେ ମାସ୍କ ପିନ୍ଧୁନଥିବା ଏବଂ ବଜାରରେ ସାମାଜିକ ଦୂରତାକୁ ବଜାୟ ନରଖିବା ଯାଗୁଁ ଆଜି ପୋଲିସ ଏବଂ ଫୁଲବାଣୀର ସାମ୍ବାଦିକ ମାନଙ୍କ ସହିତ ମିଳିତ ଅଭିଯାନ କ୍ରମେ ଏକ ଜନସଚେନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆଜି ସକାଳୁ ଫୁଲବାଣୀ ଆଦର୍ଶ ଥାନାଠାରୁ ଫୁଲବାଣୀ ଉପଖଣ୍ଡ ପୋଲିସ ଅଧିକାରୀ ମହେନ୍ଦ୍ର କୁମାର ମୁର୍ମୁଙ୍କ ନେତୃତ୍ୱରେ ଫୁଲବାଣୀ ଥାନା ଅଧିକାରୀ ସୁଶାନ୍ତ କୁମାର ସେଠୀଙ୍କ ସମେତ ପୋଲିସ ବାହିନୀ ଫୁଲବାଣୀ ପ୍ରେସ କ୍ଲବ ସଭାପତି ଶିବପ୍ରସାଦ ତ୍ରିପାଠୀଙ୍କ ନେତୃତ୍ୱରେ ସମ୍ପାଦକ ଅଜିତ କୁମାର ମହାରଣାଙ୍କ ସମେତ ଫିଲିମୋହନ ନାୟକ, ସଦାଶିବ ପାତ୍ର, ସୁଜିତ କୁମାର ବେହେରା, ପ୍ରଶାନ୍ତ କୁମାର ବେହେରା, ବୈଦ୍ୟନାଥ ନାୟକ, ଭି.ଲୋକନାଥ ରାଜୁ, ଅଶୋକ ମିଶ୍ର, ଆଦିତ୍ୟ ପ୍ରସାଦ ତ୍ରିପାଠୀ, ବିରେନ୍ଦ୍ର କୁମାର ସୁବୁଦ୍ଧି ଏବଂ ଅନ୍ୟ ମାନେ ଯୋଗଦେଇ ଲୋକଙ୍କୁ ମାସ୍କ ପିନ୍ଧିବାକୁ ପରାମର୍ଶ ଦେଇଥିଲେ । ତେବେ ଏହି ସଚେତନତା କାର୍ଯ୍ୟକ୍ରମ ବର୍ତ୍ତମାନ ଜାରୀ ରହିବ ଲୋକେ ଏହାକୁ ନମାନିଲେ ସେମାନଙ୍କଠାରୁ ଜରିମାନା ମଧ୍ୟ ଆଦାୟ କରାଯିବ ବୋଲି କହିଛନ୍ତି ଏସଡିପିଓ ମହେନ୍ଦ୍ର କୁମାର ମୁର୍ମୁ ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray